

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୦ ମାର୍ଚ୍ଚ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 10 MARCH 2021
Vol.No. 32 ■ No. 66 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅପେକ୍ଷାର୍ ଅବସାନ ଘଟାଇ୍ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ପାରାଦୀପ ପ୍ଲାଷ୍ଟିକ ପାର୍କ ରାଜ୍ୟର ସର୍ବାଙ୍ଗୀନ ବିକାଶ ପାଇଁ ସମ୍ଭାବନା ଆଣିବ : ଧର୍ମେନ୍ଦ୍ର

ପାରାଦୀପ,୦୯/୦୩ (ନି.ପ୍ର): ପାରାଦୀପ ପ୍ଲାଷ୍ଟିକ୍ ପାର୍କର ବିକାଶ ପାଇଁ ମଙ୍ଗଳବାର ଆଇଓସିଏଲ ଓ ଇଡକୋ ମଧ୍ୟରେ ଏମଓୟୁ ସ୍ୱାକ୍ଷର ହୋଇଛି । ଭିଡ଼ିଓ କନଫରେନ୍ସିଂ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏଥିରେ ଯୋଗ ଦେଇଥିଲେ । ପ୍ରଧାନମନ୍ତ୍ରୀଙ୍କ 'ପୂର୍ବୋଦୟ' ମିଶନରେ ନିର୍ମାଣ ହେବାକୁ ଥିବା ପାରାଦୀପ ପ୍ଲାଷ୍ଟିକ ପାର୍କ ରାଜ୍ୟର ସର୍ବାଙ୍ଗୀନ ବିକାଶ ପାଇଁ ଅନେକ ସମ୍ଭାବନା ଆଣିବ ବୋଲି ଏହି ଅବସରରେ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ରାଜ୍ୟ ସରକାର ସଂଘୀୟ ଢାଂଚାରେ କେନ୍ଦ୍ର ସରକାରଙ୍କ ସହଯୋଗ ତଥା ନିଜ ଦାୟିତ୍ୱ ନେଇ ପୂରଣ କଲେ ଓଡିଶାର ସର୍ବାଙ୍ଗୀନ ବିକାଶ ହେବ ।




ସେହିପରି ଏହି ବୁଝାମଣା ପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମରେ ଧର୍ମେନ୍ଦ୍ର ପ୍ରଧାନ ଓଡିଶାରେ ଯୁବକଯୁବତୀଙ୍କ ରୋଜଗାର ପାଇଁ ଶିକ୍ଷାୟନର ବିକାଶ ଉପରେ ଗୁରୁତ୍ୱାରୋପ କରିବା ସହ ରାଜ୍ୟ ସରକାରଙ୍କ ଠାରୁ ପାରାଦୀପ ବିଶୋଧନାଗରର ସମ୍ପ୍ରସାରଣ, ଟେକ୍ସଟାଇଲ ଶିଳ୍ପ ସ୍ଥାପନ ତଥା ରାଜ୍ୟରେ ବିଭିନ୍ନ ପେଟ୍ରୋକେମିକାଲ ଓ ଅନ୍ୟାନ୍ୟ ଶିକ୍ଷାୟନର ଅଭିବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ଠାରୁ ଅପେକ୍ଷା ରଖିଛନ୍ତି । ପାରାଦୀପ ରିଫାଇନାରୀର କ୍ଷମତା ୧୫ରୁ ୨୫ ମିଲିୟନ ଟନ

▶▶ପୃଷ୍ଠା ୭

## ୧୫ରୁ ୨ ଦିନିଆ ବ୍ୟାଙ୍କ ଧର୍ମଘଟ

ଭୁବନେଶ୍ୱର,୦୯/୦୩ (ନି.ପ୍ର): ଆସନ୍ତା ମାର୍ଚ୍ଚ ୧୫ (ସୋମବାର) ଓ ୧୬ ତାରିଖ (ମଙ୍ଗଳବାର) ୨ ଦିନିଆ ସର୍ବଭାରତୀୟ ବ୍ୟାଙ୍କ ଧର୍ମଘଟ ଡାକରା ଦେଇଛି ଅଲ୍ ଇଣ୍ଡିଆ ବ୍ୟାଙ୍କ ଅଫିସର୍ସ କନଫେଡେରେସନ। ଏହି ଦୁଇ ଦିନ ଧର୍ମଘଟ ଯୋଗୁ ଅଧିକାଂଶ ପବ୍ଲିକ ସେକ୍ଟର ବ୍ୟାଙ୍କ ଓ ଘରୋଇ ବ୍ୟାଙ୍କ ବନ୍ଦ ରହିବ। ବ୍ୟାଙ୍କ ଘରୋଇକରଣ ନିଷ୍ପତିକୁ ବିରୋଧ କରି ଏହି ଧର୍ମଘଟ ଡାକରା ଦିଆଯାଇଛି। ଧର୍ମଘଟରେ ସାମିଲ ରାଜ୍ୟର ୫୫୦୦ ବ୍ୟାଙ୍କର ୩୦ ହଜାର କର୍ମଚାରୀ ସାମିଲ୍ହେବେବୋଲି ଏଆଇବିଓସିର ଓଡ଼ିଶା ୟୁନିଟ୍ ସଭାପତି ଦାମୋଦର ନନ୍ଦ ସୂଚନା ଦେଇଛନ୍ତି । ସେହିପରି ଚଳିତ ସପ୍ତାହର ଦ୍ୱିତୀୟ ଶନିବାର ୧୩ ତାରିଖ ଓ ରବିବାର ୧୪ ତାରିଖ ଛୁଟି ଥିବାରୁ ଚଳିତ ସପ୍ତାହରେ ୪ ଦିନ ବ୍ୟାଙ୍କ ଛୁଟି ରହିବ।

## ଗୋଟିଏ ଦିନରେ ୫୭ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୦୯/୦୩(ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୫୭ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୩୭୮୬୦ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୩୩୫୧୬୮ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୭୨୨ ରହିଛି।

▶▶ପୃଷ୍ଠା ୭

## ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ତ୍ରିବେନ୍ଦ୍ର ସିଂ ରାୱତ

ଭୁବନେଶ୍ୱର,୦୯/୦୩ (ନି.ପ୍ର): ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ତ୍ରିବେନ୍ଦ୍ର ସିଂ ରାୱତ । ରାଜ୍ୟପାଳ ବେବିରାଣୀ ମୌର୍ଯ୍ୟଙ୍କୁ ଦେଲେ ନିଜ ଇସ୍ତଫା ପତ୍ର । ଇସ୍ତଫା ପତ୍ର ଦେବା ପରେ ପ୍ରେସମିଟ କରି ସୂଚନା ଦେଲେ ତ୍ରିବେନ୍ଦ୍ର ସିଂ ରାୱତ । ତେବେ କୁହାଯାଉଛି ଯେ ବୁଧବାରକୁ ନୂଆ ମୁଖ୍ୟମନ୍ତ୍ରୀଙ୍କ ନାଁ ଘୋଷଣା କରାଯିବ । ତେବେ କିଏ ହେବ ନୂଆ ମୁଖ୍ୟମନ୍ତ୍ରୀ ତାକୁ ନେଇ ଏବେ କଳ୍ପନା ଜଳ୍ପନା ଲାଗି ରହିଛି । ତ୍ରିବେନ୍ଦ୍ର ସିଂ ରାୱତ ପ୍ରେସ କନଫରେନ୍ସ କରି କହିଛନ୍ତି, ବହୁତ ସମୟ ଧରି ରାଜନୀତି କରିଛି । ୪



ବର୍ଷ ପାଇଁ ପାର୍ଟି ମତେ ସିଏମ ଭାବେ କାର୍ଯ୍ୟ କରିବାର ଦାୟିତ୍ୱ ଦେଇଥିଲା । ଏହି ସମୟ ମଧ୍ୟରେ ଦଳ ପକ୍ଷରୁ ମତେ ବହୁତ ସମ୍ମାନ ମିଳିଛି ।

## ଓଜେଏସ୍‌ରେ ୪୭ ଜଣ କୃତକାର୍ଯ୍ୟ

ଭୁବନେଶ୍ୱର,୦୯/୦୩ (ନି.ପ୍ର): ଓଡ଼ିଶା ଜୁଡିସିଆଲ ସର୍ଭିସ (ଓଜେଏସ୍) ର ଚୂଡ଼ାନ୍ତ ରେଜଲ୍ଟ ପ୍ରକାଶ ପାଇଛି । ଏଥିରେ ମୋଟ ୪୭ ପ୍ରାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି । କୃତକାର୍ଯ୍ୟ ୪୭ ପ୍ରାର୍ଥୀଙ୍କ ମଧ୍ୟରେ ୩୦ ଜଣ ମହିଳା ରହିଛନ୍ତି । କୃତକାର୍ଯ୍ୟ ସମସ୍ତ ପ୍ରାର୍ଥୀ ସିଭିଲ ଜଜ୍ ଭାବେ ନିଯୁକ୍ତି ପାଇବେ । କୁଚିଣ୍ଡାର ଇର୍ସିତା କେସରୱାନି ଓଜେଏସ୍ ଟପ୍ପର ହୋଇଛନ୍ତି।

## ଆୟତ୍ତ ହେଉଛି ଅଣାୟତ୍ତ ନିଆଁ : ଟାସ୍କଫୋର୍ସ ମୁଖ୍ୟ

ଭୁବନେଶ୍ୱର,୦୯/୦୩(ନି.ପ୍ର): ନିୟନ୍ତ୍ରଣକୁ ଆସୁଛି ଜଙ୍ଗଲ ନିଆଁ । ରାଜ୍ୟରେ ବିଭିନ୍ନ ସ୍ଥାନରେ ଜଳୁଥିବା ନିଆଁ ଆୟତ୍ତକୁ ଆସୁଛି । ଜଙ୍ଗଲ ନିଆଁ ପ୍ରସଙ୍ଗରେ ଟାସ୍କଫୋର୍ସ ଅଧ୍ୟକ୍ଷ ସନ୍ଦୀପ ତ୍ରିପାଠୀ ସୂଚନା ଦେବା ବେଳେ ଆଶ୍ୱସ୍ତିକର ଖବର ଦେଇଛନ୍ତି । ତେବେ ସନ୍ଦୀପଙ୍କ ସୂଚନା ମୁତାବକ ୯୫ ପ୍ରତିଶତ ଭାଗରୁ ଅଧିକ ଫାୟାର ପଏଣ୍ଟରେ ନିଆଁ ନିୟନ୍ତ୍ରଣକୁ ଆସିଛି । ଏ ସମସ୍ତ ସ୍ଥାନରେ ଅଣାୟତ୍ତ ନିଆଁକୁ ଆୟତ୍ତ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଏସବୁ କରାଯାଇ ପାରିଛି । ନିଆଁ ଲାଗିଥିବା ୬୨୫୮ ଫାୟାର ପଏଣ୍ଟରୁ ୩୨୮୫କୁ ହ୍ରାସ ପାଇଛି



ବୋଲି ଟାସ୍କଫୋର୍ସ ଅଧ୍ୟକ୍ଷ କହିଛନ୍ତି । ଅନ୍ୟପଟେ ରାଜ୍ୟ ସାରା ନିଆଁଲିଭା ପାଇଁ ୧୦୦ଟି ଦଳ ନିୟୋଜିତ ହୋଇଛନ୍ତି । ଜୀବନକୁ ବାଜିରେ ଲଗାଇ ଜଙ୍ଗଲ ଯୋଦ୍ଧାମାନେ ପ୍ରକୃତୁକୁ ରକ୍ଷା କରିବାକୁ ପ୍ରଚେଷ୍ଟା ଚଳାଇଛନ୍ତି । ତେବେ ଜଙ୍ଗଲ ନିଆଁ ନେଇ ସ୍ଥିତି ସମୀକ୍ଷା କରିଛନ୍ତି ମୁଖ୍ୟ ଶାସନ ସଚିବ । ବୈଠକରେ ସାମିଲ ଥିଲେ ଜିଲ୍ଲାପାଳ, ଏସପି ଓ ବନଖଣ୍ଡ ଅଧିକାରୀ ।

## ୧୨ରୁ ବିଧାନସଭାରେ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ବିଧାୟକମାନଙ୍କରେ ପୁଣି ହେବ କୋଭିଡ୍ ଟେଷ୍ଟ

ଭୁବନେଶ୍ୱର,୦୯/୦୩(ନି.ପ୍ର): ଆସନ୍ତା ୧୨ତାରିଖରୁ ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ବଜେଟ୍ ଅଧିବେଶନ ଆରମ୍ଭ ହେବାକୁ ଯାଉଛି । କରୋନା ସଂକ୍ରମଣକୁ ଆଖି ଆଗରେ ରଖି ଏହି ଅଧିବେଶନ ପୂର୍ବରୁ କେତେକ ସତର୍କତାମୂଳକ ପଦକ୍ଷେପ ନିଆଯାଇଛି । ଏନେଇ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ସୂଚନା ଦେଇ କହିଛନ୍ତି ଯେ, ବିଧାନସଭାକୁ ପ୍ରବେଶ କରିବାକୁ ଥିବା ସମସ୍ତଙ୍କର କୋଭିଡ୍ ଟେଷ୍ଟ ହେବ। ସମସ୍ତ ବିଧାୟକଙ୍କର ଆଣ୍ଟିଜେନ ଟେଷ୍ଟ କରାଯିବ। ଏମାନଙ୍କ ଭିତରୁ ଯେଉଁମାନଙ୍କ ରିପୋର୍ଟ ନେଗେଟିଭ୍ ଆସିବ,



ସେମାନଙ୍କୁ କେବଳ ବିଧାନସଭାରେ ପ୍ରବେଶ କରିବାକୁ ଅନୁମତି ଦିଆଯିବ ବୋଲି ସେ କହିଛନ୍ତି । ଏହି ଟେଷ୍ଟ ରିପୋର୍ଟ ମାତ୍ର ୧୦ ମିନିଟ୍ ଭିତରେ ଆସିଯିବ ବୋଲି କୁହାଯାଇଛି ।

## ଓଡ଼ିଶାରେ ଜଙ୍ଗଲ ଜଳିବା ନେଇ ହାଇକୋର୍ଟରେ ମାମଲା ହେଲିକପ୍ଟରରେ ଆକାଶମାର୍ଗରୁ ନିଆଁ ଲିଭାଇବାକୁ ନିବେଦନ

ଭୁବନେଶ୍ୱର,୦୯/୦୩ (ନି.ପ୍ର): ଓଡ଼ିଶାରେ ଜଙ୍ଗଲ ଜଳିବା ନେଇ ହାଇକୋର୍ଟରେ ମାମଲା । ହେଲିକପ୍ଟରରେ ଆକାଶମାର୍ଗରୁ ନିଆଁ ଲିଭାଇବାକୁ ନିବେଦନ । ଭାରତୀୟ ବିକାଶ ପରିଷଦ ପକ୍ଷରୁ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି । ଜଙ୍ଗଲ ଜଳିବା ଯୋଗୁଁ ଜଳବାୟୁ ପ୍ରଭାବିତ ହେବା ଆଶଙ୍କା ରହିଛି । ଜଙ୍ଗଲ ଜଳିବା ଯୋଗୁଁ ବନ୍ୟଜନ୍ତୁଙ୍କ ପାଇଁ ବିପଦ ରହିଛି । ରାଜ୍ୟ ଜଙ୍ଗଲ ବିଭାଗ ସଚିବଙ୍କୁ କରାଯାଇଛି ପକ୍ଷଭୁକ୍ତ କରାଯାଇଛି । ସେପଟେ ଶିମିଳିପାଳରେ ନିଆଁ ଲିଭା କାର୍ଯ୍ୟ ଚାଲିଥିବା ନେଇ ଟ୍ୱିଟ୍ କରି ସୂଚନା



ଦେଇଛନ୍ତି, ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ଟାସ୍କଫୋର୍ସର ଅଧ୍ୟକ୍ଷ ସନ୍ଦୀପ ତ୍ରିପାଠୀ । ଦୁଇଟି ଓଡ୍ରାଫ ଟିମ୍ ନିୟୋଜିତ ହୋଇଥିବାବେଳେ, ନିଆଁ ଲିଭାଇବାକୁ ପ୍ରୟାସ ଜାରି ରହିଛି । ଶିମିଳିପାଳର ପିଠାବଟା ରେଞ୍ଜରେ ନିୟୋଜିତ ହୋଇଛନ୍ତି ଓଡ୍ରାଫ ପଂଚମ ବାଟାଲିୟନର ଏକ ଟିମ୍ । ସେହିପରି ବାଲେଶ୍ୱର ଓଡ୍ରାଫର ଏକ ଟିମ୍ ଜଶିପୁର ରେଞ୍ଜରେ ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି । ଜଙ୍ଗଲ ନିଆଁ ଲିଭା କାମକୁ ଅନୁଧ୍ୟାନ କରିବା ସହ ନିଆଁ ଲିଭା କାମକୁ ତ୍ୱରାନ୍ୱିତ କରିବା ପାଇଁ ଏକ ରାଜ୍ୟସ୍ତରୀୟ ଟାସ୍କଫୋର୍ସ କମିଟି ଗଠନ କରାଯାଇଛି । ପୂର୍ବତନ ପିସିସିଏଫ ସନ୍ଦୀପ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ୯ ଜଣିଆ ଟାସ୍କଫୋର୍ସ ଗଠନ ହୋଇଛି । ଅତି ଆଧୁନିକ ପ୍ରକ୍ରିୟାରେ ନିଆଁକୁ କିଭଳି ଲିଭା ଯାଇ ପାରିବ ସେନେଇ ପ୍ରୟାସ କରିବ ଏହି କମିଟି । ସେହିପରି ନିଆଁ ଲାଗିବାର କାରଣ ମଧ୍ୟ ଖୋଜିବ ।

## ଜାଗର ପାଇଁ ଜାରି ହେଲା ଗାଇଡଲାଇନ

ଭୁବନେଶ୍ୱର,୦୯/୦୩ (ନି.ପ୍ର): ଜାଗର ପାଇଁ ଜାରି ହେଲା କଟକଣା । କରୋନା ମହାମାରୀକୁ ଦୃଷ୍ଟିରେ ଏସଆରସିଙ୍କ ପକ୍ଷରୁ ଗାଇଡଲାଇନ ଜାରି କରାଯାଇଛି । ଶିବ ମନ୍ଦିର ଭିତରେ ଓ ବାହାରେ ଗହଳି ଉପରେ କଟକଣା ଜାରି କରାଯାଇଥିବା ବେଳେ ଯେପରି କୌଣସି ମେଳା ନ ପଡେ ତାହା ଉପରେ ମଧ ଦୃଷ୍ଟି ଦେବାକୁ କୁହାଯାଇଛି । ଏନେଇ ସମସ୍ତ ଜିଲ୍ଲାପାଳ ଓ ମ୍ୟୁନିସପାଲ କମିଶନରଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ କମିଶନର । ଗାଇଡଲାଇନ ଅନୁଯାୟୀ, ଯେଉଁମାନେ ନିୟମ



ଉଲ୍ଲଂଘନ କରିବେ ସେମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚିଠିରେ ଉଲ୍ଲେଖ ରହିଛି । ଆସନ୍ତା ୧୧ ତାରିଖରେ ରାଜ୍ୟରେ ପାଳିତ ହେବ ମହାଶିବରାତ୍ରୀ । ପୂର୍ବରୁ ଜାଗର ଉପଲକ୍ଷେ ବିଭିନ୍ନ ଶୈବପୀଠରେ ମେଳା ବସିଥାଏ । କିନ୍ତୁ ଏଥର ମେଳା ବସିବା ଉପରେ କଟକଣା ଜାରି କରାଯାଇଛି । ତେବେ ଏନେଇ ସ୍ଥାନୀୟ ପ୍ରଶାସନ ନିଷ୍ପତି ନେବେ ବୋଲି ଚିଠିରେ କୁହାଯାଇଛି । କରୋନା ସଂକ୍ରମଣକୁ ଆଖି ଆଗରେ ରଖି ଏଭଳି ସତର୍କତାମୂଳକ ପଦକ୍ଷେପ ନିଆଯାଇଛି।

## କୋଲକାତା ଅଗ୍ନିକାଣ୍ଡ : ଆହତଙ୍କ ଆଶୁ ଆରୋଗ୍ୟ କାମନା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୦୯/୦୩ (ନି.ପ୍ର): କୋଲାକାତାରେ ସଂଘଟିତ ଅଗ୍ନିକାଣ୍ଡରେ ଜୀବନହାନି ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଦୁଃଖପ୍ରକାଶ କରିଛନ୍ତି। ଏହି ଦୁଃଖଦ ସମୟରେ ଶୋକ ସନ୍ତପ୍ତ ପରିବାରବର୍ଗଙ୍କ ଉଦ୍ଦେଶ୍ୟରେ ନିଜ ଭାବନା ଓ ପ୍ରାର୍ଥନା ପ୍ରକଟ କରି ମୁଖ୍ୟମନ୍ତ୍ରୀ ଚିକିତ୍ସାଧୀନ ଥିବା ବ୍ୟକ୍ତିମାନଙ୍କ ଦ୍ରୁତ ଆରୋଗ୍ୟ କାମନା କରିଛନ୍ତି।

## ଯାଜପୁର କଳରଙ୍ଗୀ ଖଣି ଅଂଚଳରେ ଆଦିବାସୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ : ୪ ଅଭିଯୁକ୍ତ ଗିରଫ

ଯାଜପୁର,୦୯/୦୩ (ନି.ପ୍ର): ଯାଜପୁର କଳରଙ୍ଗୀ ଖଣି ଅଂଚଳରେ ଆଦିବାସୀ ନାବାଳିକାଙ୍କୁ ଗଣଦୁଷ୍କର୍ମ । ବୃତ୍ତି ଟଙ୍କା ଆଣିବାକୁ ଯାଇଥିବାବେଳେ ଜଣେ କଲେଜ ଛାତ୍ରୀଙ୍କୁ ଦୁଷ୍କର୍ମ କରିଛନ୍ତି ୪ ଜଣ । ମହିଳା ଦିବସ ପୂର୍ବ ରାତିରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଭଳି ଲଜ୍ଜାଜନକ ଘଟଣାକୁ ନେଇ ଆଲୋଡନ ସୃଷ୍ଟି ହୋଇଛି । ଘଟଣାରେ ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ କୋର୍ଟରେ ହାଜର କରିଥିଲା । ସମସ୍ତ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ହେଲେ ସାଂଘାତିକ କଥା ହେଉଛି ମୁଖ୍ୟ ଅଭିଯୁକ୍ତ ଜଣକ ଓଡିଶା ପୋଲିସର ଓଆଇଏସଏଫ କାଳିଆପାଣି ୟୁନିଟରେ ରୋଷେୟା ଭାବେ କାମ କରୁଥିଲେ । ମୁଖ୍ୟ ଅଭିଯୁକ୍ତ ସନ୍ତୋଷ ପୃଷ୍ଟି ସମେତ ରବି, ସିଲୁ ଓ ବବଲୁକୁ ଗିରଫ କରାଯାଇଛି । ଦୁର୍ବୃତ୍ତଙ୍କ କବଳରୁ ନିଜକୁ ରକ୍ଷା କରିବା ପାଇଁ ନାବାଳିକା ଜଣକ ଉଲଗ୍ନ ଅବସ୍ଥାରେ ଦୌଡି ଦୌଡି ଜଣେ ଗୃହରକ୍ଷୀଙ୍କ ଘରେ ସରଣ ନେଇଥିଲେ । କଳିଙ୍ଗନଗର ଥାନା ଏକ ଗାଁର ଏହି ପୀଡ଼ିତା ଗତକାଲି ତାଙ୍କ ବୃତ୍ତି ଅର୍ଥ ପାଇବା ଆଶାରେ ପୁରୁଷ ସହପାଠୀଙ୍କ ସହ ବ୍ରାହ୍ମଣୀପାଳ ଯାଇଥିଲେ। ସେଠାରୁ ଫେରି ଦୁହେଁ ଡୁବୁରି ଆସିଥିଲେ । ଡୁବୁରିରୁ ବସ୍ ଯୋଗେ ଉଭୟ କାଳିଆପାଣି ପହଞ୍ଚିଲାବେଳକୁ ରାତି ୮ଟା ହୋଇ ଯାଇଥିଲା। ଦୁହେଁ ବଜାରରୁ ପୋଷାକ କିଣାକିଣି କରି ଟାଟା ମେନଗେଟ୍ ସମ୍ମୁଖ ଏକ ଜଳଖିଆ ଦୋକାନରେ ରାତ୍ର ଭୋଜନ କରିଥିଲେ। ଏଠୁ ପାଖାପାଖି ୪ କିଲୋମିଟର ଦୂର କଳରଙ୍ଗି ଗାଁର ପୁରୁଷ ସହପାଠୀଙ୍କ ଘରକୁ ଚାଲିଚାଲି ବାହାରିଥିଲେ। ବଜାରରେ ବୁଲୁଥିବା ବେଳେ ସେମାନଙ୍କ ଗତିବିଧିକୁ ରବି ଓ ବବୁଲୁ ଅନୁଧ୍ୟାନ କରିଥିଲେ। ଅଭିଯୁକ୍ତମାନେ ଡକାଡକି ହୋଇ ପୀଡ଼ିତା ଓ ତାଙ୍କ ସହପାଠୀଙ୍କୁ ପିଛା କରିଥିଲେ ।

▶▶ପୃଷ୍ଠା ୭

## ନୂତନ ପୋଲିସ କମିଶନର ଭାବେ ଦାୟିତ୍ୱ ନେଲେ ସୌମେନ୍ଦ୍ର ପ୍ରିୟଦର୍ଶୀ

ଭୁବନେଶ୍ୱର,୦୯/୦୩ (ନି.ପ୍ର): କଟକ-ଭୁବନେଶ୍ୱର ଦ୍ୱୈତନଗରୀର ନୂତନ ପୋଲିସ କମିଶନର ଭାବେ ବରିଷ୍ଠ ଆଇପିଏସ୍ ଅଧିକାରୀ ସୌମେନ୍ଦ୍ର ପ୍ରିୟଦର୍ଶୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ମଙ୍ଗଳବାର ଅପରାହ୍ନରେ ଭୁବନେଶ୍ୱର ରସ୍ଥିତ କମିଶନରେଟ୍ ପୋଲିସ୍ କାର୍ଯ୍ୟାଳୟ ଠାରେ ସୌମେନ୍ଦ୍ର ପ୍ରିୟଦର୍ଶୀ ଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଏହି ଅବସରରେ ନୂତନ ପୋଲିସ କମିଶନର ଶ୍ରୀ ପ୍ରିୟଦର୍ଶୀ କହିଛନ୍ତି ଯେ ସେ ସୁଚାରୁରୂପେ ନିଜର ଦାୟିତ୍ୱ ସଂପନ୍ନ କରିବେ। ପୂର୍ବତନ ପୋଲିସ କମିଶନରଙ୍କ ଏଜେଣ୍ଡାକୁ ମଧ୍ୟ କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରିବେ। ଦୁଇ ସହରର



ଆଇନଶୃଙ୍ଖଳା ପରିସ୍ଥିତି ସୁଧାରିବେ ବୋଲି ସେ କହିଛନ୍ତି। ଏଥିଲାଗି ସେ କଟକ-ଭୁବନେଶ୍ୱର ବାସୀଙ୍କ ସହଯୋଗ କାମନା କରିଛନ୍ତି ଏବଂ ଦ୍ୱୈତ ନଗରୀବାସୀଙ୍କ ଧନଜୀବନ ସୁରକ୍ଷାକୁ ସେ ପ୍ରାଧାନ୍ୟ ଦେବେ ବୋଲି କହିଛନ୍ତି। ୧୯୯୫ ବ୍ୟାଚ୍ ର ଓଡ଼ିଆ ଆଇପିଏସ୍ ଅଫିସର ସୌମେନ୍ଦ୍ର ପ୍ରିୟଦର୍ଶୀ ଏହା ପୂର୍ବରୁ ବିଭିନ୍ନ ଜିଲ୍ଲାର ଏସପି ଭାବେ କାର୍ଯ୍ୟ କରିସାରିଛନ୍ତି। ସୂଚନାଯୋଗ୍ୟ, ଗତକାଲି ରାଜ୍ୟ ପୋଲିସ ବିଭାଗରେ ଏକ ଛୋଟ ଧରଣର ଅଦଳବଦଳ ହୋଇଥିଲା। କଟକ-ଭୁବନେଶ୍ୱର ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀଙ୍କୁ ଓଡ଼ିଶା ପୋଲିସ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ (ଓପିଏଚଡବ୍ଲୁସି)ର ସିଏମଡି ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ କ୍ରାଇମବ୍ରାଂଚ ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ନୂଆ ପୋଲିସ କମିଶନର ଭାବେ ନିଯୁକ୍ତି ମିଳିଥିଲା।

## ଜଙ୍ଗଲ ନିଆଁ ଲିଭାଇବାକୁ ଜନସଚେତନତା ଜରୁରୀ : ମନ୍ତ୍ରୀ

ଭୁବନେଶ୍ୱର,୦୯/୦୩ (ନି.ପ୍ର) : ଶିମିଳିପାଳ ଜଙ୍ଗଲ ନିଆଁ ଆୟତ କରିବା ପାଇଁ ବହୁଳ ଜନସଚେତନତା ଅତ୍ୟନ୍ତ ଜରୁରୀ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁଦାମ ମାର୍ଣ୍ଡି କହିଛନ୍ତି। ଆଜି ବାରିପଦା ଠାରେ ଏକ ଜରୁରୀ ବୈଠକରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ମାର୍ଣ୍ଡି ଗଭୀର ଉଦବେଗ ପ୍ରକାଶ କରିଥିଲେ। ମୟୁରଭଞ୍ଜ ଜିଲ୍ଲାପାଳ ଶ୍ରୀ ବିନିତ ଭରଦ୍ୱାଜଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜରୁରୀ ବୈଠକରେ ଏହି ଚିନ୍ତାଜନକ ସ୍ଥିତିର ବିଭିନ୍ନ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ସ୍ଥାନୀୟ ଗ୍ରାମବାସୀ, ବେସରକାରୀ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ସଂସ୍ଥାମାନଙ୍କୁ ଏହି ନିଆଁଲିଭା କାର୍ଯ୍ୟରେ ସାମିଲ କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ବିଶେଷ କରି ଗ୍ରାମବାସୀମାନଙ୍କ ମଧ୍ୟରେ ଜଙ୍ଗଲ ସୁରକ୍ଷା, ଜଙ୍ଗଲର ବିଶେଷତା ଓ ଜଙ୍ଗଲ ନିଆଁ ଆୟତ ଉପରେ ବହୁଳ ଜନସଚେତନତା ସୃଷ୍ଟି କରିବା ପାଇଁ ମନ୍ତ୍ରୀ କହିଥିଲେ। ସରକାରଙ୍କ ତରଫରୁ ସମସ୍ତ ପ୍ରକାର ଆବଶ୍ୟକୀୟ ସାହାଯ୍ୟ ଯୋଗାଇ ଦିଆଯାଉଛି। ଅନେକ ପ୍ରକାରର ପଦକ୍ଷେପ ଗ୍ରହଣ କରାଯାଉଛି। ଜଙ୍ଗଲ ନଷ୍ଟ ମାନବ ସମାଜ ପାଇଁ ଏକ ଚରମ ବିପତି। ତେଣୁ ସବୁବର୍ଗର ଲୋକଙ୍କୁ ଜଙ୍ଗଲ ନିଆଁ ଆୟତ କାର୍ଯ୍ୟରେ ସାମିଲ କରିବା ଉପରେ ମନ୍ତ୍ରୀ ଶ୍ରୀ ମାର୍ଣ୍ଡି ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ, ସମସ୍ତ ଜିଲ୍ଲା ବନ ଅଧିକାରୀ, ସମସ୍ତ ଉପଜିଲ୍ଲାପାଳ ତଥା ଶିମିଳିପାଳ ଜଙ୍ଗଲ ପ୍ରକଳ୍ପର ନିର୍ଦ୍ଦେଶକ ଯୋଗଦେଇ ମତ ବିନିମୟ କରିଥିଲେ।

# ହଂସଧ୍ୱନି ପକ୍ଷରୁ ସାଂସ୍କୃତିକ ମହୋତ୍ସବ ଅନୁଷ୍ଠିତ




ବାସୁଦେବପୁର,୯।୩ (ନି.ପ୍ର): ବାସୁଦେବପୁର ନୀଳମଣି ଟାଉନ ହଲ୍ ପରିସରରେ ମହାସମାରୋହରେ ହଂସଧ୍ୱନି ପକ୍ଷରୁ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କମାରଗାଁ ମିର୍ଜାପୁର ସରସ୍ୱତୀ ସଂଗୀତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ଭୁବନେଶ୍ୱର ରୁଦ୍ରାକ୍ଷ ନୃତ୍ୟ ଅନୁଷ୍ଠାନରେ ହଂସଧ୍ୱନି କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ଖୁବ୍ ଆକର୍ଷିତ କରିଥିଲା। ବିଧାୟକଙ୍କ ପ୍ରତିନିଧି ଅସିତ୍ କୁମାର ଦାଶ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଓ ଉତ୍ସବକୁ ଉଦଘାଟନ କରିଥିଲେ। ବାସୁଦେବପୁର ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ଓ ଅନୁଷ୍ଠାନର ଉଚ୍ଚ ପ୍ରଶଂସା କରିଥିଲେ। ବିଶେଷ ଅତିଥିଭାବେ ଯୋଗ ଦେଇଥିଲେ ଗୁରୁ ରାମହରି ଦାସ, ଗୁରୁ ଧନେଶ୍ୱର ସ୍ୱାଇଁ, ରୁଦ୍ରାକ୍ଷ ଫାଉଣ୍ଡେସନର ଗୁରୁ ବିଚିତ୍ରାନନ୍ଦ ସ୍ୱାଇଁ। ଏହି ଉତ୍ସବରେ ଗୁରୁ ରାଜକିଶୋର ଦାସଙ୍କୁ ଧ୍ରୁବ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଶୀ ନୃତ୍ୟ ଶିଳ୍ପୀ ସମୀର ପାଣିଗ୍ରାହୀଙ୍କ ଅର୍ଦ୍ଧ ନାରୀଶ୍ୱର ନୃତ୍ୟରେ ସମସ୍ତେ ବିମୋହିତ ହୋଇଥିଲେ। ଶିକ୍ଷାବିତ୍ ଧ୍ରୁବଚରଣ ପାଣିଗ୍ରାହୀ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଅନୁଷ୍ଠାନର ସଭାପତି ମନ୍ମଥ ଅଗସ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ବାଇଚଢ଼େଇ ପତ୍ରିକାର ସଂପାଦକ କବି ବିକାଶ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଇଂ ଶ୍ରୀନିବାସ ଘଟୁଆରୀ (ମିଳନ କୁମାର) ମଂଚ ପରିଚାଳନା କରିଥିଲେ। ଏହି ସଭାରେ ସଂଜୟ ପାଣିଗ୍ରାହୀ, ମନିଷ ଅଗସ୍ତି ଓ ଅନ୍ୟାନ୍ୟ ସଦସ୍ୟ ଉତ୍ସବରେ ସହଯୋଗ କରିଥିଲେ।

# ଦକ୍ଷିଣ ଘୁମୁସର ଅଂଚଳରେ ନିଆଁ ବର୍ତ୍ତମାନ ଆୟତ୍ତାଧିନ : ଡ଼ିଏଫଓ

ଗଞ୍ଜାମ,୯।୩ (ନି.ପ୍ର): ଗଞ୍ଜାମ ଜିଲ୍ଲା ଭଞ୍ଜନଗର ନିକଟସ୍ଥ ଘୁମୁସର ବନଖଣ୍ଡ ତଥା ଦକ୍ଷିଣ ଓ ଉତର ବନଖଣ୍ଡରେ ଆଜକୁ ପ୍ରାୟ ସପ୍ତାହେ ହେବ ଲାଗିଥିବା ନିଆଁ ଲିଭାଇବା କାର୍ଯ୍ୟ ଜାରୀ ରହିଛି । ଦକ୍ଷିଣ ଘୁମୁସର ଅଂଚଳରେ ନିଆଁ ବର୍ତମାନ ଆୟତାଧିନ ରହିଥିବା ନେଇ ସୂଚନା ଦେଇଛନ୍ତି ଡ଼ିଏଫଓ । ଅନ୍ୟପକ୍ଷରେ ଜଙ୍ଗଲ ନିଆଁ ଯୋଗୁଁ ସୋରଡ଼ା, ଭଞ୍ଜନଗର ଓ ଜଗନ୍ନାଥ ପ୍ରସାଦ ବନାଂଚଳରେ ଧୂଆଁର ଏକ ଆସ୍ତରଣ ଦେଖିବାକୁ ମିଳିଛି ଏବଂ ବନ୍ୟଜନ୍ତୁଙ୍କ ପାଇଁ ଏହା ମଧ୍ୟ ବିପଦ ସୃଷ୍ଟି କରିଛି । ଜଙ୍ଗଲରୁ ନିଆଁ ଲିଭାଇବା ପାଇଁ ବନ ବିଭାଗ ପକ୍ଷରୁ କୌଣସି ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଯଦ୍ୱାରା ଏହି ଅଗ୍ନିକାଣ୍ଡ କାଣ୍ଡ ଯୋଗୁଁ ଜଙ୍ଗଲ ଆଖପାଖ ଅଂଚଳରେ ଉତାପ ବୃଦ୍ଧି ପାଇ ୪୦ ଡ଼ିଗ୍ରୀ ପର୍ଯ୍ୟନ୍ତ ପହଂଚି ଥିବା ଜଣାପଡିଛି । ବିଭାଗୀୟ ମନ୍ତ୍ରୀ ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

ସେହିପରି ଉତର ଘୁମୁସର ଅଂଚଳରେ ଏବେ ବି ହୁତୁ ହୁତୁ ହୋଇ ଜଳୁଛି ଜଙ୍ଗଲ । ଭଞ୍ଜନଗର ଉପଖଣ୍ଡ ଅନ୍ତର୍ଗତ ମୁଜାଗଡ଼, ରମ୍ଭା, ବାଇବାଲି, ଦଦରାଲୁଣ୍ଡା ଜଙ୍ଗଲରେ ଗତ ସପ୍ତାହେ ହେଲା ନିଆଁ ଲାଗିଛି । ବନ ବିଭାଗ ପକ୍ଷରୁ ଏଯାବତ୍ ସେଭଳି କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇନଥିବା ଜଣାପଡିଛି। ବିଶେଷ କରି ଦିନରେ ଅସହ୍ୟ ଗରମ ସାଙ୍ଗକୁ ଜଙ୍ଗଲ ନିଆଁ ଯୋଗୁଁ ଅଂଚଳରେ ତାପମାତ୍ରା ବୃଦ୍ଧି ପାଇଛି । ଦକ୍ଷିଣ ଘୁମୁସର ଡ଼ିଭିଜନର ଡ଼ିଏଫଓ ସତ୍ୟ ନାରାୟଣ ବେହୁରା ଏନେଇ ସୂଚନା ଦେଇ କହିଛନ୍ତି ଯେ, ଦକ୍ଷିଣ ଘୁମୁସର ଅଂଚଳରେ ନିଆଁ ବର୍ତମାନ ଆୟତାଧିନ ରହିଛି। ବନ ବିଭାଗ ଓ ଅଗ୍ନିଶମ ଟିମ୍ ମିଳିତ ଭାବେ ନିଆଁକୁ ସମ୍ପୂର୍ଣ୍ଣ ରୂପେ ଲିଭାଇବା ପାଇଁ ଉଦ୍ୟମ ଜାରୀ ରଖିଛନ୍ତି । ଏଠାରେ ଉଲ୍ଲେଖ ଯୋଗ୍ୟ, ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଅଂଚଳ ଜଙ୍ଗଲ ବିଭାଗ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ନିର୍ବାଚନ ମଣ୍ଡଳି ହୋଇଥିବା ବେଳେ ସେ ଏ ଦିଗରେ ବର୍ତମାନ କୌଣସି ଠୋସ୍ ପଦକ୍ଷେପ ନନେବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି ।

# ନଦୀରେ ବୁଡି ନିଖୋଜ ବ୍ୟକ୍ତିର ଶବ ଉଦ୍ଧାର

ମାଲକାନଗିରି,୯।୩ (ନି.ପ୍ର): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ସଦର କଳାହାଣ୍ଡି ସାହିର ଶୈଳ ଠାକୁର ନାମକ ବ୍ୟକ୍ତି ପଡୋଶୀଙ୍କ ଦଶା କାମରେ ସିଲେରୁ ନଦୀର ଦୋରା ଗୁଡ଼ା ଘାଟକୁ ଯାଇଥିଲୋଗାଧୋଉଥିବାବେଳେ ସେ ନଦୀରେ ବୁଡି ନିଖୋଜ ହୋଇଯାଇଥିଲୋନିଖୋଜ ହେବାର ଦୁଇଦିନ ପରେ ଆଜି ଦୋରାଗୁଡା ନଦୀ ଘାଟ ଠାରୁ ଅଳ୍ପ ଦୂରରେ ଶୈଳର ଶବ ଭାସୁଥିବା କିଛି ଗ୍ରାମବାସୀ ପୋଲିସ କୁ ଖବର ଦେଇଥିଲୋଖବର ପାଇଁ ପୋଲିସ ଓ ଓଡ୍ରାଫ ଟିମ ପହଂଚି ଶବ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ ।

# ବିଶ୍ୱ ମହିଳା ଦିବସରେ ରୂପାୟନ ପକ୍ଷରୁ ସମାଜସେବିକା ରାଜଲକ୍ଷ୍ମୀ ସମ୍ମାନିତ



ଭଦ୍ରକ,୯।୩ (ନି.ପ୍ର): ସ୍ୱେଚ୍ଛାସେବୀ ସଂଗଠନ 'ରୂପାୟନ' ଟ୍ରଷ୍ଟ ପକ୍ଷରୁ ଭଦ୍ରକର ଅଗ୍ରଣୀ ଶିକ୍ଷାନୁଷ୍ଠାନ ମାକ୍ରୋୱେଭ୍ ଟେକନୋଲୋଜିର ସମ୍ମିଳନୀ କକ୍ଷରେ ବିଶ୍ୱ ମହିଳା ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ ଟ୍ରଷ୍ଟର ଭଦ୍ରକ ଜିଲ୍ଲା ସଭାପତି ସାମ୍ବାଦିକ ପ୍ରମୋଦ ରାୟ ଅନୁଷ୍ଠିତ ସଭାରେ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ମାକ୍ରୋୱେଭ୍ ଟେକନୋଲୋଜିର ନିର୍ଦ୍ଦେଶିକା ନମ୍ରତା ରାୟ ଯୋଗଦେଇ ବର୍ତ୍ତମାନର ଅବକ୍ଷୟମୁଖୀ ସମାଜରେ ମହିଳାମାନେ ପୁରୁଷଙ୍କ ଠାରୁ କୌଣସି ଗୁଣରେ କମ୍ ନୁହଁନ୍ତି ବୋଲି ବିଭିନ୍ନ ଉଦାହରଣ ଦେଇ କହିବା ସହ ଏ ଦିଗରେ ନାରୀ ସଶକ୍ତିକରଣର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଉତ୍ସବରେ ଜିଲାର ବହୁ ଅବହେଳିତ ଓ ନିର୍ଯ୍ୟାତିତା ମହିଳାଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ନିଜର ଅଗ୍ରଣୀ ଭୂମିକା ପାଇଁ ଭଦ୍ରକର ଅନ୍ୟତମ ସମାଜସେବିକା ରାଜଲକ୍ଷ୍ମୀ ମହାପାତ୍ରଙ୍କୁ ଚଳିତବର୍ଷର 'ଆଦର୍ଶ ମହିଳା' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବକୁ ସୁଶ୍ରୀ ସରମିତା ମଲ୍ଲିକ, ସ୍ୱପ୍ନାରାଣୀ ରାଉତ, ଦିପର୍ଣ୍ଣା ଧଳ, ଶୁଭଶ୍ରୀ ବାରିକ, ଶୁଭସ୍ମିତା ମଲ୍ଲିକ ପ୍ରମୁଖ ପରିଚାଳନା କରିଥିବାବେଳେ ଶେଷରେ ଟ୍ରଷ୍ଟ ପକ୍ଷରୁ ଅଞ୍ଜଳି ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱ ମହିଳା ଦିସବରେ କେନ୍ଦ୍ର ଓ ରାଜ୍ୟ ବିରୁଦ୍ଧରେ ଗର୍ଜିଲେ ଜିଲ୍ଲା ମହିଳା କଂଗ୍ରେସ




ଭଦ୍ରକ,୯।୩ (ନି.ପ୍ର): କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଅପରିଣାମଦର୍ଶୀ ଶାସନ ପଦ୍ଧତି ଯୋଗୁ ଗ୍ୟାସ, ଡିଜେଲ, ପେଟ୍ରୋଲ, ନିତ୍ୟ ବ୍ୟବହାର୍ଯ୍ୟ ଜନିଷର ଆକାଶ ଛୁଆଁ ମୂଲ୍ୟବୃଦ୍ଧି ଘଟିଛି। ଯାହା ଫଳରେ ମହିଳାମାନଙ୍କର ସମ୍ମାନ, ସ୍ୱାଭିମାନ ଓ ଆର୍ଥିକ ପ୍ରଗତିର ଅବକ୍ଷୟ ହେବା ସଂଗେ ସଂଗେ ପରିବାର ଚଳାଇବା କାଠିକର ପାଠ ହୋଇଗଲାଣି। ସରକାର ଦରଦାମ ନିୟନ୍ତ୍ରଣରେ ବିଫଳ। ସର୍ବୋପରି ଗ୍ୟାସ ଓ ପେଟ୍ରୋଲ ମାଡ଼ ଜୀବନଯାତ୍ରାକୁ ଦୁର୍ବିସହ କରିଛି। ଡିଜେଲର ଦରବୃଦ୍ଧି ପରିବହନ ଉପରେ ପ୍ରଭାବ ପକାଉଥିବାରୁ ଅତ୍ୟାବଶ୍ୟକୀୟ ଜିନିଷର ଦର ସବୁ ଆକାଶ ଛୁଆଁ ହୋଇଛି। ରାଜ୍ୟ ଓ କେନ୍ଦ୍ର ଉଭୟ ସରକାର ବିକାଶର ନାରା ନେଇ ଡିଣ୍ଡିମ ପିଟୁଥିବା ବେଳେ ବାସ୍ତବଠାରୁ ବହୁ ଦୂରରେ ରହିଥିବା କଥା ଜଲ୍ଲା କଂଗ୍ରେସ ସଭାପତି ସୁବ୍ରତ ଦାସ ଜିଲ୍ଲା ମହିଳା କଂଗ୍ରେସ ପକ୍ଷରୁ ଆୟୋଜିତ ବିକ୍ଷୋଭ ଓ ପ୍ରତିବାଦ ସଭାରେ ପ୍ରକାଶ କରିଛନ୍ତି। ଆନ୍ତର୍ଜାତିକ ମହିଳା ଦିବସକୁ ଜିଲ୍ଲା ମହିଳା କଂଗ୍ରେସ ପ୍ରତିବାଦର ସହ ପାଳନ କରିବାକୁ ଯାଇ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ସବିତା ଚନ୍ଦଙ୍କ ନେତୃତ୍ୱରେ ଶତାଧିକ ମହିଳା ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଶ୍ରୀମତି ଚନ୍ଦଙ୍କ ପୌରୋହିତ୍ୟରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଦାସଙ୍କ ସମେତ ରାଜ୍ୟ ମହିଳା ନେତ୍ରୀ ସୁଲୋଚନା ଦାସ ଯୋଗ ଦେଇ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିବା ସହିତ ଭଦ୍ରକ ଜିଲ୍ଲା ମହିଳା କଂଗ୍ରେସର ଏ ବିକ୍ଷୋଭକୁ ଗୁରୁତ୍ୱ ଦେଇ ସରକାର ତୁରନ୍ତ ଏ ସମସ୍ତ ସାମଗ୍ରୀ ଉପରୁ ଦର ପ୍ରତ୍ୟାହାର କରନ୍ତୁ ଦାବି କରିଥିଲେ। ପରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ମହାମହିମ ରାଜ୍ୟପାଳଙ୍କୁ ପ୍ରଦାନ କରାଯିବା ସହ ନବୀନ ପଟ୍ଟନାୟକ, ଧର୍ମେନ୍ଦ୍ର ପ୍ରଧାନ, ନରେନ୍ଦ୍ର ମୋଦିଙ୍କ କୁଶପୁତ୍ତଳା ଦାହ କରାଯାଇଥିଲା। ଏହି ପ୍ରତିବାଦ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଚାନ୍ଦବାଲି ନିର୍ବାଚନମଣ୍ଡଳୀ ନେତା ଦିଗମ୍ବର ଦାସ, ଧାମନଗର ନେତା ବିଦ୍ୟାଧର ଯେନା, ରୀନାରାଣି ଭୋଇ, ମଞ୍ଜୁବାଳା ପଣ୍ଡା, ମୀତା ଦାସ, ମମତା ନାୟକ, ପ୍ରଭାତ ନଳିନୀ ପଣ୍ଡା, ଭାରତୀ ମଲ୍ଲିକ, ଶଶିକଳା ବେହୁରିଆ, ସଞ୍ଜୁଲତା ମାଝୀ, ପ୍ରମିଳା ସେଠୀ, ସତ୍ୟଭାମା ବିଶ୍ୱାଳ, ଭାମାମଣି ଦେଉରୀ, ଅଭିଷେକ ରାଉତ, ପ୍ରସନ୍ନ ଧଳ, ରଜନୀକାନ୍ତ ଚନ୍ଦ, ନିରଞ୍ଜନ ମଲ୍ଲିକ, ରାଜକିଶୋର ସ୍ୱାଇଁ, ବିଜୟ ବାରିକ, ପ୍ରମୁଖ ଯୋଗ ଦେଇଥିଲେ।

# ବେରବୋଇ ସଦ୍‌ଭାବନା ପଦଯାତ୍ରାରେ ଯୋଗଦେବାକୁ ପିସିସି ସଭାପତିଙ୍କ ଆହ୍ୱାନ

ଭୁବନେଶ୍ୱର,୯।୩ (ନି.ପ୍ର): ଜାତିରପିତା ମହାତ୍ମା ଗାନ୍ଧୀଙ୍କ ଓଡିଶା ଆଗମନର ଶତବାର୍ଷିକ ପୂର୍ତି ଓ ଓଡିଶା କଂଗ୍ରେସର ୧୦୦ ବର୍ଷ ପୂର୍ତି ଅବସରରେ ପୁରୀ ଜିଲ୍ଲା କଂଗ୍ରେସ ସେବାଦଳ ପକ୍ଷରୁ ଆସନ୍ତା ମାର୍ଚ୍ଚ ୧୩ ତାରିଖ ଦିନ ଏକ ଦିନିକିଆ 'ସଦ୍‌ଭାବନା ପଦଯାତ୍ରା'ର ଆୟୋଜନ କରାଯାଉଛି। ଏହି ଅବସରରେ ଆଜି ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ପ୍ରେସ୍ ବିବୃତିରେ କହିଛନ୍ତି ଯେ ୧୩ ତାରିଖ ଦିନ ସକାଳ ୭ ଘଟିକା ସମୟରେ ପୁରୀ ଜିଲ୍ଲା ଅନ୍ତର୍ଗତ ଗାନ୍ଧୀ ସ୍ମାରକୀ ପିଠ ତଥା ଉତ୍କଳମଣୀ ପଣ୍ଡିତ ଗୋପବନ୍ଧୁ ଦାସଙ୍କ କର୍ମଭୂମି ବେରବୋଇ ଠାରୁ ଶୁଭାରମ୍ଭ କରାଯିବ। ଏହି ପଦଯାତ୍ରାରେ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ଯୋଗଦେବେ। ଏହି ଦିନ ସନ୍ଧ୍ୟାବେଳେ ପଦଯାତ୍ରା ଦାଣ୍ଡମୁକୁନ୍ଦପୁର ଠାରେ ପହଂଚିବା ପରେ ଏକ ସାଧାରଣ ସଭା ହୋଇ ପଦଯାତ୍ରା ସମାପ୍ତ ହେବ। ଏହି ପଦଯାତ୍ରା ଏବଂ ସାଧାରଣ ସଭା କାର୍ଯ୍ୟକ୍ରମରେ ଗାନ୍ଧିପ୍ରେମୀ, ଗୋପବନ୍ଧୁ ପ୍ରେମୀ ଓ କଂଗ୍ରେସ ପ୍ରେମୀ ଜନସାଧାରଣ ବହୁଳ ସଂଖ୍ୟାରେ ଯୋଗଦେଇ ସଦ୍‌ଭାବନା ପଦଯାତ୍ରାକୁ ସଫଳ କରିବା ପାଇଁ ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ନିବେଦନ କରିଛନ୍ତି। ମହାତ୍ମା ଗାନ୍ଧୀ ଓଡ଼ିଶାର ଯେଉଁ ଯେଉଁ ସ୍ଥାନକୁ ଆଗମନ କରିଛନ୍ତି ସେଠାରେ ପରବର୍ତୀ ସମୟରେ ଅନୁରୂପ ପଦଯାତ୍ରା ଅନୁଷ୍ଠିତ ହେବ ବୋଲି ପିସିସି ସଭାପତି କହିଛନ୍ତି।

# ସୀମାନ୍ତରେ ମାଓ ସହିଦ ସ୍ତମ୍ଭ ଭାଙ୍ଗିଲେ ମହିଳା କମାଣ୍ଡୋ

ମାଲକାନଗିରି,୯।୩ (ନି.ପ୍ର): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ରାଜ୍ୟ ଦନ୍ତେବାଡ଼ା ଜିଲ୍ଲା ଅରଣପୁର ଥାନା ଅନ୍ତର୍ଗତ ଜବେଲୀ ଠାରେ ମାଓବାଦୀ ଙ୍କ ଦ୍ୱାରା ନିର୍ମିତ ହୋଇଥିବା ୨୦ଫୁଟ ଉଚ୍ଚ ର ସହିଦସ୍ତମ୍ଭ କୁ ଆଜି ମହିଳା ଦିବସରେ ଦନ୍ତେଶ୍ୱରୀ ଫାଇଟର୍ସ ମହିଳା କମାଣ୍ଡୋ ମାନେ ଭାଙ୍ଗି ଧ୍ୱଂସ କରିଦେଇଛନ୍ତି।ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଭିଷେକ ପଲ୍ଲବ ଙ୍କ ସୂଚନା ଅନୁଯାୟୀ ୨୮ ଡିସେମ୍ବର କୁ ହୋଇଥିବା ଏନକାଉଂଟର ରେ ୫ ଲକ୍ଷ ପୁରସ୍କାର ଘୋଷିତ ମହିଳା ମାଓବାଦୀ ଭୀମେ ମୃତ୍ୟୁ ବରଣ କରିଥିଲା ।ତାର ସ୍ମୃତି ପାଇଁ ଗ୍ରାମବାସକୁ ଜୋର ଜବରଦସ୍ତି ଭୟଭୀତ କରାଇ ମାଓବାଦୀ ଏହି ସହିଦ ସ୍ତମ୍ଭ ନିର୍ମାଣ କରିଥିଲୋ ଆଜି ଏହି ସ୍ତମ୍ଭ ଠାରେ ମାଓବାଦୀ ମହିଳା ଦିବସ ପାଳନ କରିବାକୁ ଯାଉଥିବା ସୂଚନା ପାଇଁ ମହିଳା କମାଣ୍ଡୋ ସେଠାରେ ପହଂଚି ସହିଦ ସ୍ତମ୍ଭ କୁ ଭାଙ୍ଗି ମାଟିରେ ମିଶାଇ ଦେଇଥିଲୋ

# ସରସୀଦାରେ ସିରିଡିସାଇ ସତ୍ୟନାରାୟଣ ପୂଜା ଓ ନାରାୟଣ ସେବା

ଜଳେଶ୍ୱର,୯।୩ (ନି.ପ୍ର): ସାଂପ୍ରତିକ ସମାଜରେ ହିଂସା, ଭେଦଭାବ ଓ ବିଦ୍ୱେଷ ମନଭାବ ବୃଦ୍ଧି ପାଉଥିବା ବେଳେ ଏହାକୁ ପ୍ରତିହତ କରିବାଲାଗି ବିଭିନ୍ନ ସ୍ଥାନରେ ଆଧ୍ୟାତ୍ମିକ ସତ୍‌ସଂଗ ମାନ କରାଯାଉଛି । ଏହି ପରିପ୍ରେକ୍ଷୀରେ ବାବା ସିରିଡିସାଇଙ୍କ ଆନୁଗତ୍ୟ ଭକ୍ତମାନଙ୍କ ପକ୍ଷରୁ ଜଳେଶ୍ୱର ବ୍ଲକ ସରସିଦା ଗ୍ରାମର ଲକ୍ଷ୍ମିନାରାୟଣ ପରିଡାଙ୍କ ବାସଭବନରେ ଭଜନ କିର୍ତ୍ତନ ଓ ପୂଜାପାଠ ସହିତ୍ ସତ୍‌ସଂଗ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା। ସକାଳେ କାକଟ ଆଳତୀ. ମଧ୍ୟାହ୍ନ ଆଳତୀ ପରେ ସାଇ ଭାଗବତ ପଢା ଯିବା ସହିତ ୧୦୮ ନାମଜପ ଇତ୍ୟାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ତତ୍ ପରେ ନାରାୟଣସେବା ସେବା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଅଂଜନ ଦେ, ଅରକ୍ଷିତ ସାହୁ (ସାଇ ମାମା), ଭୂପତି ଭୋଇ, ସଂଯୁକ୍ତା ଭୋଇ, ଦୀପ୍ତିରାଣି ମହାନ୍ତି, ଛବିରାଣୀ ପରିଡା, ସିଦ୍ଧି କାମିନୀ, ଅମିନା ଦାସ, ମନାଲିସା ପରିଡା, ସୁମିତା ପରିଡା, ସତ୍ୟବ୍ରତ ପରିଡା, ଦିପ୍ତିରାଣୀ ପରିଡା, ସ୍ମୃତିଜା ପରିଡା ପ୍ରମୁଖ ପରିଚାଳନା କରିଥିବା ବେଳେ ଆଦିତ ଆଚାର୍ଯ୍ୟ ପୂଜାପାଠ କରିଥିଲେ ।

# ଛାତରୁ ଫ୍ୟାନ୍ ଖସି ରୋଗୀ ଗୁରୁତର: ଆଇସିୟୁରେ ଭର୍ତ୍ତି

କଟକ,୯।୩ (ନି.ପ୍ର): ପୁଣି କଟକ ବଡ଼ ମେଡ଼ିକାଲରେ ଘଟିଛି ଅଘଟଣ । ମେଡ଼ିକାଲ ଛାତରୁ ଫ୍ୟାନ୍ ଖସି ଜଣେ ଚିକିତ୍ସାଧିନ ମହିଳା ରୋଗୀଙ୍କ ଉପରେ ପଡିବାରେ ସେ ଗୁରୁତର ହୋଇପଡିଛନ୍ତି । ତାଙ୍କୁ ଆଇସିୟୁରେ ଭର୍ତିକରାଯାଇଛି । ଏହି ମହିଳାଙ୍କ ଘର ଯାଜପୁର ଜିଲ୍ଲାରେ ବୋଲି ଜଣାପଡିଛି । ସୂଚନା ଅନୁଯାୟୀ, ନିଆଁରେ ପୋଡ଼ି ଆହତ ହୋଇଥିବା ଏହି ମହିଳା ଜଣକ ଗତ ୪ ଦିନ ପୂର୍ବେ ଚିକିତ୍ସା ନିମନ୍ତେ ଏସସିବି ମେଡ଼ିକାଲରେ ଭର୍ତି ହୋଇଥିଲେ। ସେ ସର୍ଜରୀ ବିଭାଗରେ ଚିକିତ୍ସାଧିନ ଥିଲେ । ତେବେ ଆଜି ହଠାତ୍ ଫ୍ୟାନ୍ ଟି ଘୁରୁଥିବା ଅବସ୍ଥାରେ ତାଙ୍କ ଉପରେ ଖସି ପଡିଥିଲା । ଅନ୍ୟପକ୍ଷରେ ଘଟଣା ସମ୍ପର୍କରେ ମେଡ଼ିକାଲ କର୍ତୃପକ୍ଷଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, କଟକ ବଡ଼ ମେଡ଼ିକାଲ ଛାତରୁ ଫ୍ୟାନ୍ ଖସିବା ଘଟଣା କିଛି ନୂଆ ନୁହେଁ । ପୂର୍ବରୁ ମଧ ଅନେକ ସମୟରେ ଛାତରୁ ଫ୍ୟାନ୍ ଖସି ଚିକିତ୍ସାଧିନ ରୋଗୀ ଗୁରୁତର ହୋଇଥିବାର ନଜିର୍ ରହିଛି । ଅପରପକ୍ଷରେ ଆଜିର ଘଟଣା ପାଇଁ ମେଡ଼ିକାଲ କର୍ତୃପକ୍ଷଙ୍କ ଦାୟୀତ୍ୱହିନତା ଓ ଅପାରଗତାକୁ ଦାୟୀ କରିଛନ୍ତି ସେଠାରେ ଚିକିତ୍ସାଧିନ ଥିବା ଅନ୍ୟ ରୋଗୀ ଓ ସେମାନଙ୍କ ଆଟେଣ୍ଡେଂଟ ।

# ନୂଆ ଦାୟିତ୍ୱ ସଠିକ୍ ଭାବେ ତୁଲାଇବା ପାଇଁ ଚେଷ୍ଟା କରିବି- ସୌମେନ୍ଦ୍ର

ଭୁବନେଶ୍ୱର,୯।୩ (ନି.ପ୍ର): ରାଜ୍ୟ ସରକାର ଦ୍ୱୈତନଗରୀ କମିଶନର ଭାବେ ନିଯୁକ୍ତି ମୋ ପାଇଁ ଏକ ଆହ୍ୱାନ। ଯେଉଁ ଆସ୍ଥା ଓ ବିଶ୍ୱାସ ରଖି ସରକାର ଯେଉଁ ନିଯୁକ୍ତି ଦେଇଛନ୍ତି ତାହାକୁ ଠିକ୍ ଭାବେ ସମ୍ପାଦନ କରିବା ପାଇଁ ଚେଷ୍ଟା କରିବି ବୋଲି ନବନିଯୁକ୍ତି ପୋଲିସ୍ କମିଶନର ଶ୍ରୀ ସୌମେନ୍ଦ୍ର ପ୍ରିୟଦର୍ଶୀ ପ୍ରକାଶ କରିଛନ୍ତି।

# କୁସଂସ୍କାର ଓ ଜାତିପ୍ରଥା ବିରୋଧୀ ଆନ୍ଦୋଳନର ସୂତ୍ରଧର ଥିଲେ ମହର୍ଷି ଦୟାନନ୍ଦ

## ଆର୍ଯ୍ୟ ସମାଜ ଓଡ଼ିଶା ପକ୍ଷରୁ ୧୯୭ତମ ଜୟନ୍ତୀ ପାଳିତ

ଭୁବନେଶ୍ୱର,୯।୩ (ନି.ପ୍ର): ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱାରା ପ୍ରତିଷ୍ଠିତ ଆର୍ଯ୍ୟ ସମାଜ ପକ୍ଷରୁ ଆଜି ପବିତ୍ର ଫାଲଗୁନ୍ କୃଷ୍ଣ ଦଶମୀ ତିଥିରେ ମହର୍ଷିଙ୍କ ୧୯୭ ତମ ଜୟନ୍ତୀ ଉତ୍ସବ ଆର୍ଯ୍ୟ ଭବନ ଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସ୍ମୃତିଚାରଣ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ କୁଳପତି ଡଃ ବିମଳେନ୍ଦୁ ମହାନ୍ତି କହିଲେ ଯେ ଆଜକୁ ୧୫୦ ବର୍ଷ ତଳେ ଭାରତବର୍ଷର ସାମାଜିକ ଅବସ୍ଥାକୁ ଆମେ ଆଜି କଳ୍ପନା କରିପାରିବା ନାହିଁ। ସେହି ସମୟରେ ମହର୍ଷି ଦୟାନନ୍ଦ ସମାଜରୁ ଜାତିପ୍ରଥା ଓ କୁସଂସ୍କାର ବିରୁଦ୍ଧରେ ଯେଉଁ ଆନ୍ଦୋଳନର ସୂତ୍ରପାତ କରିଥିଲେ, ତାହା ଥିଲା ଆର୍ଯ୍ୟ ସମାଜର ସଂସ୍କାରବାଦୀ ଆନ୍ଦୋଳନ। ମହାବୋଧି ସୋସାଇଟିର ଟ୍ରଷ୍ଟି ଡଃ ସୌରେନ୍ଦ୍ର କୁମାର ମହାପାତ୍ର କହିଲେ ଯେ ଧର୍ମ ନାମରେ କୁପ୍ରଥା ସମାଜର ବଡପଣ୍ଡାମାନଙ୍କର ପ୍ରୋତ୍ସାହନକୁ ମହର୍ଷି ଦୟାନନ୍ଦ କଠୋର ବିରୋଧ କରିବା ହିଁ ପରବର୍ତୀ ସମୟରେ ଭାରତବର୍ଷରେ ସ୍ୱାଧିନତା ଆନ୍ଦୋଳନର ରୂପ ନେଇଥିଲା। ଆର୍ଯ୍ୟ ସମାଜ ଓଡିଶାର ଅଧକ୍ଷ ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସଭାରେ ବିଶିଷ୍ଟ ବକ୍ତା ଭାବେ ବୈଦିକ ବିଦ୍ୱାନ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା କହିଲେ ଯେ ସ୍ୱାମୀଜୀ ଭାରତୀୟ ଧର୍ମର ମୂଳଗ୍ରନ୍ଥ ବେଦକୁ ପ୍ରାଧାନ୍ୟ ଦେଇ ବେଦ ଆଧାରିତ ବିଦ୍ୟା ଗୁରୁକୁଳ ଶିକ୍ଷାକୁ ପ୍ରଧାନ୍ୟ ଦେବା ସହ ବେଦର ପ୍ରତ୍ୟେକ ମନ୍ତ୍ର ସାଧାରଣ ଜନତାର ବୋଧଗମ୍ୟ କରାଇବା ପାଇଁ ସଂପୂର୍ଣ୍ଣ ଜୀବନ ସମର୍ପଣ କରିଥିଲେ। ଏହି ଉପଲକ୍ଷେ ପ୍ରାତଃ ଯଜ୍ଞ କାର୍ଯ୍ୟ ପଣ୍ଡିତ ବିନୋଦ ବିହାରୀ ଦାଶଙ୍କ ଦ୍ୱାରା ସମାପନ କରାଯାଇଥିଲା। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଇଂ. ବିବେକାନନ୍ଦ ପାତ୍ର ସ୍ୱାଗତ ଭାଷଣ ଓ ବାସ୍ତୁବିତ୍ ଡଃ ମନୋଜ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

# ଧାମନଗର ବ୍ଲକ ସ୍ତରୀୟ ବିଜୁ ଜନତାଦଳର ମହିଳା ସମାବେଶ



ଧାମନଗର ,୯।୩ (ନି.ପ୍ର): ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ବିଶିଷ୍ଟ ଜନନାୟକ ବିଜୁ ପଟ୍ଟନାୟକଙ୍କ ୧୦୫ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଧାମନଗର ବିଜେଡ଼ିର ନିର୍ବାଚନ ମଣ୍ଡଳୀ ସ୍ତରୀୟ ମହିଳା ସମାବେଶ କୋଭିଡ୍ ନିୟମ ଅନୁସାରେ ନିରାଡ଼ମ୍ବର ଭାବେ ପାଳନ କରାଯାଇଛି। ଧାମନଗର ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତ କିଲାଳେଶ୍ୱର ମହାଦେବଙ୍କ ମନ୍ଦିର ନିକଟରେ ଅନୁଷ୍ଠିତ ସାଧାରଣ ସଭାରେ ବ୍ଲକ ବିଜେଡ଼ି ସଭାନେତ୍ରୀ ସୁରତି ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଭଦ୍ରକ ଲୋକସଭା କ୍ଷେତ୍ରର ପ୍ରଥମ ମହିଳା ସାଂସଦ ମଞ୍ଜୁଲତା ମଣ୍ଡଳ ମୁଖ୍ୟଅତିଥିଭାବେ ଯୋଗ ଦେଇଥିବାବେଳେ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ ସୁପ୍ରଭା ଆଗ୍ରର୍ଯ୍ୟ, କଟସାହି ସରପଞ୍ଚ ଅଞ୍ଜନା ଲେଙ୍କା, ସମିତିସଭ୍ୟା ନମିତା ପଣ୍ଡା, ଗଡିଆଳି ସରପଞ୍ଚ ସୁକାନ୍ତି ମିଶ୍ର, ହସନାବାଦ ସରପଞ୍ଚ ସଞ୍ଜୁଲତା ନାୟକ, ମହିଳା ମହାସଂଘ ସଭାନେତ୍ରୀ ତନୁଶ୍ରୀ ପୁହାଣ, ପୂର୍ବତନ ସମିତିସଭ୍ୟା ଶଶିଲେଖା ନାୟକ, ଏନ୍‌ଏସି ମହିଳା ନେତ୍ରୀ ନିବେଦିତା ଜେନା ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଓଡ଼ିଶା ସରକାରଙ୍କ ମହିଳା ଶଶକ୍ତି କରଣ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଧାମନଗର ପଞ୍ଚାୟତସମିତି ଅଧ୍ୟକ୍ଷ ଅଶୋକ କୁମାର ନାୟକ, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରାଜେନ୍ଦ୍ର କୁମାର ଦାସ, ବିବିସିସି ବ୍ୟାଙ୍କ ସଭାପତି ରଘୁନାଥ ଲେଙ୍କା, ଜିଲ୍ଲା ବିଜେଡ଼ି ସଭାପତି ଜଗନ୍ନାଥ ସ୍ୱାଇଁ, ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ପଣ୍ଡା, ବିଜୁ ଯୁବଜନତାଦଳ ଜିଲ୍ଲା ସଭାପତି ମୁକୁନ୍ଦଦେବ ସାମଲ, ବରିଷ୍ଠ ସମିତିସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ହରେକୃଷ୍ଣ ପାଢୀ, ବ୍ଲକ ବିଜେଡ଼ି ସଭାପତି ଉମେଶଚନ୍ଦ୍ର ମହାନ୍ତି, ଉପସଭାପତି କୃଷ୍ଣଚନ୍ଦ୍ର ପତି, ନଗରସଭାପତି ସୁଶାନ୍ତ କୁମାର ରାଉତ, ଯୁବ ବିଜେଡ଼ି ବ୍ଲକ ସଭାପତି ଭାରତବିଜୟ ଦଳାଇ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିନୋଦ ନାୟକ, ସାଂସଦଙ୍କ ନଗର ପ୍ରତିନିଧି ଶରତଚନ୍ଦ୍ର ମହାନ୍ତି, ପୂର୍ବତନ ସମିତିସଭ୍ୟ ପ୍ରତାପ ସାମଲ, ବିଦ୍ୟାଧର ରାଉତ, ବିଜେଡ଼ି ନେତା ରାମଚନ୍ଦ୍ର ସାହୁ, ଅତିଶ ନନ୍ଦ, ଲମ୍ବୋଦର ଜେନା, ପ୍ରଶାନ୍ତ ବିଶ୍ୱାଳ, ବିଜୟ କୁମାର ବେହେରା, ପ୍ରମୁଖ ଯୋଗଦେଇ ମହିଳାଙ୍କୁ ବିଭିନ୍ନ ଯୋଜନା ରେ ସାମିଲ କରିବା ସହିତ ସ୍ୱାବଲମ୍ବୀ କରିବା କ୍ଷେତ୍ରରେ ବିଜେଡ଼ି ସରକାର ଓ ଏହାର ସୁପ୍ରିମୋ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅବଦାନ ସମ୍ପର୍କରେ ନିଜନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ସମାବେଶରେ ଶହ ଶହ ମହିଳାଙ୍କ ସମେତ ବିଜେଡ଼ିର ପଞ୍ଚାୟତ ସଭାପତି, ଛାମୁଆ ସଂଗଠକ ଓ କର୍ମୀମାନେ ଯୋଗଦେଇଥିଲେ।

# ବାଙ୍ଗରା ବୀର



ସାର୍ ଜେଫ୍ରି ହଡ୍‌ସନ୍ ବ୍ରିଟେନ୍ ଇତିହାସର ବାଙ୍ଗରା ଦ୍ୱନ୍ଦ୍ୱ-ଯୋଦ୍ଧା ଭାବେ ପ୍ରସିଦ୍ଧ। ରଟ୍‌ଲାଣ୍ଡ୍ ଅନ୍ତର୍ଗତ ଓକ୍‌ହାମ୍ ଜନ୍ମିତ ଜେଫ୍ରି ନଅ ବର୍ଷ ବୟସରେ ତତ୍‌କାଳୀନ ଡିଉକ୍ ଅଫ୍ ବକିଙ୍ଗହାମ୍ ଜର୍ଜ୍ ଭିଲର୍ସ୍‌ଙ୍କ ବ୍ୟକ୍ତିଗତ ପରିଚାରକ ଭାବେ କର୍ମମୟ ଜୀବନ ଆରମ୍ଭ କରିଥିଲେ। ସେତେ ବେଳକୁ ତାଙ୍କ ଉଚ୍ଚତା ଥିଲା ମାତ୍ର ଅଠର ଇଂଚ୍। ସେ ଅଚିରେ ଡଚେସ୍‌ଙ୍କର ପ୍ରିୟଭାଜନ ହେଇପାରିଥିଲେ। ତେବେ, ଡିଉକ୍‌ଙ୍କ ଘରେ ସେ ବେଶି ଦିନ ରହିପାରି ନ ଥିଲେ। ବ୍ରିଟେନ୍‌ର ରାଜା ପ୍ରଥମ ଚାର୍ଲ୍‌ସଙ୍କ ବିବାହ ପରର କଥା। ଏକ ରାଜକୀୟ ଭୋଜିରେ ଡିଉକ୍ ଓ ଡଚେସ୍, ନୂଆ ରାଣୀ ହେନ୍‌ରିଏଟା ମାରିଆଙ୍କୁ ଉପହାର ସ୍ୱରୂପ ଭେଟିଦେଇଥିଲେ ଜେଫ୍ରିଙ୍କୁ। ମାରିଆ ବି ତାଙ୍କୁ ପସନ୍ଦ କରିଥିଲେ। ସେ ସର୍ବଦା ରାଣୀଙ୍କ ପାଖେପାଖେ ରହୁଥିଲେ। ଅସ୍ତ୍ରଚାଳନା ଆଦି ଶିକ୍ଷା କରିଥିଲେ। ବାଙ୍ଗରା ଆକାର ସତ୍ତ୍ୱେ ସେ ତରବାରି ଓ ଆଗ୍ନେୟାସ୍ତ୍ର ଚାଳନା ବିଦ୍ୟାରେ ପାରଙ୍ଗମ ହୋଇପାରିଥିଲେ। ଦ୍ୱନ୍ଦ୍ୱ ଯୁଦ୍ଧ ଲଢୁଥିଲେ। ୧୬୪୦ର ବ୍ରିଟିସ୍ ଗୃହ ଯୁଦ୍ଧ ବେଳେ ସେ ଚାର୍ଲ୍‌ସଙ୍କ ସପକ୍ଷରେ ସୌନ୍ୟ ପରିଚାଳନା କରି ନାଇଟ୍ ଉପାଧି ଲାଭ କରିଥିଲେ। ତାଙ୍କୁ ଯେତେ ବେଳେ ପଚିଶ ବର୍ଷ ବୟସ, ଦୁର୍ଭାଗ୍ୟବଶତଃ ସେ ଜଳଦସ୍ୟୁଙ୍କ ହାତରେ ବନ୍ଦୀ ହେଇଥିଲେ। ସେମାନେ ତାଙ୍କୁ ଉତ୍ତର ଆଫ୍ରିକାରେ ବିକିଦେଇଥିଲେ। କ୍ରୀତଦାସ ଭାବେ ସେ ପ୍ରାୟ ପଚିଶ ବର୍ଷ କଟାଇଥିବା ଜଣାଯାଏ। ଶେଷରେ ତାଙ୍କୁ ମୁକ୍ତି ମିଳିଥିଲା। ୧୬୮୨ରେ ତେଷଠି ବର୍ଷ ବୟସରେ ଜେଫ୍ରି ମୃତ୍ୟୁବରଣ କରିଥିଲେ। ସେତେ ବେଳକୁ ତାଙ୍କ ଉଚ୍ଚତା ୩ ଫୁଟ୍ ୯ ଇଂଚ୍ ଥିଲା।

# ଚେସ୍‌ର ଇତିବୃତ୍ତ



ସାପ-ଶିଢ଼ି ଭଳି ଚେସ୍ ବା ସତରଂଜ ଖେଳର ଉତ୍ପତ୍ତି ମଧ୍ୟ ଏଇ ଭାରତରେ। 'ରାମାୟଣ' ମହାକାବ୍ୟରେ ଏହି ଖେଳର ଉଲ୍ଲେଖ ରହିଛି। ପତ୍ନୀ ମନ୍ଦୋଦରୀଙ୍କ ମନୋରଂଜନ ପାଇଁ ଲଙ୍କାର ଅଧିପତି ରାବଣ ଏହି ଖେଳ ଉଦ୍ଭାବନ କରିଥିଲେ। ମନ୍ଦୋଦରୀଙ୍କୁ ସେ ନିଜେ ଖେଳ ଶିଖାଇଥିଲେ। ପୁଣି, ବିଧିବଦ୍ଧ ଭାବେ ଯେଉଁ ଦିନ ପ୍ରଥମ ଥର ପାଇଁ ସେ ମନ୍ଦୋଦରୀଙ୍କ ସହ ଖେଳିଥିଲେ, ପରାଜିତ ହୋଇଥିଲେ। ଖ୍ରୀଷ୍ଟ ପୂର୍ବ ତୃତୀୟ ଶତାବ୍ଦୀରେ ରଚିତ ବିଶ୍ୱର ପ୍ରଥମ ରାଜନୈତିକ ଗ୍ରନ୍ଥ କୌଟିଲ୍ୟ ଚାଣକ୍ୟଙ୍କ 'ଅର୍ଥଶାସ୍ତ୍ର'ରେ ମଧ୍ୟ ଏହାର ଉଲ୍ଲେଖ ଅଛି। ଚାଣକ୍ୟ ଏହାକୁ 'ଚତୁରଙ୍ଗ' ଭାବେ ନାମିତ କରିଥିଲେ। ତାଙ୍କ ଭାଷାରେ ଏହା ଯୁଦ୍ଧ-କୌଶଳର ଖେଳ। ପରେ ଅଫଗାନିସ୍ତାନ ଦେଇ ଚେସ୍ ଭାରତରୁ ଯାଇଥିଲା ପର୍ସିଆ। ଅରବର ଲୋକେ ଏହା ଶିଖି, ନେଇଥିଲେ ଉତ୍ତର ଆଫ୍ରିକା। ସେଠାରୁ ଏହା ସ୍ପେନ୍ ଦେଇ ପ୍ରବେଶ କରିଥିଲା ଇଉରୋପ୍‌କୁ। ପଞ୍ଚଦଶ ଶତାବ୍ଦୀରେ ସ୍ପେନ୍‌ର ମହାରାଣୀ ପ୍ରଥମ ଇଜାବେଲା, ଆଇବେରିଆ ଦଖଲ କଲା ପରେ ଚେସ୍‌ର ନିୟମରେ ପରିବର୍ତ୍ତନ କରାଇଥିଲେ। ଇଜାବେଲା ଯେଉଁ ନିୟମମାନ ପ୍ରଣୟନ କରିଥିଲେ, ସେହି ଅନୁଯାୟୀ ଆଜି ଆମେ ଚେସ୍ ଖେଳୁଛେ। ତାଙ୍କ ସମୟରେ ସ୍ପେନ୍‌ର ରାମିରେଜ୍ ଡି ଲିଉସିନା, ଚେସ୍‌ର କୌଶଳ ସମ୍ପର୍କରେ ପ୍ରଥମ ବହି ରଚନା କରିଥିଲେ। ରୁଷିଆକୁ ଚେସ୍ ଯାଇଥିଲା ବହୁତ ପରେ। ତେବେ, ଏହି ରାଷ୍ଟ୍ର ଲମ୍ବା ସମୟ ଧରି ବିଂଶ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ବିଶ୍ୱ ସ୍ତରୀୟ ଖେଳାଳି ଦେଇଚାଲିଥିଲା ଏବଂ ବିଭିନ୍ନ ବଡ଼ ବଡ଼ ଟୁର୍ନାମେଣ୍ଟ୍‌ର ଟାଇଟଲ୍‌ମାନ ନେଇଚାଲିଥିଲା। ନୂତନ ଶତାବ୍ଦୀରେ ଭାରତୀୟ ଖେଳାଳିଙ୍କ ଅଭ୍ୟୁଦୟ ସହ ଚେସ୍ ଟାଇଟଲ୍‌ଗୁଡ଼ିକ ନିଜର ଜନ୍ମସ୍ଥାନ ଭାରତକୁ ଫେରିବାରେଲାଗିଛି।

# ସବୁଠାରୁ ଡେଙ୍ଗା ଜିରାଫ୍



'ଗିନିଜ୍ ବୁକ୍' ଅନୁଯାୟୀ ଅଷ୍ଟ୍ରେଲିଆର ଏକ ଚିଡ଼ିଆଖାନାରେ ରହୁଥିବା 'ଫରେସ୍ଟ' ନାମକ ଜିରାଫ୍ ଏବେ ବିଶ୍ୱରେ ଦୀର୍ଘତମ। ଏହାର ବୟସ ତେର ବର୍ଷ ଏବଂ ଲମ୍ବ ତଥାପି ବଢୁଛି। ଏହାର ଉଚ୍ଚତା ଏବେ ୧୮ ଫୁଟ୍ ୮ ଇଂଚ୍। ବିଶାଳ ଆକାରର ହୋଇଥିଲେ ହେଁ 'ଫରେସ୍ଟ' ଶାନ୍ତ ଓ ମାତ୍ରାଧିକ ଅଳସୁଆ। ବିଶେଷ ଚଲା-ବୁଲା କରେନାହିଁ। ଜଙ୍ଗଲରେ ଥିଲେ ତା' ଆକାର ଦେଖି ମାଈ ଜିରାଫ୍‌ମାନେ ଆକର୍ଷିତ ହୋଇଥାଆନ୍ତେ। କୋଡ଼ିଏ କିଲୋଗ୍ରାମ୍ ଆଲ୍‌ଫାଆଲ୍‌ଫା ନଡ଼ା ଓ ତିନି କିଲୋଗ୍ରାମ୍ ପନି-ପରିବା ଜୁଲୁର ନିତିଦିନିଆ ଖୋରାକ। ପ୍ରାକୃତିକ ପରିବେଶରେ ଜିରାଫ୍ ପନ୍ଦର ଫୁଟ୍ ଉଚ୍ଚତା ଯାଏ ବଢୁଥିବା ବେଳେ ଇଂଲଣ୍ଡର 'ଫୋଲି ଫାର୍ମ' ଚିଡ଼ିଆଖାନାରେ ଏକଦା ରହୁଥିବା 'ଜୁଲୁ' ନାମକ ଅଣ୍ଡିରା ଜିରାଫ୍ ଉଚ୍ଚତାରେ ଉଣେଇଶ ଫୁଟ୍ ଟପିଯାଇଥିଲା। ୨୦୧୭ରେ, ଅଠର ବର୍ଷ ବୟସରେ, ତାହାର ପ୍ରାକୃତିକ ମୃତ୍ୟୁ ହୋଇଥିଲା। 'ଜୁଲୁ' ପ୍ରଥମେ ନେଦରଲାଣ୍ଡର ଏକ ଚିଡ଼ିଆଖାନାରେ ଥିଲା। ୨୦୧୨ ତା'କୁ ଇଂଲଣ୍ଡ୍ ଅଣାଯାଇଥିଲା। କୌଣସି କାରଣରୁ 'ଜୁଲୁ', 'ଗିନିଜ୍ ବୁକ୍'ର ମାନ୍ୟତା ପାଇବାରୁ ବଞ୍ଚିତ ହୋଇଥିଲା।

# ଜାଣନ୍ତୁ ପଞ୍ଚାମୃତ ସେବନ କରିବାର ନିୟମ



ପଞ୍ଚାମୃତ ହିନ୍ଦୁ ସଂସ୍କୃତିରେ ବିଭିନ୍ନ ଧର୍ମକାର୍ଯ୍ୟରେ ବ୍ୟବହୃତ ହୁଏ। ଗାଈ କ୍ଷୀର, ଘିଅ, ଦହି, ମହୁ ଓ ତୁଳସୀ ଆଦି ପାଞ୍ଚଟି ଦ୍ରବ୍ୟର ମିଶ୍ରଣକୁ ନେଇ ପଞ୍ଚାମୃତ ପ୍ରସ୍ତୁତ ହୋଇଥାଏ। ପଞ୍ଚାମୃତର ମହତ୍ତ୍ୱ ପଞ୍ଚଗବ୍ୟ ସହ ସମାନ ବୋଲି ବିଶ୍ୱାସ ରହିଛି। ଏଥିରେ କ୍ଷୀର, ଘିଅ, ତୁଳସୀପତ୍ର ତଥା ଗଙ୍ଗାଜଳ ମଧ ମିଶୁଥିବାରୁ ଏହା ଅମୃତ ତୁଲ୍ୟ ହୋଇଥାଏ। ପଞ୍ଚାମୃତ ସକାରାତ୍ମକ ଶକ୍ତି ଧାରଣ କରୁଥିବାରୁ ଦେବଦେବୀ ପୂଜା ପୂର୍ବରୁ ସେ ସ୍ଥାନରେ ଏହାକୁ ପ୍ରସ୍ତୁତ କରି ରଖାଯାଏ।

**ପଞ୍ଚାମୃତ: ଜାଣିବା କଥା**

୧. ସୂର୍ଯ୍ୟାସ୍ତ ପରେ ପଞ୍ଚାମୃତର ସେବନ କରନ୍ତୁ।
୨. ଶ୍ରୀକୃଷ୍ଣଙ୍କୁ ସ୍ମରଣ କରି ପଞ୍ଚାମୃତ ସେବନ କରନ୍ତୁ।
୩. ପଞ୍ଚାମୃତରେ ସବୁବେଳେ ଗାଈ କ୍ଷୀର ବ୍ୟବହାର କରନ୍ତୁ।
୪. ଶେଷରେ ତୁଳସୀ ପତ୍ର ପକାନ୍ତୁ।

# ବିଶ୍ୱର ସବୁଠୁ ଲମ୍ବା ଜୀବିତ ବିଲେଇ



'ଗିନିଜ୍ ବୁକ୍' ଅନୁଯାୟୀ ଏବେ ଜୀବିତ ଥିବା ବିଶ୍ୱର ସବୁଠାରୁ ଲମ୍ବା ବିଲେଇର ନାମ ଲୁଡୋ। ଲୁଡୋର ଲମ୍ବ ୩ ଫୁଟ୍ ୧୦.୬ ଇଂଚ୍। ଲୁଡୋକୁ ପାଳିଛନ୍ତି ଇଂଲଣ୍ଡ୍ ଅନ୍ତର୍ଗତ ୱେକ୍‌ଫିଲ୍‌ଡର କେଲ୍‌ସି ଗିଲ୍। ଲୁଡୋ, ମେନ୍ କୁନ୍ ପ୍ରଜାତିର ବିଲେଇ। ତେବେ, ଲୁଡୋ ସର୍ବକାଳୀନ ଲମ୍ବା ବିଲେଇ ନୁହେଁ। କିଛି ବର୍ଷ ତଳେ ସବୁଠାରୁ ଲମ୍ବା ବିଲେଇ ଥିଲା ଷ୍ଟିୱି। ଷ୍ଟିୱି ମଧ ମେନ୍ କୁନ୍ ପ୍ରଜାତିର ଥିଲା। ପାଳିଥିଲେ, ଯୁକ୍ତରାଷ୍ଟ୍ର ଆମେରିକା ଅନ୍ତର୍ଗତ ରେନୋର ରବିନ୍ ହେଂଡ୍ରିକ୍‌ସନ୍ ଓ ଏରିକ୍ ବ୍ରାଣ୍ଡସନେସ୍। ବିରାଡ଼ିଟିକୁ ସେମାନେ କିଣିଥିଲେ, ଓରିଗନ୍‌ର ଜଣେ ବିଲେଇ ବିକ୍ରେତାଙ୍କଠାରୁ। ୨୦୦୫ରୁ ବିଲେଇଟି ସେମାନଙ୍କ ନିକଟରେ ଥିଲା ଏବଂ ୨୦୧୩ରେ ମୃତ୍ୟୁବରଣ କରିଥିଲା। ଷ୍ଟିୱିର ଲମ୍ବା ଚାରି ଫୁଟରୁ ସାମାନ୍ୟ ଅଧିକ ଥିଲା। ମେନ୍ କୁନ୍ ପ୍ରଜାତିର ଗୃହପାଳିତ ବିଡ଼ାଳମାନେ ଲମ୍ବରେ ବେଶ୍ ବଢୁଥିବା ଜଣାଯାଏ।

# ଜାରି ହେଲା ୧୦ ଲକ୍ଷ ଟଙ୍କିଆ ନୋଟ୍




ଗମ୍ଭୀର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଆମେରିକୀୟ ଦେଶ ଭେନେଜୁଏଲା ଏବେ ବିଶ୍ୱର ସବୁଠାରୁ ବଡ଼ ନୋଟ ଜାରି କରିଛି । ପ୍ରଥମ କରି ଭେନେଜୁଏଲା ୧୦ ଲକ୍ଷ ଟଙ୍କିଆ ନୋଟ ଜାରି କରିବା ପରେ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି । ହେଲେ ଭେନେଜୁଏଲା ପାଇଁ ୧୦ ଲକ୍ଷର ମୂଲ୍ୟ ଆମେରିକାର ଗୋଟଏ ଡଲାରର ଅଧା ଦାମ ସହିତ ସମାନ । ଏହାର ଅର୍ଥ ଭେନେଜୁଏଲାର ୧୦ ଲକ୍ଷ ଟଙ୍କାର ମୂଲ୍ୟ ଭାରତୀୟ ମୁଦ୍ରାରେ ୩୦ ଟଙ୍କା । ଗୋଟିଏ ସମୟରେ ଭେନେଜୁଏଲା ତୈଳ ଖଣି ପାଇଁ ସାରା ବିଶ୍ୱରେ ପରିଚିତ ଥିଲା ଓ ଏହି ତୈଳଖଣି ମାଧମରେ ଦେଶର ରାଜକୋଷକୁ ପର୍ଯ୍ୟାପ୍ତ ପରିମାଣର ଅର୍ଥ ଆସୁଥିଲା । କିନ୍ତୁ ଏବେ ସମୟ ବଦଳି ଯାଇଛି, ଭେନେଜୁଏଲାର ନାଗରିକମାନେ ଖାଇବାକୁ ପାଉ ନାହାନ୍ତି । ଏଠାରେ ମୁଦ୍ରା ର ଦାମ୍ ଏତେ କମିଯାଇଛି କି ଲକ୍ଷେ ଟଙ୍କାରେ ସାମାନ୍ୟ ସାମଗ୍ରୀ କିଣିବା କଷ୍ଟକର ହୋଇପଡ଼ିଛି । ଦେଶରେ ଥିବା କେନ୍ଦ୍ରୀୟ ବ୍ୟାଙ୍କର ଭଣ୍ଡାର ୫୦ ବର୍ଷ ମଧରେ ସବୁଠାରୁ ତଳସ୍ତରକୁ ଖସିଆସିଛି ।ଭେନେଜୁଏଲାର କେନ୍ଦ୍ରୀୟ ବ୍ୟାଙ୍କ କହିଛି ଯେ, ଦେଶର ଆର୍ଥିକ ସ୍ଥିତି ଦୁର୍ବଳ ପାଇଁ ଏତେ ବଡ଼ ନୋଟ ଜାରି କରଯାଇଛି । ଏହି କାରଣରୁ ଆଗାମୀ ସପ୍ତାହରେ ୨ ଲକ୍ଷ ଓ ୫ ଲକ୍ଷ ଟଙ୍କିଆ ନୋଟ୍ ଜାରି କରାଯିବ ବୋଲି କେନ୍ଦ୍ରୀୟ ବ୍ୟାଙ୍କ ସୂଚନା ଦେଇଛି । ଏହାପୂର୍ବରୁ ଦେଶରେ ୧୦ ହଜାର, ୨୦ ହଜାର ଓ ୫୦ ହଜାର ଟଙ୍କିଆ ନୋଟ ଜାରି କରାଯାଇଥିଲା ।

# ଭାରତର ଏହି ସ୍ଥାନରେ ପୂଜା ପାଆନ୍ତି 'ଗୋବର ଗଣେଶ'



ଆପଣ ବହୁତ ମନ୍ଦିର ଯାଇଥିବେ। ପ୍ରାୟ ସବୁ ମନ୍ଦିରରେ ଆପଣ ପଥର, ମାଟି, ସୁନା ବା ରୂପାର ମୂର୍ତ୍ତି ଦେଖିଥିବେ। କିନ୍ତୁ ଆଜି ଆପଣଙ୍କୁ ଏପରି ଏକ ଭଗବାନଙ୍କ ମୂର୍ତ୍ତି ବିଷୟରେ କହିବାକୁ ଯାଉଛୁ, ଯାହା ଗୋବରରେ ତିଆରି ହୋଇଛି। ଭାରତରେ ଯେତେ ବି ମନ୍ଦିର ଅଛି ସବୁ ମନ୍ଦିରର କିଛି ନା କିଛି ଇତିହାସ ରହିଛି। ତେବେ ଆପଣ ଏହା ବିଶ୍ୱାସ କରିବେନି କି, ଏହି ମନ୍ଦିରରେ ପୂଜା ପାଉଥିବା ଭଗବାନ ଗଣେଶ ଗୋବରରେ ତିଆରି ହୋଇଛନ୍ତି।

### କେଉଁଠି ଅଛି ଏହି ମନ୍ଦିର

ଏହି ମନ୍ଦିର ମଧ୍ୟପ୍ରଦେଶର ମହେଶ୍ୱର ନାମକ ସ୍ଥାନରେ ରହିଛି। ଏଠାରେ ଭଗବାନ ଗଣେଶ ଦକ୍ଷିଣ ମୁଖା ହୋଇ ଦର୍ଶନ ଦେଉଛନ୍ତି।

ଏହି ମନ୍ଦିରର ମୂର୍ତ୍ତି ଗୋବରରେ ତିଆରି ହୋଇଥିବାରୁ ଏହି ମନ୍ଦିରକୁ ଗୋବର ଗଣେଶ ମନ୍ଦିର ବୋଲି କୁହାଯାଏ। । ଏହି ମୂର୍ତ୍ତି ୯୦୦ ବର୍ଷ ପୁରୁଣା ବୋଲି କୁହାଯାଏ।

### ମନ୍ଦିରର ଗଠନ ଶୈଳୀ

ଆମେ ଯଦି ଏହି ମନ୍ଦିରର ଗଠନ ଶୈଳୀ ଦେଖିବା ତାହାଲେ ଏହା ବାହାରକୁ ମସ୍‌ଜିଦ୍ ଭଳି ଦେଖାଯିବ। କୁହାଯାଏ ଯେ, ଔରଙ୍ଗ୍ ?ଜେବ୍ ?ଙ୍କ ଶାସନ କାଳରେ ଏହି ମନ୍ଦିରକୁ ଭାଙ୍ଗି ମସ୍‌ଜିଦ୍ ତିଆରି କରିବା ପାଇଁ ଚେଷ୍ଟା କରାଯାଇଥିଲା। ଏଥିପାଇଁ ଏହି ମନ୍ଦିର ମସ୍‌ଜିଦ୍ ଭଳି ଦେଖାଯାଏ।

ମନ୍ଦିରରେ ଗଣେଶଙ୍କ ଗଳାରେ ହାର ଏବଂ ମୁଣ୍ଡରେ ସୁନ୍ଦର ମୁକୁଟ ଆପଣ ଦେଖିବାକୁ ପାଇବେ। ଏହି ମନ୍ଦିର ବହୁ ଲୋକପ୍ରିୟ। ପ୍ରଭୁ ଶ୍ରୀ ଗଣେଶ ସମସ୍ତଙ୍କ ମନୋସ୍କାମନା ପୂରଣ କରିଥାନ୍ତି ବୋଲି ବିଶ୍ୱାସ ରହିଛି।

ଏହି ମନ୍ଦିରର ଆଉ ଏକ ବିଶେଷତ୍ୱ ହେଲା, ଶ୍ରଦ୍ଧାଳୁମାନେ ମନୋସ୍କାମନା ପୂରଣ ପାଇଁ ଏଠାରେ ସ୍ୱସ୍ତିକ ଚିହ୍ନକୁ ଓଲଟାଇ ଲଗାଇଥାନ୍ତି। ଏବଂ ଯେତେବେଳେ ମନୋସ୍କାମନା ପୂରା ହୋଇଥାଏ ସେତେବେଳେ ଓଲଟା ଲଗାଇଥିବା ସେହି ସ୍ୱସ୍ତିକ ଚିହ୍ନକୁ ସିଧା କରି ଦେଇଥାନ୍ତି।

ଏହି ଗୋବର ଗଣେଶ ମନ୍ଦିରରେ ପ୍ରତ୍ୟେକ ଦିନ ପାଖାପାଖି ୫୦୦ ଶ୍ରଦ୍ଧାଳୁ ଭଗବାନଙ୍କ ଦର୍ଶନ କରିଥାନ୍ତି। ବିଷେଶ କରି ଦିପାବଳୀ, ଗଣେଷ ପୂଜା ଏବଂ ନୂଆ ବର୍ଷରେ ଏହି ମନ୍ଦିରରେ ପ୍ରବଳ ଜନସମାଗମ ହୋଇଥାଏ।



# ବ୍ରଣ, ସନ ଟ୍ୟାନ୍ ପରି ସମସ୍ୟାରୁ ମୁକ୍ତି ଦେବ ଆମ୍ବ ଫେସ୍ ପ୍ୟାକ୍

ଏବେ ଖରା ଦିନେ ଆସୁଥିବା ଫଳ ମଧ୍ୟରୁ ସମସ୍ତଙ୍କ ପ୍ରିୟ ଆମ୍ବ । ସ୍ୱାସ୍ଥ୍ୟ ଓ ପୋଷକ ତତ୍ତ୍ୱରେ ଭରପୁର ହୋଇଥିବାରୁ ଛୋଟରୁ ବଡ ପର୍ଯ୍ୟନ୍ତ ସମସ୍ତେ ଏହାକୁ ପସନ୍ଦ କରନ୍ତି। ଆମ୍ବର ଫାଇଦା କେବଳ ଏହାକୁ ଖାଇବାରେ ସୀମିତ ରୁହେ ନାହିଁ। ଆପଣ ଏହାକୁ ମୁହଁରେ ବ୍ୟବହାର କରି ଚେହେରାରେ ଆଣି ପାରିବେ ଚମକ। ଏଥିରୁ ପ୍ରସ୍ତୁତ ଫେସ୍‌ପ୍ୟାକ୍ ଆପଣଙ୍କ ଚେହେରାର ଗ୍ଲୋ ବଢାଇବାରେ ସାହାଯ୍ୟ କରିଥାଏ। ମୁହଁରୁ ବ୍ରଣ ଦୂର କରିବା ସହ ତୈଳାକ୍ତ ତ୍ୱଚାର ସମସ୍ୟା, ସନ୍ ଟ୍ୟାନ ପରି ସମସ୍ୟା ଚୁଟକିରେ ଦୂର କରିଥାଏ। ଆସନ୍ତୁ ଜାଣିବା ଏହାକୁ କିପରି ମୁହଁରେ ବ୍ୟବହାର କରିବେ।

**ଆମ୍ବ ଓ ବାଦାମ:**

ଖରାର କୋପରେ ଯଦି ଆପଣ ଚେହେରାର ପ୍ରାକୃତିକ ଚମକ ହଜି ଯାଇଛି, ତା ହେଲେ ଆପଣ ଆମ୍ବ ଫେସ୍‌ପ୍ୟାକ୍‌ର ବ୍ୟବହାର କରି ଦେଖନ୍ତୁ। ଏଥିଲାଗି ପୂର୍ବ ଦିନ ରାତିରେ ୩ରୁ ୪ଟି ବାଦାମକୁ ପାଣିରେ ଭିଜାଇ ରଖନ୍ତୁ। ପର ଦିନ ସକାଳେ ଏହାକୁ ବାଟି ଦିଅନ୍ତୁ। ଏକ ପାତ୍ରରେ କିଛି ଆମ୍ବ ନେଇ ଏହାକୁ ବାଦାମ ପେଷ୍ଟ, ୨ ଚାମଚ ବେସନ ଓ ଏକ ଚାମଚ ମହୁ ସହ ମିଶାଇ ଦିଅନ୍ତୁ। ଏହି ସବୁ ସାମଗ୍ରୀ ଭଲ ଭାବେ ମିଶାଇ ପେଷ୍ଟ ତିଆରି କରି ଦିଅନ୍ତୁ। ଏହାକୁ ମୁହଁରେ ଲଗାଇ ୧୦ରୁ ୧୫ ମିନିଟ୍ ପର୍ଯ୍ୟନ୍ତ ଛାଡି ଦିଅନ୍ତୁ । ଏହା ଶୁଖିଗଲା ପରେ ମୁହଁ ଧୋଇ ଦିଅନ୍ତୁ।

**ଆମ୍ବ ଓ କ୍ଷୀରର ଫେସ୍‌ପ୍ୟାକ୍:**

ତ୍ୱଚାରେ ଗ୍ଲୋ ସହ ସଫ୍ଟନେସ୍ ଚାହୁଁଥିଲେ, କିଛି ଆମ୍ବରେ କ୍ଷୀର ମିଶାଇ ଏହାକୁ ଏକ ଗାଢା ପେଷ୍ଟ ତିଆରି କରି ଦିଅନ୍ତୁ। ଏବେ ଏହାକୁ ତ୍ୱଚାରେ କିଛି ସମୟ ଘଷନ୍ତୁ। ଏହାପରେ ଶୁଖିବାକୁ ୧୦ ମିନିଟ୍ ଛାଡି ଦିଅନ୍ତୁ। ଏହାପରେ ଥଣ୍ଡା ପାଣିରେ ମୁହଁ ଧୋଇ ଦିଅନ୍ତୁ।

# ଫିଟିକିରି ଦୂର କରେ ବାସ୍ତୁଦୋଷ

ଘର, ଅଫିସ୍ ଓ ବଡ଼ ଦୋକାନ ଘର ଆଦି କଲା ବେଳେ ଅନେକ ଲୋକ ବାସ୍ତୁକୁ ଗୁରୁତ୍ୱ ଦେଇଥା'ନ୍ତି। ତଥାପି କେଉଁଠି କେମିତି କିଛି ଭୁଲ୍‌ଭଟକା ରହିଗଲେ, ତା'ର ସମାଧାନର ସୂତ୍ର ବି ବାସ୍ତୁଶାସ୍ତ୍ରରେ ରହିଛି। ସେହିପରି ଯେଉଁମାନେ ବାସ୍ତୁକୁ ଏତେ ଗୁରୁତ୍ୱ ଦେଇ ଘର ବା ଦୋକାନ ଆଦି କରି ନାହାନ୍ତି ଓ ପରବର୍ତ୍ତୀ ସମୟରେ ସେମାନେ ଅନୁଭବ କରନ୍ତି ଯେ, କେଉଁଠି କିଛି ଭୁଲ୍ ରହିଯାଇଥିବା ଯୋଗୁ ଘରେ ଛୋଟ ଛୋଟ ସମସ୍ୟା ଲାଗି ରହୁଛି, ତା'ହେଲେ ତା'ର ବି ଉପାୟ ବାସ୍ତୁଶାସ୍ତ୍ରରେ ରହିଛି। ଅନେକ ସମୟରେ ଅତି ଛୋଟ ଛୋଟ ଉପାୟ ମଧ ଅନେକ ବଡ଼ ବଡ଼ ବାସ୍ତୁ ଦୋଷ ଦୂର କରିପାରେ। ତା' ମଧ୍ୟରୁ ଗୋଟିଏ ହେଉଛି, ଫିଟିକିରିର ବ୍ୟବହାର।

- ଆପଣଙ୍କ ଘରେ କିମ୍ବା ଅଫିସର ଯେଉଁ ଜାଗାରେ ବାସ୍ତୁ ଦୋଷ ଥିଲେ ଫିଟିକିରି ରଖନ୍ତୁ। ମନେରଖିବେ ଫିଟିକିରି ପ୍ରତି ମାସରେ ବଦଳେଇବା ଜରୁରୀ।
- ଆପଣଙ୍କ ଦେକାନର ମୁଖ୍ୟ ଫାଟକ ଉପରେ ଏକ କଳା ରଙ୍ଗର କପଡ଼ାରେ ଫିଟିକିରି ବାନ୍ଧି ଝୁଲାଇ ଦିଅନ୍ତୁ। ଏହା ଆପଣଙ୍କ ଦୋକାନକୁ ସମସ୍ତ ଖରାପ ନଜରରୁ ରକ୍ଷା କରିବ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
୧୦ ମାର୍ଚ୍ଚ ୨୦୨୧, ବୁଧବାର



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ସହରାଞ୍ଚଳ ମିଶନ...

ଗତ ଗୁରୁବାର ଦିନ କେନ୍ଦ୍ର ସରକାରଙ୍କ ଗୃହ ଓ ସହରାଂଚଳ ବ୍ୟାପାର ମନ୍ତ୍ରଣାଳୟ ପ୍ରକାଶ କରିଛନ୍ତି ବାସ କରିବା ନିମନ୍ତେ ସହଜ ସୂଚକାଙ୍କ (ଇଜ୍ ଅଫ୍ ଲିଭିଂ ଇଣ୍ଡେକ୍ସ-ଇଓ ଏଲ୍ଆଇ) ୨୦୨୦। ଇଓଏଲଆଇ ହେଉଛି ଏକ ମୂଲ୍ୟାୟନ ମାନଦଣ୍ଡ ଯାହା ସହରାଂଚଳରେ ବାସ କରୁଥିବା ଜନସାଧାରଣଙ୍କ ଜୀବନ ଧାରଣର ମାନ ତଥା ବିକାଶ ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପଗୁଡ଼ିକର ପ୍ରଭାବକୁ ମୂଲ୍ୟାୟନ କରିଥାଏ। ଏହି ମୂଲ୍ୟାୟନ ପ୍ରକ୍ରିୟା ଏଥିରେ ଅଂଶଗ୍ରହଣ କରିଥିବା ଦେଶର ସହରାଂଚଳଗୁଡ଼ିକର ଜୀବନ ଧାରଣର ମାନ ସହିତ ଏକ ସହରର ଅର୍ଥନୀତିକ ସାମର୍ଥ୍ୟ ଏବଂ ଏହାର ପରିପୋଷଣୀୟତା ତଥା ପ୍ରତିରୋଧୀ କ୍ଷମତା ସମ୍ପର୍କରେ ବିସ୍ତୃତ ଧାରଣା ପ୍ରଦାନ କରିଥାଏ। ସମଗ୍ର ଦେଶରେ ସହରାଂଚଳଗୁଡ଼ିକୁ ଦୁଇ ଶ୍ରେଣୀରେ ବିଭକ୍ତ କରାଯାଇ ଏହାର ମୂଲ୍ୟାୟନ କରାଯାଉଛି। ପ୍ରଥମ ଶ୍ରେଣୀ ଭିତରେ ହିଛି ଏକ ମିଲିଅନରୁ ଅଧିକ ସଂଖ୍ୟକ ଲୋକ ବାସ କରୁଥିବା ଏବଂ ଦ୍ୱିତୀୟ ଶ୍ରେଣୀରେ ରହିଛି ଏକ ମିଲିଅନରୁ କମ୍ ସଂଖ୍ୟକ ଲୋକ ବାସ କରୁଥିବା ସହରାଂଚଳ ସମୂହ। ଚଳିତଥର ଦେଶର ମୋଟ ୧୧୧ଟି ସହରାଂଚଳ ଏଥିରେ ଅଂଶଗ୍ରହଣ କରିଥିବା ବେଳେ ପ୍ରଥମ ଶ୍ରେଣୀର ଅର୍ଥାତ ବଡ଼ ବଡ଼ ସହରାଂଚଳଗୁଡ଼ିକ ମଧ୍ୟରେ ଶୀର୍ଷ ସ୍ଥାନ ଅଧିକାର କରିଛି ବେଙ୍ଗାଲୁରୁ। ପଛକୁ ପଛ ରହିଛନ୍ତି ପୁନେ, ଅହମଦାବାଦ ଇତ୍ୟାଦି। ସେହିପରି କ୍ଷୁଦ୍ର ସହରମାନଙ୍କ ମଧ୍ୟରେ ସର୍ବାଗ୍ରେ ରହିଛି ସିମ୍ଲା। ଏହା ପଛକୁ ରହିଛି ଓଡ଼ିଶାର ଭୁବନେଶ୍ୱର ଇତ୍ୟାଦି। ଏହି ତାଲିକାରେ ସର୍ବଶେଷ ସ୍ଥାନ ଅଧିକାର କରିଛି ବିହାରର ମୁଜାଫରପୁର। ଇଓଏଲ୍ଆଇ ଭଳି କେନ୍ଦ୍ର ସରକାର ମଧ୍ୟ ସମାନ ଢ଼ଙ୍ଗରେ ପ୍ରକାଶ କରିଛନ୍ତି ମ୍ୟୁନିସିପାଲ ପରଫାନସ ଇଣ୍ଡେକ୍ସ (ଏମ୍ପିଆଇ) ୨୦୨୦ ଅର୍ଥାତ ଏକ ମିଲିଅନରୁ ଅଧିକ ସଂଖ୍ୟକ ଏବଂ ଏକ ମିଲିଅନ୍ରୁ କମ୍ ସଂଖ୍ୟ ଲୋକ ବାସ କରୁଥିବା ମ୍ୟୁନିସିପାଲିଟି ଅଂଚଳଗୁଡ଼ିକର ତାଲିକା। ପ୍ରଥମ ଶ୍ରେଣୀର ମ୍ୟୁନିସିପାଲିଟି ଅଂଚଳଗୁଡ଼ିକ ମଧ୍ୟରେ ଇନ୍ଦୋର ପ୍ରଥମ ସ୍ଥାନରେ ରହିଥିବା ବେଳେ ଦ୍ୱିତୀୟ ଶ୍ରେଣୀରେ ସର୍ବାଗ୍ରେ ରହିଛି ନୂଆଦିଲ୍ଲୀ ମ୍ୟୁନିସିପାଲ କର୍ପୋରେସନ୍। ସାମ୍ପ୍ରତିକ ସମୟରେ ସହରାଂଚଳରେ ବାସ କରିବା ଜନସାଧାରଣଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥିବା ବେଳେ ଏହି ମୂଲ୍ୟାୟନ ଏକ ସହରର ଅବସ୍ଥା ସମ୍ପର୍କରେ ବିବରଣୀ ପ୍ରଦାନ କରିଥାଏ। ଉଲ୍ଲେଖନୀୟ ଭାବରେ ଏହି ସୂଚକାଙ୍କର ପଦକ୍ଷେପଗୁଡ଼ିକ ମଧ୍ୟ ପରିପୋଷଣୀୟ ବିକାଶ ଲକ୍ଷ୍ୟ (ଏସଡିଜି) ଗୁଡ଼ିକ ସହିତ ସଂଯୁକ୍ତ ଯାହାର ଅର୍ଥ ଭାରତ ସରକାରଙ୍କୁ ଏକ ସହରାଂଚଳର ବିଭିନ୍ନ କ୍ଷେତ୍ରରେ ରହିଥିବା ଅଭାବ ଅସୁବିଧାଗୁଡ଼ିକର ପୂରଣ କରିବା ନିମନ୍ତେ ଏହା ସାହାଯ୍ୟ କରିବ। ସହରାଂଚଳଗୁଡ଼ିକର ପ୍ରଦର୍ଶନକୁ ମୂଲ୍ୟାୟନ କରିବା ତିନିଗୋଟି କାରଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରଥମତଃ, ଭାରତୀୟ ସମ୍ବିଧାନର ଧାରା ୨୧ ପ୍ରତି ନାଗରିକଙ୍କ ପାଇଁ ମର୍ଯ୍ୟାଦାପୂର୍ଣ୍ଣ ଢ଼ଙ୍ଗରେ ତଥା ବ୍ୟକ୍ତିଗତ ଉନ୍ନତି ହାସଲ କରିବା ଭଳି ଏକ ନିର୍ଦ୍ଦିଷ୍ଟ ଧରଣର ଜୀବନଯାପନ କରିବା ସମ୍ପର୍କରେ ସୁନିଶ୍ଚିତ ହେବାର ଅଧିକାର ପ୍ରଦାନ କରିଛି, ତାହା ଗ୍ରାମାଂଚଳରେ ହେଉ କି ସହରାଂଚଳରେ। ଦ୍ୱିତୀୟରେ, ଦେଶର ଅର୍ଥନୀତିକ ଅଭିବୃଦ୍ଧି ସହରାଂଚଳର ବିକାଶ ସହିତ ଓତପ୍ରୋତ ଭାବରେ ଜଡ଼ିତ। କିନ୍ତୁ ପରିତାପର ବିଷୟ, ଭାରତରେ ଏହା ଅର୍ଥନୀତିକ ଅଭିବୃଦ୍ଧି ସହିତ ତାଳଦେଇ ଗତି କରିପାରିନାହିଁ। ତୃତୀୟ କାରଣଟି ହେଉଛି, ସହରାଂଚଳର ଜନସଂଖ୍ୟାରେ ଆଶାତୀତ ଭାବରେ ବୃଦ୍ଧି ଘଟିବା ଯାହା ସହରାଂଚଳ ସ୍ଥାନୀୟ କର୍ତ୍ତୃପକ୍ଷ (ୟୁଏଲବି) ଗୁଡ଼ିକର ସାମର୍ଥ୍ୟକୁ ଦ୍ରୁତଗତିରେ ପଛରେ ପକାଉ ଦେଉଛି। ସୂଚାଇ ଦିଆଯାଇପାରେ କି, ୨୦୩୦ ସୁଦ୍ଧା ଦେଶର ସହରାଂଚଳଗୁଡ଼ିକରେ ଦେଶର ମୋଟ ଜନସଂଖ୍ୟାର ୪୦ ପ୍ରତିଶତ ବାସ କରୁଥିବେ ବୋଲି ଆଶା କରାଯାଏ। ଇଓଏଲ୍ଆଇ ୨୦୨୦ ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ଦେଶର ସହରାଂଚଳଗୁଡ଼ିକର ବିକାଶ ଅସମାନୁପାତିକ ରହି ଆସିଛି। ଦେଶର ଦକ୍ଷିଣ ଭାଗ ଶିଳ୍ପ ଏବଂ ଅର୍ଥନୀତି ଦୃଷ୍ଟିରୁ ସମୃଦ୍ଧ ହୋଇଥିବା ବେଳେ ଏହି ଭାଗରେ ରହିଥିବା ସହରାଂଚଳଗୁଡ଼ିକ ଅଧିକାଂଶ ଭାବରେ ଉନ୍ନତି ପ୍ରଦର୍ଶନ କରୁଛନ୍ତି। ସେଗୁଡ଼ିକ ମଧ୍ୟ ସୂଚାଇ ଦେଉଛନ୍ତି ଯେ ଉନ୍ନତ ଜୀବନଧାରଣର ଶୈଳୀକୁ ସହରାଂଚଳ ବିକାଶ ଯୋଜନା ସହିତ ସଂଯୁକ୍ତ କରାଯିବା କ୍ଷେତ୍ରରେ ଏଯାବତ୍ ସୁଦ୍ଧା ଅଭାବ ରହିଛି। ଏ ଦୃଷ୍ଟିରୁ ଇନ୍ଦୋର ନିରନ୍ତର ଭାବରେ ଉନ୍ନତ ପ୍ରଦର୍ଶନ କରି ଆସିଛି।

# କୋଚିଂ ମାଫିଆଙ୍କ ରାଜନୀତି

ସୌମେନ୍ଦ୍ର ଜେନା
ଭାରତୀୟ ସମ୍ବାଦ ସେବା (ଭାସ)
ଭୁବନେଶ୍ୱର-୭୫୧୦୦୩

ସଂପ୍ରତି ଦେଶର କିଛି କୋଚିଂ ଅନୁଷ୍ଠାନ ପ୍ରତ୍ୟକ୍ଷ ରାଜନୀତିକୁ ଓହ୍ଲାଇବା ଦେଖାଦେଇଛି। କୋରୋନାର କଷ୍ଟକର ସଂକ୍ରମଣକାଳ ଅତିକ୍ରମ କରିବା ଲାଗି ଦେଶ ସଂଘର୍ଷ କରିବା ସମୟରେ ଏହି ସବୁ ଶିକ୍ଷାନୁଷ୍ଠାନ ଦେଶବାସୀଙ୍କୁ ଅଥବା ଛାତ୍ରଛାତ୍ରୀମାନଙ୍କୁ ଧୈର୍ଯ୍ୟ ଓ ସାହସର ଶିକ୍ଷା ଦେବା ବଦଳରେ ବିପଥଗାମୀ କରିବାରେ ବ୍ୟସ୍ତ। ଛାତ୍ରଛାତ୍ରୀ ଓ ଯୁବକମାନଙ୍କ ମଧରେ ଅସନ୍ତୋଷ, ଅଶାନ୍ତି ସୃଷ୍ଟି କରିବା ପାଇଁ ଏବେ ସେମାନେ ବିଭ୍ରାନ୍ତକାରୀ ଶିକ୍ଷା ଦେବାରେ ବ୍ୟସ୍ତ। ଛାତ୍ରଛାତ୍ରୀମାନଙ୍କୁ ଆନ୍ଦୋଳନକାରୀ, ପେଷାଦାର ବିକ୍ଷୋଭକାରୀ ଭାବେ ଗଢିତୋଳିବା ଲାଗି ସେମାନେ ଲାଗିପଡିଛନ୍ତି। ଭିନ୍ନ ଭିନ୍ନ ଦଳର କର୍ମୀ ସୃଷ୍ଟି କରିବାରେ ସେମାନେ ଏବେ ନୂତନ ଦୋକାନ ଖୋଲିବାର ଯୋଜନା କରୁଛନ୍ତି। କାରଣ ଜନମତକୁ ପରିଚାଳନା କରିବାକୁ ଯେଉଁ ଷଡଯନ୍ତ୍ର ହୁଏ ତାକୁ ଭୋଟ ମ୍ୟାନେଜମେଣ୍ଟ କୁହାଯାଏ। ପ୍ରଶାନ୍ତ କିଶୋରଙ୍କ ପରି ଏମିତି ଅନେକ ସଂସ୍ଥା ଏବେ ଗଣତନ୍ତ୍ରକୁ ନିୟନ୍ତ୍ରଣ କରିବାପାଇଁ ଭିନ୍ନ ଭିନ୍ନ ଦଳମାନଙ୍କ ସହ ମିଶି ଏହି ଷଡଯନ୍ତ୍ର ସୃଷ୍ଟି କରିବାରେ ଲାଗିଛନ୍ତି। ଅନେକଗୁଡିଏ ପିଆର୍ ସଂସ୍ଥା (ଲୋକସଂପର୍କ ରକ୍ଷାକାରୀ ସଂସ୍ଥା) ଏବେ ଭିନ୍ନ ଭିନ୍ନ ରାଜ୍ୟରେ ଶାଖାମାନ ଖୋଲି କୋଟି କୋଟି ଟଙ୍କାର ଭୋଟବେପାର କରିବାରେ ବ୍ୟସ୍ତ। ଏହି କ୍ରମରେ କୋଚିଂ ସେଣ୍ଟରମାନେ ପଛରେ ପଡିବେ କାହିଁକି? ସେମାନେ ପିଲାଙ୍କଠୁ ଲକ୍ଷ ଲକ୍ଷ ଟଙ୍କା ନେଇ କୋଚିଂ ଦେବାପରେ ମଧ ପିଲାମାନେ ଚାକିରୀ ନପାଇ ବଜାରରେ ବୁଲିବା ପରେ ଚାକିରୀଦିଅ, ଚାକିରୀ ଦିଅ ବୋଲି ପାଟିକରି ଆନ୍ଦୋଳନ କରିବାକୁ ଏବେ ପ୍ରୋତ୍ସାହିତ କରୁଛନ୍ତି। ଯେଉଁଠି ଶିକ୍ଷାନୁଷ୍ଠାନ ଥାଇ ମଧ ପିଲାମାନେ ବାହାରେ କୋଚିଂ ନେଉଛନ୍ତି। ପରୀକ୍ଷାରେ ପାସ୍ ହେବା ପାଇଁ ସେମାନେ ଏବେ ଚାକିରୀ ପାଇବା ପାଇଁ ଏହି କୋଚିଂ ସେଣ୍ଟରମାନଙ୍କୁ ଯେମିତି ଅଧିକା ପଇସା ଦେବେ ସେହି ଲକ୍ଷ୍ୟରେ ପାଟନାର କିଛି କୋଚିଂ ମାଷ୍ଟର ଚାକିରୀ ଦିଅ ଆନ୍ଦୋଳନରେ ବ୍ୟସ୍ତ। କଥା ହେଲା ଏହି କୋଚିଂ ମାଫିଆମାନେ ରାଜନୀତି କରିବା ପାଇଁ ଆଗ୍ରହୀ। ପାଠପଢାଇବା ଛାଡି ଏମାନେ ପିଲାମାନଙ୍କ ମଧ୍ୟରେ ରାଜନୀତିକ ସକ୍ରୀୟତା ଏହି ବଢାଇବା ପାଇଁ ଚାହୁଁଛନ୍ତି। ବିହାର ରାଜ୍ୟ ସରକାରଙ୍କ ନିକଟରେ ଏହି ଦାବି ନହୋଇ କେବଳ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ଦାବି କାହିଁକି ଉଠୁଛି? ଯେତେବେଳେ ତିରିଶରୁ ଅଧିକ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଶାସନ ଚାଲୁଛି, ଦେଶରେ ଭିନ୍ନ ଭିନ୍ନ ଦଳର ସରକାର ରହିଛି, କିନ୍ତୁ ସବୁ ବିଦ୍ୱେଷ ମୋଦିଙ୍କ ବିରୋଧରେ କାହିଁକି? ଏହାର କାରଣ ହେଲା ଏସବୁ ପଛରେ ରହିଥିବା ବ୍ୟାପକ ଅର୍ଥର ଉତ୍ସ।

କୋରୋନା କାଳରେ ସାରା ବିଶ୍ୱରେ ସଂଯମତା,ଲୋକଙ୍କୁ ନିୟନ୍ତ୍ରଣ, ଟିକାର ଗବେଷଣା, ସଫଳ ଓ ଶସ୍ତା ଟିକାର ଉତ୍ପାଦନ ତଥା ବିଶ୍ୱବ୍ୟାପି ଯୋଗାଣ, ଚୀନର ସୀମା ଅତିକ୍ରମଣ ଉଦ୍ୟମକୁ ନିୟନ୍ତ୍ରଣ, କୋରୋନା ଚିକିତ୍ସା ପାଇଁ ଔଷଧ ଓ ଅନ୍ୟାନ୍ୟ ଚିକିତ୍ସା ଉପକରଣ ବିଶ୍ୱବାସୀଙ୍କୁ ଯୋଗାଣ, ଆତ୍ମନିର୍ଭର ଭାରତ ମାଧମରେ ସ୍ୱଦେଶୀ ଉତ୍ପାଦନରେ ବୃଦ୍ଧି,ଆର୍ଥିକ ବିକାଶଧାରା ବଜାୟ ରଖିବା ପାଇଁ ସଫଳ ପ୍ରୟାସ ପରି ଅନେକ ପଦକ୍ଷେପ ଗ୍ରହଣ କରି ମୋଦି ସରକାର ପ୍ରଶଂସାର ପାତ୍ର ହୋଇଛନ୍ତି। ବିଶ୍ୱ ମୁଦ୍ରାପାଣ୍ଠିର ଆକଳନ ଅନୁଯାୟୀ ଚଳିତ ବର୍ଷ ଓ ଆସନ୍ତା ବର୍ଷରେ ଭାରତର ଆର୍ଥିକ ବୃଦ୍ଧିହାର ପୃଥିବୀରେ ସର୍ବାଧିକ ରହିବ ବୋଲି ଜଣାପଡିଲାଣି। ଭାରତର ଏହିସବୁ ସଫଳତା ଅନେକ ବ୍ୟକ୍ତି, ଦଳ, କମ୍ପାନୀ ଓ ରାଷ୍ଟ୍ରମାନଙ୍କ ଗାତ୍ରଦାହର କାରଣ ହୋଇଛି। କାରଣ ବ୍ରାଜିଲ ପରି ଦେଶ ପ୍ରଥମେ ଚୀନା ଟିକାଦ୍ୱାରା ବିଶେଷ ଲାଭ ନପାଇବାରୁ ଭାରତରୁ ୩ କୋଟି ଟିକା କ୍ରୟ କଲା। କାନାଡା ପରି ଭାରତର ବିରୋଧୀ ଏବଂ ଖାଲିସ୍ଥାନୀ ସମର୍ଥକ ରାଷ୍ଟ୍ର ଫାଇଜର, ଆଷ୍ଟ୍ରାଜେନିକା, ଜନସନ୍ ଏଣ୍ଡ ଜନସନ, ନୋଭାର୍ଟିସ ପରି ସଂସ୍ଥାରୁ ସମୟାନୁଯାୟୀ ଟିକା ନପାଇବାରୁ ଶେଷରେ ବାଧ ହୋଇ ଭାରତ ପାଖରେ ଶରଣ ପଶିଲା। ଆମେରିକା ଓ ଇଉରୋପର ବିରୋଧ ସତ୍ତ୍ୱେ ମୋଦି ଶସ୍ତାରେ ଅନେକ ଗରିବ ରାଷ୍ଟ୍ରକୁ କୋରୋନା ଟିକା ଯୋଗାଣ ଜାରି ରଖିଛନ୍ତି। ଭାରତର ସଂପୂର୍ଣ୍ଣ ସ୍ୱଦେଶୀ ଟୀକା କୋଭାକ୍ସିନ ୮୧ପ୍ରତିଶତ ଲାଭକାରୀ ହେବା ଅନେକଙ୍କୁ ବିସ୍ମିତ କରିଛି। କାରଣ ଆଷ୍ଟ୍ରାଜେନେକା ପରି ଟିକାର ସଫଳତା ହାର ୭୦ ପ୍ରତିଶତ ମଧ୍ୟରେ ସୀମିତ ଥିଲାବେଳେ ବିଦେଶୀ ଟିକାର ମୂଲ୍ୟ ଚାରିରୁ ପାଞ୍ଚହଜାର ପଡୁଛି। ଅଥଚ କୋଭାକ୍ସିନ ଟିକା ମାତ୍ର ତିନିଶହ ଟଙ୍କାରୁ କମ୍ ମୂଲ୍ୟରେ ବିକ୍ରି ହେବା ଅନେକଙ୍କ ଗାତ୍ରଦାହର କାରଣ ହୋଇଛି। ଏହି ଟିକାକୁ କେନ୍ଦ୍ର କରି ଦେଶ ଭିତରେ କଂଗ୍ରେସ ସମେତ ଅନେକ ବିରୋଧୀ ଦଳ ନା ନା ସନ୍ଦେହ ସୃଷ୍ଟି କରି ଲୋକଙ୍କୁ ବିଭ୍ରାନ୍ତ କରିବାକୁ ବୟାନବାଜି କରିଥିଲେ। କୋରୋନା ସଂକ୍ରମଣ କାଳରେ ବ୍ରାଜିଲ ପରି ଦେଶର ପ୍ରଥମ ସାଟେଲାଇଟକୁ ସଫଳତାର ସହ କକ୍ଷପଥରେ ଅବସ୍ଥାପିତ କରି ଇସ୍ରୋ ଯେମିତି ଶ୍ରଦ୍ଧାର ପାତ୍ର ହୋଇଛି ସେମିତି ଗୋଟିଏ ପରେ ଗୋଟିଏ କ୍ଷେପଣାସ୍ତ୍ରର ପରୀକ୍ଷା କରି ଡିଆର୍ଡିଓ ସମସ୍ତଙ୍କୁ ଚକିତ କରିଦେଇଛି। ବିଦେଶୀ ଧନୀ ଦେଶମାନେ ଏଯାଏଁ କାହାକୁ ମାଗଣାରେ ଟିକା ପ୍ରଦାନ କରିବା ଜଣାଯାଇନାହିଁ। ଅଥଚ ଭାରତ ସରକାର ପଡୋଶୀ ଓ ସହଯୋଗୀ ରାଷ୍ଟ୍ରମାନଙ୍କୁ ମାଗଣାରେ ଲକ୍ଷ ଲକ୍ଷ ଟିକା ପ୍ରଦାନ କରିସାରିଛନ୍ତି। ଆଫ୍ରିକା, ଦକ୍ଷିଣ ଆମେରିକାର ଅନେକ ଗରିବ ଓ ଛୋଟ ଦେଶଗୁଡିକରେ ଟିକାକରଣ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମାଧମରେ ଭାରତର ଟିକା ପ୍ରଦାନ କରାଯିବା ସହ ଭାରତ ମଧ ସିଧାସଳଖ କେତେକ ରାଷ୍ଟ୍ରକୁ ଟିକା ଯୋଗାଣ ଉଦ୍ୟମକୁ ଜାରି ରଖିଛି। ଭାରତରେ ଟିକା ପ୍ରଦାନ କାର୍ଯ୍ୟକ୍ରମ ବିଳମ୍ବରେ ହୋଇ ମଧ ସଫଳତାର ସହ ଜାରି ରହିଛି। ଅନ୍ୟ ଟିକାଗୁଡିକର ତୁଳନାରେ ସ୍ୱଦେଶୀ ଟିକାର ପାର୍ଶ୍ୱ ପ୍ରତିକ୍ରିୟା ସବୁଠ କମ୍ ଥିବା ଜଣାପଡିଛି। ଭାରତର ଏହିସବୁ ସଫଳତା ଦେଶ ଭିତରେ ଥିବା ବିରୋଧୀ ଏବଂ ଦେଶ ବାହାରେ ଥିବା ଭାରତ ବିରୋଧୀ ଗୋଷ୍ଠୀଙ୍କୁ ଆଦୌ ଭଲ ଲାଗିନାହିଁ। ଯେଉଁ ବାମପନ୍ଥୀ ଗୋଷ୍ଠୀ କୋରୋନା ମହାମାରୀ ଭାରତର ମେରୁଦଣ୍ଡ ସଂପୂର୍ଣ୍ଣ ଭାଙ୍ଗିପକାଇବାର ଆଶା କରୁଥିଲେ, କୋଟି କୋଟି ଲୋକଙ୍କ ମୃତ୍ୟୁ ହେବ ବୋଲି ଆଗୁଆ ଖବର ପ୍ରକାଶ କରିଦେଇଥିଲେ, ତାହା ନ ହେବାରୁ ସେମାନେ ଏବେ ଦୁଃଖରେ ରହିଛନ୍ତି। ଭାରତ ବିରୋଧୀ ଖାଲିସ୍ଥାନୀ, ପାକିସ୍ଥାନୀ, ବହୁରାଷ୍ଟ୍ରୀୟ କମ୍ପାନୀ, କମ୍ୟୁନିଷ୍ଟ ଚୀନ ଆମେରିକାର ଧନୀ ଜର୍ଜ ସୋରୋସଙ୍କ ସମେତ ଅନେକ ୟୁରୋପୀୟ ଗୋଷ୍ଠୀଙ୍କର ଏବେ ଗାତ୍ରଦାହ ପ୍ରବଳ ହୋଇଛି। ସେମାନେ ଗଣମାଧମରେ ସ୍ୱାଧୀନତା, କାଶ୍ମୀରୀ ସନ୍ତ୍ରାସବାଦୀଙ୍କୁ ମାନବିକତା ଆଧାରରେ ଗଣାକରିବା, ଭାରତର କୃଷି ଆଇନ ପରି ଆଭ୍ୟନ୍ତରୀଣ ମାମଲାରେ ହସ୍ତକ୍ଷେପ କରିବାକୁ ବ୍ୟଗ୍ର। ବିଦେଶୀ ମିଡିଆଠାରୁ ସ୍ୱଦେଶୀ ସାମ୍ବାଦିକ,ଗଣମାଧମ, ରାଜନୈତିକ ଦଳ, ଶ୍ରମିକ, କୃଷକ ସଂଗଠନ, ଟ୍ୱିଟର, ୟୁଟ୍ୟୁବ ଆଦିରେ ଅଧିକ ଗ୍ରାହକ ଥିବା ଲୋକମାନଙ୍କୁ ଭାରତ ସରକାରଙ୍କ ବିରୋଧରେ ପ୍ରଚାର କରିବାକୁ ସେମାନେ ଅର୍ଥ ପ୍ରଦାନ କରୁଛନ୍ତି। ତେଣୁ ସେମାନେ କୌଣସି ରାଜ୍ୟ ସରକାରକୁ ବେରୋଜଗାରୀ ସମସ୍ୟା ପାଇଁ ଦାୟୀ ନକରି କେବଳ ମୋଦିଙ୍କୁ ବ୍ୟକ୍ତିଗତ ଭାବେ ଦାୟୀ କରିବା, ବିବିସିର କାର୍ଯ୍ୟକ୍ରମରେ ମୋଦିଙ୍କ ମାଆଙ୍କ ବିରୋଧରେ ଅଶ୍ଳୀଳ ଭାଷାରେ ଗାଳିଦେବା। ଦିଲ୍ଲୀ ସୀମାନ୍ତ ସିନ୍ଧୁଠାରେ ମହିଳାମାନଙ୍କ ଉଦ୍ଦଣ୍ଡ ନୃତ୍ୟ, ମୋଦିଙ୍କ ମୃତ୍ୟୁ କାମନା କରି ଗାଳି କରିବାପରି ଘଟଣାମାନ ଆମ ଦୃଷ୍ଟିକୁ ଆସିଛି। ଗୋଟିକପରେ ଗୋଟିଏ ରାଜ୍ୟରେ ରାଜନୀତିକ ସଫଳତା ଯୋଗୁ ମୋଦି ବିରୋଧୀଙ୍କ ଚକ୍ଷୁଶୂଳର କାରଣ ହେବାବେଳେ ଭାରତକୁ ସ୍ୱାଭିମାନୀ, ସକ୍ଷମ ଓ ଶକ୍ତିଶାଳୀ କରି ଗଢି ତୋଳିବା କାର୍ଯ୍ୟକୁ ବିଦେଶୀ ଶକ୍ତି ସେମାନଙ୍କ ପାଇଁ ଆହ୍ୱାନ ବୋଲି ବିଚାର କରୁଛନ୍ତି। ତେଣୁ ଦେଶ ଭିତରର ବିରୋଧୀ ଏବଂ ଦେଶ ବାହାରର ବିରୋଧୀ, ସନ୍ତ୍ରାସୀଙ୍କ ସମର୍ଥନାକାରୀ ମୁସଲିମଗୋଷ୍ଠୀ, ଧର୍ମାନ୍ତରଣ କାର୍ଯ୍ୟରେ ଲିପ୍ତ ଖ୍ରୀଷ୍ଟିଆନ ଗୋଷ୍ଠୀ, ବିଦେଶୀ ଅର୍ଥରେ ରୁଟିପରି ଫୁଲିଥିବା ଏନ୍ଜିଓ ଗୋଷ୍ଠୀ ଆଦି ଏବେ ମୋଦିଙ୍କ ବିରୋଧରେ ସବୁ ସ୍ତରରେ ଲାଗିପଡିଛନ୍ତି। ସେହିକ୍ରମରେ କୋଚିଂ ମାଫିଆଙ୍କ ଶିକ୍ଷାନୁଷ୍ଠାନ ଏବଂ ସେମାନଙ୍କ ସୋସିଆଲ ମିଡିଆରେ ଅନେକ ଯୁବଗୋଷ୍ଠୀ ଯୋଡି ହୋଇଥିବା ଦୃଷ୍ଟିରୁ ଏବେ ସେମାନେ ମଧ ମୋଦିଙ୍କ ବିରୋଧ ପାଇଁ ପଇସା ଗୋଟାଇବାରେ ଲାଗିପଡିଛନ୍ତି। ପାଟନାର ଖାନ୍ସାର ନାମକ ଜଣେ କୋଚିଂ ମାଷ୍ଟର ନିକଟରେ ଅନେକ ଭୁଲ ତଥ୍ୟ ପ୍ରଚାର କରି ଯେଉଁ ଭିଡିଓ ୟୁ ଟ୍ୟୁବରେ ଛାଡିଥିଲେ ସେଥିପାଇଁ କଠୋର ସମାଲୋଚନାର ଶିକାର ହୋଇଛନ୍ତି। କିନ୍ତୁ ତାଙ୍କ ପରି ଅନେକ କୋଚିଂ ମାଷ୍ଟର ଓ ସଂସ୍ଥା ମୋଦି ହଟାଓ ଅଭିଯାନରୁ ଅର୍ଥଲାଭ କରି ନୂଆ ନୂଆ ଢଙ୍ଗରେ ସରକାର ବିରୋଧୀ ପ୍ରଚାର ଚଳାଇଛନ୍ତି। ଆମେରିକା ସଂସଦରେ ଭାରତର ଗଣତନ୍ତ୍ରକୁ ବିରୋଧ କରିବା ପାଇଁ ଯେଉଁ ବିପରୀତ ସ୍ଥାନ ପ୍ରଦାନ କରାଯାଇଛି ତାହା ସରକାରଙ୍କୁ ବିରୋଧ କରିବାକୁ ଉଦ୍ଦିଷ୍ଟ। ମୋଦିଙ୍କ ସହ ଟ୍ରମ୍ପଙ୍କ ସଂପର୍କ ଅତି ନିବିଡ ଥିଲାବେଳେ ବର୍ତ୍ତମାନର ପ୍ରଶାସନ ସେତେବେଳେ ବିରୋଧୀ ପକ୍ଷରେ ଥାଇ ତାକୁ ସମାଲୋଚନା କରୁଥିଲା। ଏବେ ସେମାନେ ଅସଲ ରଙ୍ଗ ଦେଖାଇବାକୁ ଆରମ୍ଭ କରିଛନ୍ତି।

ସଂପ୍ରତି ଜାତିସଂଘ ପ୍ରକାଶିତ ରିପୋର୍ଟ ଅନୁସାରେ ୨୦୨୦ରେ ସମଗ୍ର ବିଶ୍ୱରେ ବିଦେଶୀ ପୁଞ୍ଜିନିବେଶ ୪୨ ପ୍ରତିଶତ ହ୍ରାସ ପାଇଥିଲା। ସେହି ସମୟରେ ଭାରତରେ ବିଦେଶୀ ପୁଞ୍ଜି ନିବେଶ ୧୩ ପ୍ରତିଶତ ବୃଦ୍ଧି ପାଇଛି। ଗତ ୩୦ବର୍ଷରେ ପୁଞ୍ଜିନିବେଶ ହାର ପୃଥିବୀରେ ସବୁଠୁ ଅଧିକ ହ୍ରାସ ପାଇଛି। ଆମେରିକାରେ ୪୯%, ଇଉରୋପରେ ୧୩୯ ପ୍ରତିଶତ ନିବେଶ ହ୍ରାସ ପାଇଛି। ଚୀନରେ ଏହା ୪% ବୃଦ୍ଧି ପାଇଛି। ଇଉରୋପର ବ୍ରିଟେନ ଏବଂ ଇଟାଲୀ ପରି ଦେଶରେ ନିବେଶହାର ୧୦୦% ହ୍ରାସ ପାଇଛି। ଭାରତର ଏହି ସଫଳତା ଅନେକଙ୍କ ପାଇଁ ଗାତ୍ରଦାହର କାରଣ ହୋଇଥିବାରୁ ଅନେକ ବ୍ୟକ୍ତି ଏବେ ମୋଦିଙ୍କ ସଫଳ ନେତୃତ୍ୱକୁ ଈର୍ଷା କରିବାରେ ଲାଗିପଡିଛନ୍ତି। ତେଣୁ କୋଚିଂ ମାଫିଆମାନେ ମଧ ସେଥିରେ ସାମିଲ ହୋଇଛନ୍ତି। ଦେଶର ଯୁବଗୋଷ୍ଠୀଙ୍କ ସଂଖ୍ୟାଧିକ ମତ ମୋଦିଙ୍କ ସପକ୍ଷରେ ଆଜି ରହିଛି। ମୋଦି ଆଜି ମଧ ଦେଶର ସବୁଠୁ ଅଧିକ ଲୋକପ୍ରିୟ ନେତା ହୋଇ ରହିଛନ୍ତି। ଯୁବଶକ୍ତିଙ୍କ ସଂଖ୍ୟା ଦେଶରେ ସର୍ବାଧିକ ହୋଇଥିବାରୁ ଏହି ଭୋଟର ଗୋଷ୍ଠୀଙ୍କୁ କେନ୍ଦ୍ର ସରକାରଙ୍କ ବିରୋଧୀ କରିବାକୁ ଏବେ ଚାଲିଛି ଷଡଯନ୍ତ୍ର। କିନ୍ତୁ ଅଳ୍ପ କିଛି ଅର୍ଥନେଇ ଯେଉଁମାନେ ଯୁବକମାନଙ୍କୁ ବିପଥଗାମୀ, ଦିଗଭ୍ରଷ୍ଟ ମିଥ୍ୟା ତଥ୍ୟରେ ବିଶ୍ୱାସ ଦେବାକୁ ଲାଗିଛନ୍ତି ସେମାନଙ୍କୁ ବିରୋଧ କରାଯିବା ଆବଶ୍ୟକ।

# କନ୍ୟା ଝରାଏ ଲୋତକ ବନ୍ୟା



ଅକ୍ଷୟ ପଣ୍ଡା
ଆଳି, ଲୋକାପଡ଼ା
ମୋ - ୯୩୩୭୪୯୭୩୦୭

କରୋନାର ପ୍ରଭାବ ଧୀରେ ଧୀରେ କମି ଆସିଲାଣି। ଆଗକୁ ଆସୁଛି ସାଧାରଣତନ୍ତ୍ର ଦିବସ ପିଲାମାନଙ୍କ ମନରେ କି ଖୁସି କି ଆନନ୍ଦ କହିଲେ ନସରେ। କେତେକ ପିଲା ସେମାନଙ୍କ ସ୍କୁଲ ଆଡ଼େ ବୁଲି ଆସିଲେଣି। ପିହୁ ବି ଚାହୁଁଥିଲା ତା ସାଇକେଲଟି ନେଇ ସ୍କୁଲ ଆଡ଼େ ବୁଲି ଯିବା ପାଇଁ। ହେଲେ ତା ଜେଜେ ମାଟି ପାଟି କରି ଉଠିଲେ "ଆଲୋ ପିହୁ ଦେଖୁଛୁ ଝିଅ ମାନଙ୍କର ଅବସ୍ଥା କିପରି"? ପଢା ପଢି ନାହିଁ। କି ମାଷ୍ଟର ନାହାଁନ୍ତି। ମାଟା ପରା ତୁଛାଟାରେ ବାହାରେ ବୁଲା ବୁଲି କରେ ନାହିଁ। ମୁଁ ବଜାରରୁ ଫେରୁଥିଲି। ଛୋଟ ଝିଅଟିର ପାଠ ପଢା ନିଶା ଦେଖି ଆଶ୍ଚର୍ଯ୍ୟ ଲାଗିଲା। ହେଲେ ବୁଢୀ ମା ଟିର କଥାଟା ଯୁକ୍ତି ଯୁକ୍ତ ଥିଲା।

ଆମେ ଆମ ଜନ୍ମ ମାଟିରେ ନିଜ ଲୋକଙ୍କ ପାଖରେ ନିରାପଦ ନହୁଁ। ତେବେ ଆମ ଦେଶ ଆଗେଇବ କେମିତି? ସେହି ବାଳିକା ଶିଶୁମାନଙ୍କୁ ସୁରକ୍ଷା ଦେବା ପାଇଁ ବୋଧେ ହୁଏ। ଭାରତରେ "ରାଷ୍ଟ୍ରୀୟ ବାଳିକା ଶିଶୁ ଦିବସ" ପାଳନ କରାଯାଉଛି।

ପ୍ରତି ବର୍ଷ ଜାନୁଆରୀ ୨୪ ତାରିଖ ଦିନ ଏହି ମହାନ ଦିବସ ପାଳନ ବିଧିବଧ ଭାବେ ପାଳନ କରାଯାଏ। ତାର ମୂଳ ଉଦ୍ଦେଶ୍ୟ ହେଲା ବାଳିକା ଶିଶୁ ମାନଙ୍କର ବିକାଶ। ବାଳିକା ମାନଙ୍କର ଉନ୍ନତି କରିବାକୁ ହେଲେ ଆମ୍ଭେ ମାନେ କେତେ ଗୋଟି ବିଷୟ ପ୍ରତି ଧ୍ୟାନ ଦେବାକୁ ହେବ।

. ଶିକ୍ଷାର ପ୍ରଚାର ଓ ପ୍ରସାର

ଦାରିଦ୍ର୍ୟତା ଦୂର କରିବା ପାଇଁ ଉପଯୁକ୍ତ ଶିକ୍ଷାର ଆବଶ୍ୟକତା ଅଛି। ବୃତ୍ତିଗତ ଉଚ୍ଚ ଶିକ୍ଷା ବାଳିକା ମାନଙ୍କୁ ପ୍ରଦାନ କରାଯାଇ ପାରିଲେ ଜାପାନ ପରି ଆମ ଦେଶ ବିକାଶ କରିବ। ସେଇଥି ପାଇଁ ଆମ ଦେଶର ପ୍ରଧାନ ମନ୍ତ୍ରୀ ଆହ୍ୱାନ କରିଥିଲେ "ବେଟି ବଚାଅ, ବେଟି ବଢାଅ, ବେଟି ପଢାଅ।" ସତରେ କନ୍ୟା ରତ୍ନ। ମା ଲକ୍ଷ୍ମୀ, ସରସ୍ୱତୀଙ୍କ ଅବତାର। ସେମାନଙ୍କୁ ଶିକ୍ଷା, ଦିକ୍ଷା, ଜ୍ଞାନ ଗାରିମାର ସୁବିଧା ସୁଯୋଗ ନ ଦେଲେ ଦେଶର ବିକାଶ ହୋଇ ପାରିବ ନାହିଁ। ଆଡ଼ଲଫ୍ ହିଟଲର କହିଥିଲେ ଶିକ୍ଷିତ ମା' ମାନେ ଶକ୍ତିଶାଳୀ ଓ ସମୃଦ୍ଧିଶାଳୀ ଦେଶ ଗଠନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରନ୍ତି। ତେଣୁ ବାଳିକା ମାନଙ୍କୁ ଉପଯୁକ୍ତ ଶିକ୍ଷା ନିତ୍ୟାନ୍ତ ଆବଶ୍ୟକ।

. ସୁଷମ ଓ ପୁଷ୍ଟିକର ଖାଦ୍ୟ ପୁତ୍ର କନ୍ୟା ଭେଦ ଭାବ ନ କରି ସମସ୍ତିଙ୍କୁ ଦେବା ଉଚିତ୍। ଏହା ଦ୍ୱାରା କନ୍ୟା ସନ୍ତାନ ମାନେ ଅବହେଳିତ ହେବେ ନାହିଁ। ବରଂ ସୁସ୍ଥ ଓ ବଳିଷ୍ଠ ହେବେ।

. କେତେକ ମା ବାପା ମାନେ ଅଳ୍ପ ବୟସ୍କ କନ୍ୟା ମାନଙ୍କୁ ବିବାହ କରି ଦିଅନ୍ତି। ବାଲ୍ୟ ବିବାହ ଆମ ସମାଜର ବିକାଶ ପଥରେ ବାଧକ ସାଜୁଛି। ସେଥିପାଇଁ ରାଜା ରାମମୋହନ ରାୟ ଓ ଇଶ୍ୱର ଚନ୍ଦ୍ର ବିଦ୍ୟାସାଗର ଏପରି ପ୍ରଥାକୁ ଦୂର କରିବା ପାଇଁ ପ୍ରାଣ ପ୍ରଣେ ଚେଷ୍ଟା କରିଥିଲେ। ଆମ ଦେଶର ପ୍ରଧାନମନ୍ତ୍ରୀ ୧୮ ବର୍ଷ ପରିବର୍ତ୍ତେ ୨୧ ବର୍ଷ କନ୍ୟା ମାନଙ୍କ ବିବାହ ର ବୟସ ଆଇନ ଦ୍ୱାରା ପ୍ରଣୟନ କରାଗଲେ। ଆମ ସମାଜର ଅଶେଷ ଉନ୍ନତି ହେବ। ଆମ ସରକାର ପୁତ୍ରମାନଙ୍କ ପରି କନ୍ୟା ମାନଙ୍କୁ ପୈତୃକ ସମ୍ପତ୍ତି ଏକ ଅଂଶ ଲାଭ କରିବାର ଆଇନଗତ ସୁବିଧା ପ୍ରଦାନ କରିଥିବାରୁ ଶତ ପ୍ରଶଂସାର ପାତ୍ର।

. ମାତ୍ର ଅପ୍ରିୟ ସତ କଥା କହିବାକୁ ଗଲେ ଭୃଣ ହତ୍ୟା କନ୍ୟା ନିଖୋଜ, ଆମ୍ମ ହତ୍ୟା ଓ ବାଳିକା ମାନଙ୍କ ପ୍ରତି କୁତ୍ସିତ ବ୍ୟବହାର ପାଇଁ ଆମେମାନେ ପରୋକ୍ଷ ଭାବରେ ଦାୟୀ। ସମୟ ଆସିଛି ଚିନ୍ତା କରିବାର। ସୁସ୍ଥ, ସୁନ୍ଦର ବିକାଶଶୀଳ ସମାଜ ଗଠନ ପାଇଁ ପ୍ରଥମ ପଦକ୍ଷେପ ନେବାକୁ ହେବ। ଶିଶୁ ବାଳିକା ବା ନାରୀ ନିର୍ଯାତନାକୁ ଆମେ ମାନେ ଦୂରେଇ ଦେବା। ସଜାଗ ରହିବ, ସଚେତନ ରହିବା।

ଆଉ ନିର୍ଭିକ ଭାବରେ ଏପରି କୁକାର୍ଯ୍ୟର ସମୂହ ପ୍ରତିରୋଧ କରିବା। ଏହା ପରେ ନିଶ୍ଚୟ ଆସିଯିବ ସମାଜରେ ହସ ଖୁସି ଆନନ୍ଦର ମହଲ। ତେବେ ମନରେ ପ୍ରଶ୍ନ ଉଠେ ଆମେ କଣ କରିପାରିବା?

. ବାଳିକା ମାନଙ୍କ ପାଇଁ ପ୍ରତ୍ୟେକ ଅଭିଭାବକ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କଲେ ଭଲ ହୁଅନ୍ତା। ବୈଶୟିକ ଶିକ୍ଷା ବା କର୍ମାଭିମୁଖୀ ଶିକ୍ଷାର ସୁବିଧା ସରକାରୀ ବା ବେସରକାରୀ ସଂସ୍ଥାମାନ ମୁକ୍ତ ରୂପେ ପ୍ରଦାନ କଲେ ଆମ ଦେଶର ଅର୍ଥନୈତିକ ବିକାଶ ହେବା ସୁନିଶ୍ଚିତ।

. ପ୍ରତ୍ୟେକ ବାଳିକା ମାନଙ୍କୁ ଆତ୍ମରକ୍ଷା କୌଶଳ ବା ଯୁଡ଼ୋ, ଟାଇକାଣ୍ଡୋ, ମାର୍ଶାଲଆର୍ଟ ଆଦି ଶିକ୍ଷା ଦିଆଗଲେ ସେମାନେ ସେମାନଙ୍କ ର ସୁରକ୍ଷା ସ୍ୱୟଂ କରିପାରିବେ।

. ବାଳିକାମାନଙ୍କ ପ୍ରତି ଅସତ ବ୍ୟବହାର କରୁଥିବା ବ୍ୟକ୍ତିଙ୍କୁ ସମାଜିକ ଚାପ ପଡ଼ିବା ଉଚିତ୍। ଯେପରି କେହି ବାଳିକା ବା ଯୁବତୀ ମାନଙ୍କ ପ୍ରତି କୁତ୍ସିତ ବ୍ୟବହାର ଦେଖାଇବାକୁ ସାହାସ କରି ପାରିବେନି।

. ପ୍ରତ୍ୟେକ ପୋଲିସ ଷ୍ଟେସନରେ ମହିଳା ପୋଲିସ ନିଯୁକ୍ତି ପାଇଲେ ବାଳିକା ମାନଙ୍କର ମନୋବଳ ବଢିବ। ସେମାନେ ତାଙ୍କ ଅଭିଯୋଗ ନିସଙ୍କୋଚରେ କରିପାରିବେ।

. ଓଡ଼ିଶାର ଅର୍ଥନୈତିକ ବିକାଶ ପାଇଁ ବାଳିକା ମାନଙ୍କୁ କ୍ରୀଡ଼ା ଓ ସୈନିକ ତାଲିମମାନ ପ୍ରଦାନ କରାଗଲେ। ସେମାନେ ଭାରତର ପ୍ରତୀରକ୍ଷା ସେକ୍ଟରରେ କର୍ମ ନିଯୁକ୍ତି ପାଇ ପାରିବେ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

## କବିତା କୋଣାର୍କ

### ମୋ ଗାଁ...

ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ

ସହର ଠାରୁ ଅଳପ ଦୂର
ରାଜରାସ୍ତାର ନିକଟଉର
ଅଟଇ ମୋର ଗାଆଁଟି,
ତିନୋଟି ସାହି ଦେଢ଼ଶହ ଘର
ଚକାପଦା ତା'ର ନାଆଁଟି
ଅଟଇ ମୋର ଗାଆଁଟି ।

ଗାଆଁରେ ମୋର କେତେ ଠାକୁର
ଯାନିଯାତ୍ରାରେ କମ୍ପଇ ପୁର
ସବୁଜାତିର ଲୋକ ଥିଲେ ବି
ଅଛି ଆମ ଭାଇଚାରାଟି.....
ଚକାପଦା ତା'ର ନାଆଁଟି
ଅଟଇ ମୋର ଗାଆଁଟି ।

ଦୋଳ ଯାତରା ଅବା ଦଶରା
ତ୍ରିନାଥ ପାଲା ହୁଏଟି ପରା
କାନ୍ଧରେ କାନ୍ଧ ମିଶାଇ ଚାଲୁ
ସୁଖ ଆସୁ କି ଦୁଃଖଟି ....
ଚକାପଦା ତା'ର ନାଆଁଟି
ଅଟଇ ମୋର ଗାଆଁଟି ।

ବରଷେ ଥରେ ଅଷ୍ଟପ୍ରହରୀ
ଦଣ୍ଡ ଯାତରେ ନାମ ଆମରି
ଦେବୀ ଆମର ରାମଚଣ୍ଡୀ ମା'
ଦେବତା କପିଳେଶ୍ୱରଟି .....
ଚକାପଦା ତା'ର ନାଆଁଟି
ଅଟଇ ମୋର ଗାଆଁଟି ।

ଗ୍ରାମେ ଅଛନ୍ତି ଶ୍ରୀ ରଘୁନାଥ
ପାଳୁ ଆନନ୍ଦେ ଶ୍ରୀ ଘୋଷଯାତ
ବିଦ୍ୟାମନ୍ଦିର ଦୁଇଟି ଅଛି
ସାହା ମଙ୍ଗଳା ମାଆଟି .....
ଚକାପଦା ତା'ର ନାଆଁଟି
ଅଟଇ ମୋର ଗାଆଁଟି ।

ପିଲାଙ୍କ ମସ୍ତି ଖେଳା ଖେଳିରେ
ଯୁବା ଧାଆନ୍ତି ନିଜ କର୍ମରେ
ବୁଢା ବୁଢ଼ୀଙ୍କ ସକାଳେ ସଞ୍ଜେ
ସାହା ଭାଗବତ ଟୁଙ୍ଗୀଟି ...
ଚକାପଦା ତା'ର ନାଆଁଟି
ଅଟଇ ମୋର ଗାଆଁଟି ।

ଥାଉ ନଥାଉ ପରିଚୟ ତା'
ଆମ ପାଇଁ ସେ ଅଟଇ ମାତା
ଜନମ ଲଭି ତା' କୋଳେ ମୁହିଁ
ଜୀବନ ମୋର ଧନ୍ୟ ଟି....
ଚକାପଦା ତା'ର ନାଆଁଟି ।
ଅଟଇ ମୋର ଗାଆଁଟି ।।

+ଚକାପଦା,ବେଗୁନିଆ, ଖୋର୍ଦ୍ଧା
୯୧୭୮୪୭୫୪୩୭

## କବିତା କୋଣାର୍କ

### ଅଛବ ଘରର ଝିଅ ...

ପ୍ରଶାନ୍ତ କୁମାର ନାଥ



ତୁମକୁ ଖୋଜୁଛି
ଏବେ ଏବେ ଏ ମନ
ତୁମକୁ ବେଶି ଝୁରୁଛି
ଫେସବୁକ୍ ହ୍ୱାଟ୍ସଆପ୍
ମେସେଂଜରରେ ଖାଲି
ତୁମରି ଚେହେରା ଖୋଜୁଛି ।

ନା ସେ ତୁମକୁ ଭୁଲିଥିଲା
ନା ସେ ଭୁଲିଛି
କାଲିବି ତୁମ ଆପେକ୍ଷାରେ ଥିଲା
ଆଜିବି ସେମିତି ତୁମ
ଅପେକ୍ଷାରେ ରହିଛି ।

ଫେସ୍ବୁକ୍ରେ ମିଳୁଥିବା
ସବୁ ଲାଇକ୍ ଗୁଡ଼ିକୁ
ଗୋଟି ଗୋଟି କରି ଚେକ୍ କରୁଛି
କାଳେ କେତେବେଳେ
ତୁମଠାରୁ ଲାଇକ୍ଟିଏ ମିଳିଛି ।

ମେସେଜ ବକ୍ସର ଶହ ଶହ ମେସେଜ
ସେମିତି ଅନ୍ରିଡ୍ ଅଛି
ତଥାପି ସେହି ମେସେଜ୍ ଗୁଡ଼ିକୁ
ବାରମ୍ବାର ଖେଳେଇ ଚାଲିଛି
କାଳେ କେତେବେଳେ ତୁମର
ଗୋଟେ ମେସେଜ ଆସିଛି ।

ତୁମ ଫେସବୁକ୍ର ସେ
ନୀଳ ଲାଇଟ୍ ଜଳୁଥିବା ଯାଏ
ମୁଁ ଅନଲାଇନ୍ରେ ରହୁଛି
କାଳେ ତୁମର ମେସେଜ୍ ଆସିଯିବ
ଆଉ ମୁଁ ଅଫଲାଇନ୍ରେ ଥିବି
ସେଥିପାଇଁ ତୁମ ଡିପିରେ
ମୁଁ ଧ୍ୟାନ ଦେଉଛି ।

ଆଗରୁ ଇଗନୋର୍ କରୁଥିବା
ସବୁଯାକ ଅନ୍ନୋନ୍ କଲ୍କୁ
ଏବେ ରିସିଭ୍ କରୁଛି
କାଳେ ସେଥିରେ ତୁମ
ନମ୍ବର ଥିବ
ସେଥିପାଇଁ ଅନେକ ସମୟରେ
କଲ୍ଲିଷ୍ଟ ରିଚେକ୍ ମଧ୍ୟ କରୁଛି ।

ନୂଆ ନମ୍ବରରୁ ଆସୁଥିବା
ସବୁ ହ୍ୱାଟ୍ସଆପ ମେସେଜର
ରିପ୍ଲାଇ ମଧ୍ୟ କରୁଛି
କାଳେ ସେଥିରେ ତୁମେ ଥିବ
ସେଥିପାଇଁ ଏବେଠାରୁ
ନାଁ ପଚାରିବା ଆରମ୍ଭ ମଧ୍ୟ
କରିଦେଇଛି ।

କେଜାଣି କାହିଁକି ଏ ମନ
ତୁମକୁ ହିଁ ଝୁରୁଛି
ଅଫଲାଇନ୍ ହେଉ ଅବା ଅନ୍ଲାଇନ୍
ସବୁବେଳେ ଆଉ ସବୁଆଡେ
କେବଳ ତୁମକୁ ଖୋଜୁଛି ।

+ସୁନ୍ଦରପୁର,ଉତ୍ତରକୂଳ
ହାଟ୍,ପ୍ରୀତିପୁର,ଯାଜପୁର
ମୋ-୦୮୮୯୨୩୦୧୧୪୩

### ବୟସ ...

ଅମୂଲ୍ୟ କୁମାର ପଣ୍ଡା



ବୟସ ବଢିଲେ ସବୁ ଯେ ଅନ୍ଧାର
କିଏ ବା ଖୋଜଇ କାହାକୁ
ପଡିଥିବ ଶରି ଆଖି ନେବେ ଫେରି
ସାହା ଏକା ଚଉବାହାକୁ

ଦେଉଥିଲେ ଏଠି ସବୁ ଯେ ନିଜର
ନଦେଇ ପାରିଲେ ପରଟି
ବୃଦ୍ଧ ହୋଇଗଲେ ଅଲୋଡା ହୁଅଇ
ଭୁଲେ ବନ୍ଧୁ ଜନ ଘରଟି

ଆଧୁନିକ ଏହି ସମାଜରେ ଆଜି
ଶିକ୍ଷିତ ଶିକ୍ଷିତା ହୋଇକି
ବୃଦ୍ଧ ପିତା ମାତା ବୃଦ୍ଧାଶ୍ରମେ ରହେ
ପୁତୁଳା ନିଜର ବୋହିକି

+ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ :- ୯୯୩୮୯୦୬୦୭୦

# ଗାନ୍ଧୀ - ନେହେରୁ ଓ ସୋନିଆ - ରାହୁଲଙ୍କ କଂଗ୍ରେସ



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର,ରଣପୁର
ମୋ: ୯୪୩୮୪୮୫୦୯୪

**ଦେଶର ସର୍ବପୁରାତନ ରାଜନୈତିକ ଦଳର ସ୍ଥିତି ପରିସ୍ଥିତି ଏବେ ଭଲ ନାହିଁ। ଗାନ୍ଧୀ - ନେହେରୁଙ୍କ କଂଗ୍ରେସ ଏବେ ଇତିହାସ ପାଲଟି ଯିବାକୁ ବସିଛି। ଗାନ୍ଧୀ-ନେହେରୁଙ୍କ କଂଗ୍ରେସ ଓ ବର୍ତ୍ତମାନର ସୋନିଆ -ରାହୁଲଙ୍କ କଂଗ୍ରେସକୁ ଦେଖିଲେ ଗୋଟିଏ କଥା ସ୍ପଷ୍ଟ ଯେ ସେତେବେଳେ ବା ସ୍ୱାଧୀନତାର ପରବର୍ତ୍ତୀ ସମୟରେ କଂଗ୍ରେସକୁ ମୁକାବିଲା କରିବା ପାଇଁ ରାଜନୈତିକ ଦଳ ନଥିଲେ। କିନ୍ତୁ ଏବେ ସୋନିଆ- ରାହୁଲଙ୍କ କଂଗ୍ରେସ କଡ଼ା ମୁକାବିଲାର ସମ୍ମୁଖୀନ ହେଉଛି। ଦଳରେ ଥିବା ଆଭ୍ୟ'ରୀଣ କନ୍ଦଳ ମଧ୍ୟ ଦଳକୁ ଅଧିକ ଦୁର୍ବଳ କରିବାରେ ଲାଗିଛି। ପାଠକଙ୍କ ମଧ୍ୟରୁ ଅନେକ ଗାନ୍ଧୀ-ନେହେରୁଙ୍କ କଂଗ୍ରେସ ଦେଖିନଥିଲେ ମଧ୍ୟ ଇନ୍ଦିରା, ରାଜୀବ, ନରସିଂହ ଓ ସୀତାରାମ କେଶରୀଙ୍କ କଂଗ୍ରେସକୁ ଦେଖିଛନ୍ତି ଓ ଏବେର ସୋନିଆ - ରାହୁଲଙ୍କ କଂଗ୍ରେସକୁ ଦେଖୁଛନ୍ତି।**

ଦେଶର ସର୍ବପୁରାତନ ରାଜନୈତିକ ଦଳର ସ୍ଥିତି ପରିସ୍ଥିତି ଏବେ ଭଲ ନାହିଁ। ଗାନ୍ଧୀ - ନେହେରୁଙ୍କ କଂଗ୍ରେସ ଏବେ ଇତିହାସ ପାଲଟି ଯିବାକୁ ବସିଛି। ଗାନ୍ଧୀ-ନେହେରୁଙ୍କ କଂଗ୍ରେସ ଓ ବର୍ତ୍ତମାନର ସୋନିଆ -ରାହୁଲଙ୍କ କଂଗ୍ରେସକୁ ଦେଖିଲେ ଗୋଟିଏ କଥା ସ୍ପଷ୍ଟ ଯେ ସେତେବେଳେ ବା ସ୍ୱାଧୀନତାର ପରବର୍ତ୍ତୀ ସମୟରେ କଂଗ୍ରେସକୁ ମୁକାବିଲା କରିବା ପାଇଁ ରାଜନୈତିକ ଦଳ ନଥିଲେ। କିନ୍ତୁ ଏବେ ସୋନିଆ- ରାହୁଲଙ୍କ କଂଗ୍ରେସ କଡ଼ା ମୁକାବିଲାର ସମ୍ମୁଖୀନ ହେଉଛି। ଦଳରେ ଥିବା ଆଭ୍ୟନ୍ତରୀଣ କନ୍ଦଳ ମଧ୍ୟ ଦଳକୁ ଅଧିକ ଦୁର୍ବଳ କରିବାରେ ଲାଗିଛି। ପାଠକଙ୍କ ମଧ୍ୟରୁ ଅନେକ ଗାନ୍ଧୀ-ନେହେରୁଙ୍କ କଂଗ୍ରେସ ଦେଖିନଥିଲେ ମଧ୍ୟ ଇନ୍ଦିରା, ରାଜୀବ, ନରସିଂହ ଓ ସୀତାରାମ କେଶରୀଙ୍କ କଂଗ୍ରେସକୁ ଦେଖିଛନ୍ତି ଓ ଏବେର ସୋନିଆ - ରାହୁଲଙ୍କ କଂଗ୍ରେସକୁ ଦେଖୁଛନ୍ତି। ଗାନ୍ଧୀ ଓ ସୁବାସ ଚନ୍ଦ୍ର ବୋଷଙ୍କ କଥା ଆମେ ଇତିହାସ ଓ ବିଭିନ୍ନ ପୁସ୍ତକ ପୁସ୍ତିକାରୁ ପଢିଛେ। ଖିଲାପତ ଆନ୍ଦୋଳନ କଥା ମଧ୍ୟ ପଢ଼ିଛେ। ଖିଲାପତ ଆନ୍ଦୋଳନ ବେଳେ ଗାନ୍ଧୀଙ୍କ ନେତୃତ୍ୱାଧୀନ ଥିବା କଂଗ୍ରେସ ଭାରତକୁ ମୁସଲମାନ ମାନଙ୍କର ଗୋଲାମ ଭାବରେ ଉପସ୍ଥାପନ କରିବା ପାଇଁ ମଧ୍ୟ ଉଦ୍ୟମ କରିଥିଲା। କିନ୍ତୁ ସ୍ୱାଧୀନତା ପରେ ଓ ଇନ୍ଦିରା ଗାନ୍ଧୀଙ୍କ ପର୍ଯ୍ୟନ୍ତ କଂଗ୍ରେସକୁ କିନ୍ତୁ ସବୁ ବିଚାର ଧାରାର ଲୋକେ ନିୟନ୍ତ୍ରଣ କରୁଥିଲେ। ଫୁଲଦାନୀରେ ବିଭିନ୍ନ ପ୍ରକାରର ଫୁଲ ସବୁ ସଜାହେବା ଭଳି କଂଗ୍ରେସ ସବୁ ବିଚାର ଧାରାରେ ଏକ ଫୁଲତୋଡ଼ା ଭଳି ଥିଲା। ଏବେ କିନ୍ତୁ ସୋନିଆ ଗାନ୍ଧୀଙ୍କ କଂଗ୍ରେସରେ ଏଭଳି ଅବସ୍ଥା ନାହିଁ। ନରସିଂହ ଓ ସୀତାରାମ କେଶରୀଙ୍କ ନେତୃତ୍ୱରେ କ୍ରମାଗତ ଭାବରେ ଦୁଇଥର ଲୋକସଭା ନିର୍ବାଚନରେ ହାରିବା ପରେ ୧୯୯୮ରେ କଂଗ୍ରେସ ଦଳର ପଞ୍ଚମଢି ସମ୍ମିଳନୀରେ ଦଳ ଏକାକୀ ନିର୍ବାଚନ ଲଢିବ ବୋଲି ନିଷ୍ପତ୍ତି ନେଇଥିଲା। ଫଳରେ ଦଳ ନିଜର ସ୍ଥିତି ମଜଭୁତ କରିପାରିବ ବୋଲି ଉକ୍ତ ସମ୍ମିଳନୀରେ ନେତାମାନେ ମତଦେଇଥିଲେ। କିନ୍ତୁ ଜୟଲଳିତାଙ୍କ ସହମିଶି ବାଜପେୟୀଙ୍କ ସରକାରକୁ ଭାଙ୍ଗିବା ପରେ ମଧ୍ୟ କଂଗ୍ରେସ ୧୯୯୯ରେ ତୃତୀୟ ଥର ପାଇଁ ନିର୍ବାଚନରେ ହାରିଯାଇଥିଲା। ୨୦୦୩ ମସିହା ଜୁନ୍ ମାସରେ ସୋନିଆ ଗାନ୍ଧୀ ସିମଳାରେ ଦଳର ବୈଠକ ଡାକିଥିଲେ ଓ ୨୦୦୪ ଲୋକସଭା ନିର୍ବାଚନରେ କଂଗ୍ରେସ ଆଞ୍ଚଳିକ ଦଳମାନଙ୍କ ସହ ମେଣ୍ଟ କରି ନିର୍ବାଚନ ଲଢିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏହି ନିଷ୍ପତ୍ତି ମଧ୍ୟ କାମ ଦେଇଥିଲା। ସାଇନିଙ୍ଗ୍ ଇଣ୍ଡିଆ ସତ୍ତ୍ୱେ ୨୦୦୪ରେ ବାଜପେୟୀ ହାରିଯାଇଥିଲେ ଏବଂ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ମେଣ୍ଟ ସରକାର ପାଇଁ ବାଟ ଖୋଲିଯାଇଥିଲା। ଏଇଠାରୁ ଆରମ୍ଭ ହେଲା ନୂଆ ପ୍ରକାରର ତୁଷ୍ଟିକରଣର ରାଜନୀତି ଦେଶର ସଂସାଧାନ ଉପରେ ମୁସଲମାନ ମାନଙ୍କର ପ୍ରଥମ ହକ୍‌ର ରାଜନୀତି ଆରମ୍ଭ ହୋଇଗଲା। ସେତେବେଳେ ତୁଷ୍ଟିକରଣର ଏହି ରାଜନୀତିକୁ ବିରୋଧ କରିବା ପାଇଁ କୌଣସି କଂଗ୍ରେସ ନେତା ଆଗଭର ହେଲେ ନାହିଁ କି ବିରୋଧ ମଧ୍ୟ କଲେ ନାହିଁ।

ସେକୁଲାରିଜିମ୍ ବା ଧର୍ମ ନିରପେକ୍ଷ ନାମରେ ମୁସଲିମ୍ ତୁଷ୍ଟିକରଣକୁ ଗୁରୁତ୍ୱ ଦେଉଥିବା ଗାନ୍ଧୀ ଏବଂ ନେହେରୁଙ୍କ ଆଗରେ ସ୍ୱାମୀ ଶ୍ରଦ୍ଧାନନ୍ଦ, ସଂପୂର୍ଣ୍ଣାନନ୍ଦ, ସର୍ଦ୍ଦାର ପଟେଲ, ଡକ୍ଟର ରାଜେନ୍ଦ୍ର ପ୍ରସାଦ, ରବିଶଙ୍କର ଶୁକ୍ଳା ଏବଂ କହ୍ନେୟା ଲାଲମୁନସୀ ହିନ୍ଦୁମାନଙ୍କ ସ୍ୱାର୍ଥ ପାଇଁ ଠିଆ ହୋଇଯାଉଥିଲେ ସ୍ୱାଧୀନତା ଆନ୍ଦୋଳନର ଅନ୍ୟତମ ନେତା ତଥା ନେହେରୁଙ୍କ କ୍ୟାବିନେଟର ମନ୍ତ୍ରୀ ଥିବା କହ୍ନେୟା ଲାଲ ମୁନସୀ ପରବର୍ତ୍ତୀ ସମୟରେ ନେହେରୁଙ୍କ ମୁସଲିମ୍ ପ୍ରୀତି କାରଣରୁ କଂଗ୍ରେସରୁ ଇସ୍ତଫା ଦେଇ ଜନସଂଘରେ ଯୋଗ ଦେଇଥିଲେ। ସେହିଭଳି ଇନ୍ଦିରା ଗାନ୍ଧୀଙ୍କ ସମୟ ପର୍ଯ୍ୟନ୍ତ ଏନବି ଗାଡ଼ଗିଲ ଏବଂ ତାଙ୍କ ପୁତ୍ର ବି ଏନ ଗାଡଗିଲ, ନରସିଂହ ରାଓ, କମଳାପତି ତ୍ରିପାଠୀ, ନବଲ କିଶୋର ଶର୍ମା, ଶ୍ୟାମାଚରଣ ଶୁକ୍ଳା ପ୍ରମୁଖ ହିନ୍ଦୁମାନଙ୍କ ସ୍ୱର ପାଲଟିଥିଲେ ଓ ମୁସଲିମ୍ ତୁଷ୍ଟିକରଣ ନୀତିକୁ କିଛି ପରିମାଣରେ ରୋକିବାରେ ସଫଳ ହୋଇଥିଲେ। କଂଗ୍ରେସରେ ଥିବା ମୁସଲିମ୍ ନେତାମାନେ ନରସିଂହ ରାଓଙ୍କୁ ବାବ୍ରୀ ମସଜିଦ୍ ଭଙ୍ଗ ପାଇଁ ଦାୟୀ କରିଥିଲେ। ଇନ୍ଦିରା ଗାନ୍ଧୀ ଯଦିଓ ଭୋଟ ବ୍ୟାଙ୍କକୁ ସୁରକ୍ଷିତ ରଖିବାପାଇଁ ମୁସଲିମ୍ ତୁଷ୍ଟିକରଣ ରାଜନୀତି କରୁଥିଲେ ତଥାପି ହିନ୍ଦୁଙ୍କ ସ୍ୱାର୍ଥ ବିରୁଦ୍ଧରେ କୌଣସି କାର୍ଯ୍ୟ କରିନାହାଁନ୍ତି। ନରସିଂହରାଓ, କମଳାପତି ତ୍ରିପାଠୀ, ଗଡଗିଲ, ଏନକେପି ସାଲଭେ, ନବଲ କିଶୋର ଶର୍ମା, ଶ୍ୟାମାଚରଣ ଶୁକ୍ଳା ଏବଂ ବିଦ୍ୟାଚରଣ ଶୁକ୍ଳା ପ୍ରମୁଖ ଇନ୍ଦିରାଙ୍କ ଛତ୍ରଛାୟା ତଳେ ରହିଥିଲେ।

କିନ୍ତୁ କଂଗ୍ରେସ ନେତୃତ୍ୱ ସୋନିଆ ଗାନ୍ଧୀଙ୍କ ହାତକୁ ଆସିବା ପରଠାରୁ ସବୁ କିଛି ବଦଳି ଯାଇଛି। କଂଗ୍ରେସ ଏବେ ଖୋଲାଖୋଲି ଭାବରେ ମୁସଲିମମାନଙ୍କୁ ସବୁ କଥାରେ ସମର୍ଥନ ଦେଇଚାଲିଚି ଓ ହିନ୍ଦୁଙ୍କ ସ୍ୱାର୍ଥହାନୀ କରିଚାଲିଛି। ସୋନିଆ ଗାନ୍ଧୀଙ୍କ ଚାପରେ ଡକ୍ଟର ମନମୋହନ ସିଂହ ୯୩ତମ ସଂବିଧାନ ସଂଶୋଧନ ଜରିଆରେ ମୁସଲିମ୍ ଓ ଖ୍ରୀଷ୍ଟିଆନ ଶିକ୍ଷା ସଂସ୍ଥାନ ବ୍ୟତୀତ ଅନ୍ୟ ସବୁ ଘରୋଇ ଶିକ୍ଷା ସଂସ୍ଥାରେ ଗରୀବ ପିଲାଙ୍କ ପାଇଁ ୨୫ପ୍ରତିଶତ ଆସନ ସଂରକ୍ଷଣ କରାଇଥିଲେ। ଅର୍ଥାତ୍ ହିନ୍ଦୁଙ୍କ ମାଲିକାନାରେ ଥିବା ଶିକ୍ଷା ସଂସ୍ଥାରେ ସଂରକ୍ଷଣ ବାଧ୍ୟତାମୂଳକ। ସେତେବେଳେ ସରକାର ଅନୁସୂଚିତ ଜାତି ଓ ଜନଜାତିଙ୍କ କଥା ମଧ୍ୟ ଭୁଲି ଯାଇଥିଲେ। ଏହା କ'ଣ ସିକୁଲାରିଜିମ୍? ସୋନିଆ-ମନମୋହନ ସରକାର ଶିକ୍ଷା ଅଧିକାର ଆଇନରେ ମୁସଲିମ୍ -ଖ୍ରୀଷ୍ଟିଆନଙ୍କୁ ରିହାତି ଦେଇଦେଲେ। ଏଇଟା ବି କ'ଣ ସିକୁଲାରିଜିମ୍? ପୂର୍ବତନ ରାଷ୍ଟ୍ରପତି ତାଙ୍କ ଲିଖିତ ପୁସ୍ତକରେ ଲେଖିଛନ୍ତି ଯେ ୨୦୦୪ରେ ଶଙ୍କରାଚାର୍ଯ୍ୟଙ୍କୁ ଗିରଫ କରାଯିବା ପଛରେ ହିନ୍ଦୁ ବିରୋଧୀ ଷଡ଼ଯନ୍ତ୍ର ଏବଂ ସୋନିଆଙ୍କ ହାତଥିଲା। ଅନ୍ୟ ଏକ ଘଟଣାକ୍ରମ ହେଉଛି ସମଝୋତା ବିସ୍ଫୋରଣ। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କୁ ଛାଡି ଦିଆଯାଇଥିଲା। ଏପରିକି କଂଗ୍ରେସପକ୍ଷରୁ 'ଗେରୁଆ ଆତଙ୍କବାଦ' ଶବ୍ଦ ସୃଷ୍ଟି କରାଯାଇଥିଲା। ମର୍ଯ୍ୟାଦା ପୁରୁଷୋତ୍ତମ ରାମଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରିବା ପାଇଁ ଏକ ଶପଥପାଠ ମଧ୍ୟ ସୁପ୍ରିମକୋର୍ଟରେ ଦାଖଲ କରାଯାଇଥିଲା।

ରାହୁଲ ଗାନ୍ଧୀ କଂଗ୍ରେସ ଅଧ୍ୟକ୍ଷ ହେବା ପରେ ଯେତେବେଳେ ଅଶୋକ ଗେହେଲଟଙ୍କ ପରାମର୍ଶକ୍ରମେ ମନ୍ଦିର ବୁଲିଥିଲେ କିନ୍ତୁ କଂଗ୍ରେସ ମୁସଲିମ୍ ମାନସିକତାକୁ ଛାଡିପାରିନଥିଲା। ଲୋକସଭା ନିର୍ବାଚନର ଠିକ୍ ପୂର୍ବରୁ ଜାମ୍ମୁ- ୨୦୧୮ ମସିହା ଜୁଲାଇ ୧୨ ତାରିଖରେ ଏକ ସମ୍ବାଦ ପ୍ରକାଶ ପାଇଥିଲା। ସମ୍ବାଦଟି ଥିଲା ଜୁଲାଇ ୧୧ ତାରିଖରେ ରାହୁଲ ଗାନ୍ଧୀ ୧୨ ତୋଗଲକ ଲେନସ୍ଥିତ ତାଙ୍କ ବାସଭବନରେ ମୁସଲିମ୍ ବୁଦ୍ଧିଜୀବୀମାନଙ୍କର ଏକ ବୈଠକ ଡକାଇଥିଲେ। ରାହୁଲ ବୈଠକରେ ମୁସଲିମ୍ ବୁଦ୍ଧିଜୀବୀମାନଙ୍କୁ ସେମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ସେହି ସମୟରେ ମୁସଲିମ୍ ନେତାମାନେ ରାହୁଲଙ୍କ ମନ୍ଦିର ଯିବା କଥାକୁ ନେଇ ପ୍ରଶ୍ନ ଉଠାଇବାରୁ ରାହୁଲ ଗାନ୍ଧୀ ସେ ପାଇଁ କ୍ଷମା ଲାଗି କର୍ଣ୍ଣାଟକରେ କେତେକ ମସଜିଦ୍ ଯାଇଥିଲେ ବୋଲି ସ୍ପଷ୍ଟିକରଣ ଦେଇ ଥିଲେ ଓ ପୁଣି କେତେକ ମସଜିଦ୍ ଯିବେ ବୋଲି କହିଥିଲେ। ଏ ପ୍ରସଙ୍ଗରେ ସେତେବେଳେ ବିଭିନ୍ନ ଜାତୀୟ ସ୍ତରର ସମ୍ବାଦପତ୍ରରେ ସମ୍ବାଦମାନ ପ୍ରକାଶ ପାଇଥିଲା। କେବଳ ଏତିକି ନୁହେଁ ସମ୍ପୃକ୍ତ ଇନକିଲାବ ସମ୍ବାଦପତ୍ରରେ ପ୍ରକାଶ ପାଇଥିଲା ଯେ, ୨୦୧୯ର ନିର୍ବାଚନରେ କଂଗ୍ରେସ ଯଦି ଶାସନ ଗାଦିକୁ ଆସେ ତେବେ ଦେଶର ସବୁ ଜିଲ୍ଲାରେ ସରିଆ ଅଦାଲତ ପ୍ରତିଷ୍ଠା କରାଯିବ। ଇନକିଲାବ ସମ୍ବାଦପତ୍ରର ମାଲିକ ରାହୁଲ ଗାନ୍ଧୀଙ୍କ ବୈଠକରେ ସାମିଲ ଥିଲେ। କିନ୍ତୁ ପରେ ଚାପରେ ପଡି କଂଗ୍ରେସ ଇନକିଲାବରେ ପ୍ରକାଶିତ ସମ୍ବାଦକୁ ଖଣ୍ଡନ କରିଥିଲା।

ଏବେ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ କଂଗ୍ରେସର ମୁସଲିମ୍ ପ୍ରୀତି ପୁଣି ପଦାକୁ ଆସିଛି। କଂଗ୍ରେସ ମୁସଲିମ୍ କଠୋରପନ୍ଥୀ ନେତା ଆବାସ ସିଦିକି ଓ ଆସାମରେ କଦରୁଦିନ ଆଜମଲଙ୍କ ସହ ମେଣ୍ଟ କରିଛି। ଏକଥାରୁ ଇନକିଲାବରେ ପ୍ରକାଶିତ ସମ୍ବାଦ ସତ୍ୟ ବୋଲି ଯେ କେହି ଭାବିବେ ନିଶ୍ଚୟ। ଆବାସ ସିଦ୍ଦିକି ହେଉଛନ୍ତି ସେହି ବ୍ୟକ୍ତି ଯିଏ ୫୦ଲକ୍ଷ ହିନ୍ଦୁଙ୍କୁ ହତ୍ୟା କରି ପଶ୍ଚିମବଙ୍ଗକୁ ମୁସଲିମ୍ ରାଜ୍ୟରେ ପରିଣତ କରିବାପାଇଁ ଘୋଷଣା କରିଥିଲେ। ଫ୍ରାନ୍ସରେ ଇସଲାମିକ୍ କଠୋରପନ୍ଥୀମାନଙ୍କ ଦ୍ୱାରା ଜଣେ ଶିକ୍ଷକଙ୍କୁ ହତ୍ୟା କରାଯିବା ଓ ମହମ୍ମଦଙ୍କ କାର୍ଟୁନ ଛାପିଥିବା ପତ୍ରିକାର ୧୨ଜଣ ସାମ୍ବାଦିକଙ୍କୁ ହତ୍ୟା କରାଯିବା ଘଟଣାକୁ ଆବାସ ମଧ୍ୟ ସମର୍ଥନ କରିଥିଲେ। ଯଦିଓ ଆବାସ ତାଙ୍କ ଦଳର ନାମ ଇଣ୍ଡିଆନ ସେକୁଲାର ପାର୍ଟି ରଖିଛନ୍ତି କିନ୍ତୁ ଭାରତରେ ସେକୁଲାରର ଅର୍ଥ ହିନ୍ଦୁ ବିରୋଧ। ସେହିପରି କଦରୁଦ୍ଦିନ ଆଜମଲ ମଧ୍ୟ ଆସାମରେ ହିନ୍ଦୁ ବିରୋଧୀ ରାଜନୀତି କରୁଛନ୍ତି।

ଏବେ କଂଗ୍ରେସରେ ବରିଷ୍ଠ ନେତା ଆନନ୍ଦ ଶର୍ମା କଂଗ୍ରେସ ପଶ୍ଚିମବଙ୍ଗରେ ଆବାସ ସିଦ୍ଦିକ ସହମେଣ୍ଟ କରିବା କଥାକୁ ନେଇପ୍ରଶ୍ନ ଉଠାଇଛନ୍ତି। ପୂର୍ବରୁ କଂଗ୍ରେସରେ ସବୁ ବିଚାର ଧାରାର ନେତାଥିଲେ। କିନ୍ତୁ ନରସିଂହ ରାଓଙ୍କ ପରଠାରୁ କଂଗ୍ରେସରେ ହିନ୍ଦୁଙ୍କ ସପକ୍ଷରେ ସ୍ୱର ଉଠାଇବା ଲୋକ (ନେତା) ଆଉ ନାହାଁନ୍ତି। ପ୍ରଣବ ମୁଖାର୍ଜୀଙ୍କ ଭଳି ନେତା ମଧ୍ୟ ସ୍ୱର ଉଠାଇ ପାରୁନଥିଲେ। କିନ୍ତୁ ରାଷ୍ଟ୍ରପତି ହେବା ପରେ ସେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ମୁଖ୍ୟ ମୋହନ ଭାଗବତଙ୍କୁ ରାଷ୍ଟ୍ରପତି ଭବନକୁ ନିମନ୍ତ୍ରଣ କରିଥଲେ ଓ ରାଷ୍ଟ୍ରପତି ପଦରୁ ଅବ୍ୟାହତ ନେବା ପରେ ସଂଘର ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ ସୋନିଆ ଗାନ୍ଧୀଙ୍କ ମୁସଲିମ୍ ମାନସିକତା ବାବଦରେ ଅନେକ କଥା କହିଥିଲେ। ଆନନ୍ଦ ଶର୍ମା ଏବେ ଯେଉଁ ସ୍ୱର ଉଠାଇଛନ୍ତି ତାର କାରଣ ହୁଏତ ତାଙ୍କୁ ରାଜ୍ୟସଭାରେ ବିରୋଧୀ ଦଳର ନେତା ନକରାଯିବା ହୋଇପାରେ। କିନ୍ତୁ ୧୯୯୮ରେ ସୋନିଆ କଂଗ୍ରେସର ଅଧ୍ୟକ୍ଷା ହେବା ପରଠାରୁ କେହି ବି ନେତା କେବେ ଏଭଳି ପ୍ରଶ୍ନ ଉଠାଇ ନଥିଲେ। ଏଣୁ କଂଗ୍ରେସରେ ଥିବା ହିନ୍ଦୁଙ୍କ ପାଇଁ ଏହା ଆଶାର କିରଣ ନିଶ୍ଚୟ। କିନ୍ତୁ ପ୍ରଶ୍ନ ଉଠୁଛି ଯେ କଂଗ୍ରେସର ହିନ୍ଦୁ ନେତା ଆନନ୍ଦ ଶର୍ମାଙ୍କ ପଛରେ ଅନ୍ୟ ନେତାମାନେ ଠିଆ ହେବେ ତ? ଯଦି ଆନନ୍ଦ ଶର୍ମାଙ୍କୁ ଅନ୍ୟ ନେତା ମାନେ ସମର୍ଥନ ନକରିବେ ତେବେ ଏକାକୀ କେତେ ଦିନ ଲଢେଇ କରିପାରିବେ ଆନନ୍ଦ ଶର୍ମା?

# ପାର୍ଟିଓୟାରରେ ନୂଆ ଟ୍ରେଣ୍ଡ୍

**ଗାଉନ୍, କାରୁକାର୍ଯ୍ୟ ଖଚିତ ଶାଢ଼ି ଓ ପାଶ୍ଚାତ୍ୟ ଶୈଳୀର ପୋଷାକର ଆଦର ବେଶୀ**



ଆଜିକାଲି ପରିବାରରେ ଏବଂ ସମାଜରେ ଏକାଧିକ ପାର୍ଟି ଆୟୋଜନ କରାଯାଉଛି। ପାର୍ଟିକୁ ଯିବା ପାଇଁ ବଜାରରେ ପୂର୍ବରୁ ସ୍ୱତନ୍ତ୍ର ଧରଣର ପୋଷାକ ଓ ଶାଢ଼ି (ପାର୍ଟିଓୟାର) ଉପଲବ୍ଧ ହେଉଛି। ବିଶେଷକରି ମହିଳାଙ୍କ ପାଇଁ ବିଭିନ୍ନ ପ୍ରକାରର କୁର୍ତ୍ତି, ଗାଉନ୍, ଟ୍ରାଉଜର ସେଟ୍, ଜିନ୍ସ, ଡେନିମ୍, ଶାଢ଼ି, ଟପ୍ସ, ମିଡି ଆଦି ମିଳୁଛି। ନିର୍ବନ୍ଧ, ବାହାଘର, ସଂଗୀତ କାର୍ଯ୍ୟକ୍ରମ କିମ୍ବା ସଭା ସମିତିରେ ଏସବୁ ପୋଷାକ ଓ ଶାଢ଼ି ମହିଳାମାନେ ସ୍ୱତନ୍ତ୍ର ଭାବେ ପିନ୍ଧୁଛନ୍ତି। ବଜାରରେ ମଧ୍ୟ ଭଳିକି ଭଳି ଡିଜାଇନ୍, ଲୁକ୍, ଫେସନ୍‌ର ପୋଷାକ ଓ ଶାଢ଼ି ସ୍ୱତନ୍ତ୍ର ଭାବେ ମିଳିଯାଉଛି। ରାଜଧାନୀର ବଡ଼ ବଡ଼ ସୋରୁ'ମ୍‌ରେ ପାର୍ଟିଓୟାର କଲେକ୍ସନ ମଧ୍ୟ ଉପଲବ୍ଧ କରାଗଲାଣି।

## ଗାଉନ୍ ଚାହିଦା ଅଧିକ

ବିଶେଷକରି ମହିଳାଙ୍କ ପାର୍ଟିଓୟାରକୁ ଦୁଇଟି ବର୍ଗରେ ବିଭକ୍ତ କରାଯାଇଛି। ସେଥିରୁ ଗୋଟିଏ ଏଥନିକ୍ କଲେକ୍ସନ ହୋଇଥିବାବେଳେ ଅନ୍ୟଟି ୱେଷ୍ଟର୍ଣ୍ଣ ବା ପାଶ୍ଚାତ୍ୟ କଲେକ୍ସନ। ଏଥନିକ୍ କଲେକ୍ସନରେ ଡ୍ରେସ ପିନ୍ଧିବାକୁ ଭଲ ପାଉଥିବା ମହିଳାଙ୍କ ପାଇଁ ପ୍ଲାଜୋ ସାରାରା, ଟ୍ରାଉଜର ସେଟ୍ସ, ଗାଉନ୍, ସ୍କର୍ଟ ଟପ୍, ଲଙ୍ଗ୍ କୁର୍ତ୍ତି, ସର୍ଟ କୁର୍ତ୍ତିର ଚାହିଦା ଅଧିକ ରହିଛି। ପଣ୍ଡା ଲାଇଫ୍ ଷ୍ଟାଇଲ୍‌ର ଜଣେ ବରିଷ୍ଠ କର୍ମକର୍ତ୍ତାଙ୍କ କହିବାନୁଯାୟୀ, ପୂର୍ବରୁ ବାହାଘର ଓ ନିର୍ବନ୍ଧ ପାଇଁ ଝିଅମାନେ ଲେହେଙ୍ଗା ନେଉଥିବାବେଳେ ଏବେ ଗାଉନ୍ ଅଧିକ ମାତ୍ରାରେ ନେଉଛନ୍ତି। ମୁଖ୍ୟତଃ ନିର୍ବନ୍ଧରେ ଝିଅମାନେ ଗାଉନ୍ ପିନ୍ଧୁଛନ୍ତି ବୋଲି ସେ କୁହନ୍ତି। ଗାଉନ୍‌ର ଦାମ୍ ୪ ହଜାର ଟଙ୍କାରୁ ଆରମ୍ଭ ହୋଇଛି। ସେହିଭଳି ଟ୍ରାଉଜର ସେଟ୍ ?ର ସର୍ବନିମ୍ନ ମୂଲ୍ୟ ୨୫୦୦ ଟଙ୍କା, ସ୍କଟ୍ ଟପ୍‌ର ସର୍ବନିମ୍ନ ମୂଲ୍ୟ ୩ ହଜାର ଟଙ୍କା ରହିଛି। ସେହିଭଳି ଲଙ୍ଗ୍ କୁର୍ତ୍ତିର ମୂଲ୍ୟ ୫ ହଜାର ଟଙ୍କାରୁ ଓ ସର୍ଟ କୁର୍ତ୍ତିର ମୂଲ୍ୟ ୧୫୦୦ ଟଙ୍କାରୁ ଆରମ୍ଭ ହୋଇଛି। ବିଭିନ୍ନ ସୋ'ରୁମ୍‌ରେ ଏହାର ସର୍ବନିମ୍ନ ଓ ସର୍ବାଧିକ ମୂଲ୍ୟ ଅବଶ୍ୟ ଭିନ୍ନ ଭିନ୍ନ ରହିଛି।

## କାରୁକାର୍ଯ୍ୟ ଖଚିତ ଶାଢ଼ି

ପାର୍ଟିରେ ଶାଢ଼ି ପିନ୍ଧିବାକୁ ପସନ୍ଦ କରୁଥିବା ମହିଳାମାନେ ଏବେ ସେଲିବ୍ରେସନ୍ ଲୁକ୍ ଦେଉଥିବା ଷ୍ଟାଇଲିସ୍, ଏକ୍ସକ୍ଲୁସିଭ କଲର କମ୍ବିନେସନ ଥିବା ଡିଜାଇନର ଶାଢ଼ି ଅଧିକ ମାତ୍ରାରେ କିଣୁଛନ୍ତି। ଏସବୁ ଶାଢ଼ି ପାଖାପାଖି ଅଢ଼େଇ ହଜାରରୁ ୩ ହଜାର ଟଙ୍କା ମଧ୍ୟରେ ମଧ୍ୟ ମିଳିଯାଉଛି। ବିଶେଷକରି ଶାଢ଼ିର କାରୁକାର୍ଯ୍ୟ ଉପରେ ଦର ନିର୍ଭର କରିଥାଏ। ଭୁବନେଶ୍ୱରରେ ଏବେ ସାରାସ୍ ୱାର୍କ, ପାର୍ସି ୱାର୍କ, ଷ୍ଟୋନ୍ ୱାର୍କ ଏବଂ ଥ୍ରେଡ୍ ୱାର୍କ ହୋଇଥିବା ଶାଢ଼ିକୁ ମହିଳାମାନେ ପାର୍ଟିରେ ପିନ୍ଧିବାକୁ ଭଲ ପାଉଛନ୍ତି। ତେଣୁ ଏସବୁ ଡିଜାଇନ ଓ ଷ୍ଟାଇଲ୍‌ର ଶାଢ଼ି ସୋ'ରୁମ୍ ଗୁଡ଼ିକରେ ଉପଲବ୍ଧ କରାଯାଇଛି।

## ପାଶ୍ଚାତ୍ୟ ପୋଷାକ

କମ୍ ବୟସର ଝିଅ ବା କିଶୋରୀଙ୍କ ମଧ୍ୟରେ ମିଡି ବା ସର୍ଟ ଫ୍ରକ୍‌ର ଚାହିଦା ଅଧିକ। ଏଥସହିତ ଫେସନଯୁକ୍ତ ଟପ୍ସ ମଧ୍ୟ କିଶୋରୀମାନେ କିଣୁଛନ୍ତି। କିଛି କିଶୋରୀ ଓ ଝିଅ ମଧ୍ୟ ଜିନ୍ସ ପୋଷାକକୁ ପାର୍ଟିଓୟାର ଭାବେ ଚୟନ କରୁଛନ୍ତି। ଜିନ୍ସରେ କ୍ରପ୍ ଜିନ୍ସ, ୪ଟା ବଟମ୍ ଥିବା ଜିନ୍ସ, ଡେନିମ୍‌ରେ ବୁଟ୍ କଟ୍ ଆଦି ଡିଜାଇନର ଚାହିଦା ଅଧିକ ରହିଛି। ଫୋକସ୍, ଡିଲ୍ ଓ ଚ୍ୟାନେଲ୍ ଏଫ୍ ଭଳି ବ୍ରାଣ୍ଡ ବଜାରରେ ଉପଲବ୍ଧ ହେଉଛି। ଏସବୁ ଜିନ୍ସ ପ୍ୟାଣ୍ଟ ୯୯୯ ଟଙ୍କାରୁ ଆରମ୍ଭ ହେଉଛି।



# ଘରେ ରଖନ୍ତୁ ଫେଙ୍ଗସୁଇ ଗାଈ: ମିଳିବ ଅନେକ ଫାଇଦା

**ଚାଇନିଜ୍ ବାସ୍ତୁଶାସ୍ତ୍ର ଫେଙ୍ଗସୁଇରେ ଏପରି ଅନେକ ଜିନିଷ ରହିଛି ଯାହାକୁ ଘରେ ଓ ଦୋକାନରେ ରଖିବା ଅତ୍ୟନ୍ତ ଶୁଭ ହୋଇଥାଏ। ଘରୁ ନକାରାତ୍ମକ ଶକ୍ତି ଦୂର କରିବା ପାଇଁ ଓ ସକରାତ୍ମକ ଶକ୍ତିର ପ୍ରବାହକୁ ବଢ଼ାଇବା ପାଇଁ ଗାଈ ଶୁଭ ବୋଲି କୁହାଯାଏ। ହିନ୍ଦୁ ଧର୍ମରେ ଗାଈର ମହତ୍ତ୍ୱ ଯେପରି, ପେଙ୍ଗସୁଇରେ ମଧ୍ୟ ଠିକ୍ ସେହିପରି। ଆସନ୍ତୁ ଜାଣିବା ଫେଙ୍ଗସୁଇର ଗାଈ ଘରେ ରଖିଲେ କ'ଣ ଫଳ ମିଳେ।**

୧) ଫେଙ୍ଗସୁଇ ଅନୁଯାୟୀ, ଗାଈର ପ୍ରତୀକ ଅଫିସ୍ କିମ୍ବା ଘରେ ସ୍ଥାପିତ କଲେ ଅତ୍ୟନ୍ତ ଶୁଭପଳ ପ୍ରାପ୍ତ ହୁଏ। ପରିବାରର ସଦସ୍ୟଙ୍କୁ ସୌଭାଗ୍ୟ ପ୍ରାପ୍ତି ହୁଏ।

୨) ବାଛୁରୀକୁ କ୍ଷୀର ପିଆଉଥିବା ଗାଈର ପ୍ରତୀକ ରଖିଲେ ଆପଣଙ୍କୁ ଯୋଗ୍ୟ ସନ୍ତାନ ପ୍ରାପ୍ତି ହେବ। ଏଥିସହ ଆପଣଙ୍କ ସନ୍ତାନକୁ କେବେ ହେଲେ ଧନଭାବ ହେବନାହିଁ।

୩) ଯଦି ପିଲାଙ୍କର ପାଠପଢ଼ାରେ ମନ ଲାଗୁ ନାହିଁ, ତେବେ ପିଲାଙ୍କ ଷ୍ଟଡି ଟେବୁଲ୍‌ରେ ଏହି ଗାଈକୁ ରଖନ୍ତୁ। ଏହାଦ୍ୱାରା ସେମାନଙ୍କର ପାଠ ପ୍ରତି ଏକାଗ୍ରତା ବଢ଼ିବ।

୪) ଫେଙ୍ଗସୁଇ ଗାଈକୁ ଘରର ଦକ୍ଷିଣ-ପୂର୍ବ ଦିଗରେ ରଖିଲେ ଆପଣଙ୍କ କଠିନ ସମୟରେ ଆପଣଙ୍କୁ ସାହସ ମିଳିଥାଏ। ଏହା ଆପଣଙ୍କ ଆତ୍ମବିଶ୍ୱାସକୁ କେବେ କମ୍ ହେବାକୁ ଦେଇନଥାଏ।

୫) ଫେଙ୍ଗସୁଇ ଗାଈକୁ ଘରେ ରଖିବାଦ୍ୱାରା ଘରେ କେବେହେଲେ କୌଣସି ପ୍ରକାରର ଅଭାବ ଅନଟନ ଦେଖାଯାଏ ନାହିଁ। ବିଶେଷ କରି କଏନ୍ ଗଦି ଉପରେ ବସିଥିବା ଗାଈ ରଖିଲେ ଘରେ ଧନବୃଦ୍ଧି ହୋଇଥାଏ।



# ନବଜାତକଙ୍କଠାରେ ଦେଖାଯାଉଥିବା କିଛି ସାଧାରଣ ଲକ୍ଷଣ

**ନବଜାତ ଶିଶୁ ଘରକୁ ଆସିବା ପରେ ସମସ୍ତ ପରିବାରବର୍ଗଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଥାଏ। ଏହି ସମୟରେ ଶିଶୁର କିଛି ସମସ୍ୟା ଅସାଧାରଣ ଦେଖାଗଲେ ବି ଏହା ପ୍ରକୃତରେ ସଂପୂର୍ଣ୍ଣ ସାଧାରଣ ହୋଇଥାଏ। ଏସବୁ ପରିବର୍ତ୍ତନ ପାଇଁ ଆମେ ଆଦେଶ ବ୍ୟସ୍ତ ନହୋଇ ନବଜାତର ଆଗମନକୁ ଖୁସିର ସହ ସ୍ୱାଗତ କରିବା କଥା।**

♦ ନବଜାତ ଶିଶୁର ଆଖିର କଳାଡୋଳା ପାର୍ଶ୍ୱରେ ଲାଲ ଦେଖାଯିବା ବା ଆଖିପତା ଫୁଲିବା। ଏହି ଲାଲଦାଗ ଏବଂ ଫୁଲା ଧୀରେ ଧୀରେ ଏକ ସପ୍ତାହ ମଧ୍ୟରେ ଚାଲିଯାଏ।

♦ ଅନେକ ସମୟରେ ଦେଖାଯାଏ ଶିଶୁର ସ୍ତନ ଫୁଲିଯାଏ। ଏପରି ହୋଇଥିଲେ ଏହାକୁ ଦବାନ୍ତୁ ନାହିଁ ବା ସେଥିରୁ କ୍ଷୀର ବାହାର କରନ୍ତୁ ନାହିଁ। ଏମିତି କରିବା ଦ୍ୱାରା ସଂକ୍ରମଣ (ଇନ୍‌ଫେକ୍‌ସନ୍)ର ସମ୍ଭାବନା ଅଧିକ ରହିଥାଏ। ଯାହାକି ଶିଶୁ ପାଇଁ ବିପଦ ବା ସମସ୍ୟା ସୃଷ୍ଟି କରେ।

♦ ନବଜାତ କନ୍ୟା ଶିଶୁମାନଙ୍କ ଯୋନିରୁ ହେଉଥିବା ସ୍ରାବ ସହିତ ଅଳ୍ପ ରକ୍ତସ୍ରାବ ମଧ୍ୟ ଏକ ସାଧାରଣ ଘଟଣା। ଏହା ୨ରୁ ୩ଦିନ ମଧ୍ୟରେ ଠିକ୍ ହୋଇଯାଏ। ଏହା ମା'ର ହରମୋନାଲ ଉଇଥ୍‌ଡ୍ରୟାଲ ପାଇଁ ଶିଶୁ ପାଖରେ ଏଭଳି ସମସ୍ୟା ଦେଖାଦିଏ।

♦ ଅନେକ ନବଜାତକଙ୍କ ତାଳୁରେ ଛୋଟ ଧଳା ସୋରିଷ ଆକାରର, ପଷ୍ଟନ୍ ପର୍ଲ ଦେଖାଯାଏ। ଯାହା ଏକ ସପ୍ତାହ ମଧ୍ୟରେ ଆପଣା ଛାଏଁ ଉଭାନ୍ ହୋଇଯାଏ।

♦ କିଛି ନବଜାତକମାନଙ୍କର ପିଠି, ଅଣ୍ଟା,



ଗୋଇଠି ଚାରି କଡରେ କଳା ଓ ଧୂସର ରଙ୍ଗର ଦାଗ ହେଖାଯାଏ। ଏଭଳି ଦାଗକୁ ମଙ୍ଗୋଲିଆନ ସ୍ପଟ୍ ବୋଲି କୁହାଯାଏ। ଏହା ଶିଶୁକୁ ଏକ ବର୍ଷ ବୟସ ହେଲାବେଳକୁ ସଂପୂର୍ଣ୍ଣଭାବେ ଚାଲିଯାଏ।

♦ କିଛି ନବଜାତ ଯେଉଁମାନେ ସାମ୍ଭାବ୍ୟ ତାରିଖ ପରେ ଜନ୍ମ ହୋଇଥାନ୍ତି ସେମାନଙ୍କର ଚର୍ମ ଫାଟିବା ବା ଚର୍ମ ଛାଡିବା ପରି ସମସ୍ୟା ଦେଖାଯାଏ।

# ଜଙ୍ଗଲ ସୁରକ୍ଷାର ଗାଇଡ୍‌ଲାଇନ୍ ଏବଂ ଏସ୍‌ଓପିକୁ କଡାକଡି ଭାବେ ପାଳନ ପାଇଁ ଦୃଷ୍ଟି ଦିଅନ୍ତୁ ରାଜ୍ୟ ସରକାର : ମୋହନ ମାଝୀ

ଭୁବନେଶ୍ୱର,୯।୩ (ନି.ପ୍ର): ଓଡିଶାର ସବୁଜ ବନାନୀ ହୁ ହୁ ହୋଇ ଜଳିଯାଉଛି କିନ୍ତୁ ଜଙ୍ଗଲ ବିଭାଗ କିମ୍ବା ରାଜ୍ୟ ସରକାରଙ୍କର ଏଥିପ୍ରତି ଦୃଷ୍ଟି ନାହିଁ। ଜଙ୍ଗଲରେ ନିଆଁ ଲାଗିବା ସଂପର୍ଣ୍ଣ ମନୁଷ୍ୟକୃତ । କିଛି ଜଙ୍ଗଲ ମାଫିଆ ଓ ଅସାମାଜିକ ବ୍ୟକ୍ତି ଏହି ଅକ୍ଷମଣୀୟ ଅପରାଧରେ ସଂପୃକ୍ତ । ଶିମିଳିପାଳ ସଂରକ୍ଷଣ ଜୈବ ମଣ୍ଡଳ ଜଳୁଛି । ପାଉଁଶ ହୋଇଯାଉଛନ୍ତି ଏକର ଏକର ସବୁଜିମା ସାଙ୍ଗକୁ ବହୁ ଔଷଧୀୟ ବୃକ୍ଷ। ସପ୍ତାହେରୁ ଅଧିକ ସମୟ ଧରି ହୁତୁହୁତୁ ହୋଇ ଜଳୁଛି ଶିମିଳିପାଳ ଅଭୟାରଣ୍ୟ। ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ (ଏଫ୍‌ଏସ୍‌ଆଇ) ତଥ୍ୟ ଅନୁଯାୟୀ କେବଳ ମାର୍ଚ୍ଚ ୨ରେ ହୋଇଥିବା ଗୋଟିଏ ଦିନ ସର୍ଭେରେ ଭାରତର ୫୯୩ଟି ଜଙ୍ଗଲରେ ନିଆଁ ଲାଗିଥିବା ରେକର୍ଡ ହୋଇଥିବା ବେଳେ ଓଡିଶାର ସର୍ବାଧିକ ୨୨୮ଟି ଜଙ୍ଗଲରେ ନିଆଁ ଲାଗିଥିବା ଜଣାପଡିଥିଲା। ବର୍ତମାନ ଶିମିଳିପାଳ ସମେତ ୯୧୯ଟି ଘଂଚ ଜଙ୍ଗଲରେ ନିଆଁ ଲାଗିଛି, ଯାହାକି ଭାରତବର୍ଷର ଅନ୍ୟ କୌଣସି ରାଜ୍ୟ ଅପେକ୍ଷା ସର୍ବାଧିକ । ଭୟାବହ ନିଆଁ ଦ୍ୱାରା ଅଭୟାରଣ୍ୟରେ ଥିବା ହରିଣ, ହାତୀ, ଭାଲୁ, ଶମ୍ବର ଓ ଅନ୍ୟ ବନ୍ୟ ଜନ୍ତୁଙ୍କ ପ୍ରତି ବିପଦ ଆଶଙ୍କା ରହିଛି। ରାଜ୍ୟ ସରକାର ନିଆଁ ଲିଭେଇ ଦେଇଥିବା କଥା କହୁଥିବାବେଳେ ବାସ୍ତବରେ ସ୍ଥିତି ସଂପୂର୍ଣ୍ଣ ଅଲଗା । ଗତ ୫ବର୍ଷ ହେଲା ଜଙ୍ଗଲ ଦ୍ୱାରା ଗ୍ରୀଷ୍ମ ଆରମ୍ଭ ହେବା ପୂର୍ବରୁ ଜଙ୍ଗଲ ନିଆଁକୁ କାବୁ କରିବା ପାଇଁ ଅତ୍ୟାଧୁନିକ ଯନ୍ତ୍ରପାତି କିଣାଯାଉଛି ଓ ଏଥିପାଇଁ ଏକ ସ୍ୱତନ୍ତ୍ର ବଜେଟ ଅଛି ଯାହାକି ଏବେ ୨୦କୋଟି ଟଙ୍କା ଟପିଲାଣି। ୨୦୧୬-୧୭ ଆର୍ଥିକ ବର୍ଷରେ ଏ ବାବଦରେ ୧୬.୨୯କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଥିବାବେଳେ ୨୦୧୭-୧୮ ରେ ୧୮.୫୮ କୋଟି ଏବଂ ପରବର୍ତୀ ବର୍ଷରେ ଏହା ୨୦ କୋଟି ଟଙ୍କା ଟପିଛି। ଏହାବ୍ୟତୀତ ୨୦୧୬ରୁ ଜଙ୍ଗଲ ନିଆଁ ପ୍ରତିକାର ନିମନ୍ତେ ଏସ୍‌ଓପି ଜାରି ହୋଇଛି। ମାତ୍ର ଏତେ ସବୁ ଗାଇଡ୍‌ଲାଇନ୍ ଓ ଏସ୍‌ଓପି ସତ୍ତ୍ୱେ ଜଙ୍ଗଲ ନିଆଁକୁ ଆୟତ କରାଯାଇନାହିଁ। ଓଡିଶାର ସବୁଜ ବନାନୀ ଏବଂ ଜୈବ – ବିବିଧତା କିପରି ସୁରକ୍ଷିତ ରହିବ ଏବଂ ଜଙ୍ଗଲ ସୁରକ୍ଷାର ଗାଇଡ୍‌ଲାଇନ୍ ଏବଂ ଏସ୍‌ଓପିକୁ କଡାକଡି ଭାବେ ପାଳନ ପାଇଁ ଦୃଷ୍ଟିଦେବାକୁ ବିଜେପି ଦାବୀ କରିଛି । ଏହି ପ୍ରସଙ୍ଗରେ ଆଜି ବିଜେପି ବିଧାୟକ ଦଳ ମୁଖ୍ୟ ସଚେତକ ମୋହନ ମାଝୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଭେଟି ଦାବୀ ଜଣାଇଛନ୍ତି । ଗତକାଲି ରାଜ୍ୟକାର୍ଯ୍ୟକାରିଣୀ ବୈଠକ ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏ ସଂକ୍ରାନ୍ତରେ ଚିନ୍ତା ପ୍ରକଟ କରିବା ସହ ବିସ୍ତୃତ ଆଲୋଚନା କରିଥିଲେ । ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମୁଖ୍ୟ ଶାସନ ସଚିବଙ୍କୁ ଭେଟି ସମସ୍ୟାର ସମାଧାନ ସହ ଓ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାରତୀୟ ଜନତା ପାର୍ଟୀ ତରଫରୁ ଦାବୀ ଜଣାଇବାକୁ କହିଥିଲେ ବୋଲି ଶ୍ରୀ ମାଝୀ ସୂଚନା ଦେଇ କହିଛନ୍ତି ।

ଜଙ୍ଗଲ ପରିବେଶ ଓ ଜୈବ ମଣ୍ଡଳର ସଂରକ୍ଷଣ ଏବଂ ସୁରକ୍ଷା ପାଇଁ କେନ୍ଦ୍ର ସରକାର ବହୁ ପରିମାଣର ଅର୍ଥ ଦେଉଛନ୍ତି । ମାତ୍ର ରାଜ୍ୟ ସରକାର ସେହି ଅର୍ଥକୁ ସଠିକ ଭାବେ ବିନିଯୋଗ କରିବାରେ ବିଫଳ ହୋଇଛନ୍ତି ।

# ସଂଘବଦ୍ଧ ଆକ୍ରମଣରେ ବାପା ମୃତ : ପୁଅ ଗୁରୁତର

ଗଞ୍ଜାମ,୯।୩ (ନି.ପ୍ର): ଗତକାଲି ରାତି ପ୍ରାୟ ୯ଟା ସମୟରେ ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ସହର ଉପକଣ୍ଠସ୍ଥ ଝାଡ଼ାଙ୍କୁଲି ଗ୍ରାମରେ ସଂଘବଦ୍ଧ ଆକ୍ରମଣରେ ପୁଅର ଆଖି ସାମ୍ନାରେ ବାପାଙ୍କୁ ହତ୍ୟା କରାଯାଇଛି । ବାପା ପୁଅ ଦୁହେଁ କୌଣସି କାମରେ ନିକଟସ୍ଥ ସାତକୁଟୁଣୀ ଗ୍ରାମକୁ ଯାଇ ଫେରୁଥିବା ବେଳେ ଝାଡ଼ାଙ୍କୁଲି ଗ୍ରାମ ନିକଟରେ ସେମାନଙ୍କ ଉପରେ ସଂଘବଦ୍ଧ ଆକ୍ରମଣ ହୋଇଥିଲା । ଦୁର୍ବୃତ ମାନେ ଖଣ୍ଡା, କାତି, ଠେଙ୍ଗା ବାଡ଼ି ସାହାଯ୍ୟରେ ଆକ୍ରମଣ କରିଥିଲେ । ଫଳରେ ଉଭୟେ ଗୁରୁତର ଭାବେ ଆହତ ହୋଇଥିଲେ । ଦୁହିଁଙ୍କୁ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧିନ ଅବସ୍ଥାରେ ବାପା କୋରା ସେଠୀଙ୍କ ମୃତ୍ୟୁ ଘଟିଥିଲା । ପୁଅ ପ୍ରଶାନ୍ତଙ୍କ ଅବସ୍ଥା ଶଙ୍କଟାପନ୍ନ ହୋଇପଡିବାରୁ ପରବର୍ତି ସମୟରେ ତାଙ୍କୁ ଅଧିକ ଚିକିତ୍ସା ନିମନ୍ତେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତି କରାଯାଇଛି । ଘଟଣା ପରେ ଡ଼ାକ୍ତରଖାନାରେ ଏବଂ ଘଟଣାସ୍ଥଳରେ ସଦର ଥାନା ପୋଲିସ ଆଇଆଇସି ଓ ବୈଦ୍ୟନାପୁର ଥାନା ଆଇଆଇସି ଏବଂ ସଦର ଏସଡ଼ିପିଓ ବିଷ୍ଣୁ ପ୍ରସାଦ ପତି ପହଂଚି ଘଟଣାର ଅନୁଧ୍ୟାନ କରୁଛନ୍ତି । ସଦର ଥାନାରେ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ ହୋଇଛି । ପୂର୍ବ ଶତୃତାକୁ କେନ୍ଦ୍ର କରି ଆକ୍ରମଣ ହୋଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ଘଟଣାରେ ଜଣଙ୍କୁ ଅଟକ ରଖି ପଚରା ଉଚୁରା ଜାରୀ ରଖିଛି ପୋଲିସ।

# ବିଫଳ ପ୍ରେମିକର ବର୍ବରତା: ଆକ୍ରମଣରେ ଝିଅ ଗୁରୁତର, ମାଆ ମୃତ

ଭବାନୀପାଟଣା,୯।୩ (ନି.ପ୍ର): ପ୍ରେମ ନିବେଦନ କରି ବିଫଳ ହେବା ପରେ ଯୁବତୀଙ୍କ ଗଳାକାଟି ହତ୍ୟା ଉଦ୍ୟମ କରିଛି ଯୁବକ । ଯୁବତୀଙ୍କ ମାଆ ଝିଅକୁ ବଂଚାଇବାକୁ ଉଦ୍ୟମ କରିଥିବା ବେଳେ ଅଭିଯୁକ୍ତର ଛୁରାଘାତରେ ପ୍ରାଣ ହରାଇଛନ୍ତି । ଗତକାଲି ଏଭଳି ଏକ ହତ୍ୟାକାଣ୍ଡ ଘଟିଯାଇଛି କଳାହାଣ୍ଡି ଜିଲ୍ଲା କେସିଙ୍ଗା ଥାନା ଅନ୍ତର୍ଗତ କର୍ଲାଖୁଂଟା ଗ୍ରାମରେ।

ଯୁବତୀ ଜଣକ ପୋଖରୀରୁ ଗାଧୋଇ ସାରି ଫେରୁଥିବା ବେଳେ ଅଭିଯୁକ୍ତ ଯୁବକ ଜଣକ ତାଙ୍କୁ ଛୁରୀରେ ଆକ୍ରମଣ କରିଥିଲା । ଘଟଣାରେ ତାଙ୍କ ମାଆଙ୍କ ମୃତ୍ୟୁ ଘଟିଥିବା ବେଳେ ଝିଅ ଗୁରୁତର ଆହତ ହୋଇଛନ୍ତି।

ଗୁରୁତର ଯୁବତୀଙ୍କୁ ଚିକିତ୍ସା ନିମନ୍ତେ କେସିଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଛି । ଖବର ପାଇ କେସିଙ୍ଗା ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ କରିବା ସହ ଅଭିଯୁକ୍ତକୁ ଅଟକ ରଖି ପଚରା ଉଚୁରା ଜାରୀ ରଖିଛି । ଏକ ତରଫା ପ୍ରେମ କରି ବିଫଳ ହେବାରୁ ଉତ୍ୟେକ୍ତ ଯୁବକ ହତ୍ୟାକାଣ୍ଡ ଘଟାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି ।

# ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ୨୦୨୧ ପାଳନ ନେଇ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର,୯।୩ (ନି.ପ୍ର): ଆଜି ଓଡ଼ିଶା ଦିବସ ୨୦୨୧ ଉପଲକ୍ଷେ ପ୍ରସ୍ତୁତି ବୈଠକ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପ୍ରଦୀପ କୁମାର ଜେନାଙ୍କ ଅଧକ୍ଷତାରେ ଲୋକସେବା ଭବନ ସ୍ଥିତ ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କୋଭିଡ୍ ? ନିୟମାବଳୀ ଅନୁପାଳନ ପୂର୍ବକ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ଲାଗି ନିଷ୍ପତି ହୋଇଛି। ପ୍ରଭାତ ଫେରିଠାରୁ ଆରମ୍ଭ କରି ଆଲୋକ ସଜ୍ଜା, ସାଂସ୍କୃତିକ କାର୍ଯ୍ୟକ୍ରମ, ନିରାପତା ବ୍ୟବସ୍ଥା, ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ଆୟୋଜନ, ଫଟୋଚିତ୍ର ପ୍ରଦର୍ଶନୀ ଆଦି ମୋଟି ୨୦ଟି ପ୍ରସ୍ତାବ ଉପରେ ଆଲୋଚନା ହୋଇ ନିଷ୍ପତି ନିଆଯାଇଛି। ଚଳିତ ଓଡ଼ିଶା ଦିବସ-୨୦୨୧ରେ ପୂର୍ବବର୍ଷ ଭଳି ପ୍ରଭାତଫେରି ଆୟୋଜନ କରାଯିବ। ଏଥିରେ ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ସମସ୍ତ ଅଂଚଳରେ ସକାଳ ୬ଟାରୁ ୭ଟା ମଧ୍ୟରେ ଓଡ଼ିଆ ଦେଶାତ୍ମବୋଧକ ସଂଗୀତ ବାଦନ କରାଯିବ। ଚଳିତ ବର୍ଷ ଓଡ଼ିଶା ଦିବସ ଉତ୍କଳମଣ୍ଡପଠାରେ ଆୟୋଜନ କରାଯିବାକୁ ସ୍ଥିର ହୋଇଛି। କୋଭିଡ୍ ମାର୍ଗଦର୍ଶିକାର ସଠିକ୍ ଅନୁପାଳନ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର ହୋଇଛି। ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶାର ବଛାବଛା ସାଂସ୍କୃତିକ ଦଳମାନଙ୍କୁ ନେଇ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିପାଇଁ ଆବଶ୍ୟକ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଆୟୋଜନ କରିବାକୁ ନିଷ୍ପତି ହୋଇଛି। ଓଡ଼ିଶା ଦିବସ ଅବସରରେ ରାଜଭବନ, ସଚିବାଳୟ, ବିଧାନସଭା ସୌଧ, ରବିନ୍ଦ୍ରମଣ୍ଡପ ଆଦି ସରକାରୀ କୋଠାକୁ ରଙ୍ଗୀନ ଆଲୋକମାଳାରେ ସଜ୍ଜିତ କରାଯିବ। ଏଥି ସହିତ ଅନ୍ୟାନ୍ୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କାର୍ଯ୍ୟାଳୟ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଷ୍ଟେଟବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟର ଆଲୋକୀକରଣ ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ସଂପୃକ୍ତ ସଂସ୍ଥାକୁ ଅନୁରୋଧ କରାଯିବ। ଉତ୍ସବ ସ୍ଥାନ ଓ ନିକଟବର୍ତୀ ରାସ୍ତାମାନଙ୍କରେ ନିରାପତା, ଯାନବାହନ ନିୟନ୍ତ୍ରଣ ଏବଂ ପାର୍କିଂ ପାଇଁ କମିଶନରେଟ୍ ପୁଲିସ୍ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ସଭା ସ୍ଥଳରେ ପରିଛନ୍ନତା ପାଇଁ ଅସ୍ଥାୟୀ ଶୌଚାଳୟ ନିର୍ମାଣ କରାଯିବା ସହ ସଭାସ୍ଥଳକୁ ବିଏମ୍ ?ସି ପକ୍ଷରୁ ସଂପୂର୍ଣ୍ଣ ରୂପେ ବିଶୋଧନ କରାଯିବ।

## ସର୍ବସାଧାରଣ ସ୍ଥାନରେ ଛେପ ପକାଇଲେ ୫୦୦ ଟଙ୍କା ଜରିମାନା - ଜିଲ୍ଲାପାଳ

ଗଞ୍ଜାମ,୯।୩ (ନି.ପ୍ର): ରାଜ୍ୟରେ କରୋନାର ଦ୍ୱିତୀୟ ଷ୍ଟ୍ରେନ୍ କୁ ଦୃଷ୍ଟିରେ ରଖି ସଂକ୍ରମଣକୁ ପ୍ରତିହତ କରିବା ପାଇଁ ସର୍ବସାଧାରଣ ସ୍ଥାନରେ କିମ୍ବା ରାସ୍ତା ଘାଟରେ ଛେପ ପକାଇଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସମ୍ପୃକ୍ତ ବ୍ୟକ୍ତିଙ୍କ ଠାରୁ ୫୦୦ ଟଙ୍କା ଜରିମାନା ଆଦାୟ କରାଯିବ ବୋଲି ନିର୍ଦ୍ଦେଶ ଜାରୀ କରିଛନ୍ତି ଗଞ୍ଜାମ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେ ।

## ନେଉଳପୁରଠାରେ ଅଜଣା ଗାଡି ଧକ୍କାରେ ଗୃହରକ୍ଷୀଙ୍କ ମୃତ୍ୟୁ

ଧର୍ମଶାଳା,୯।୩ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ନେଉଳପୁରସ୍ଥ ରେଲୱେ ଓଭର ବ୍ରିଜ ନିକଟରେ ଗତ କାଲି ବିଳମ୍ବିତ ରାତିରେ ଏକ ବାଇକକୁ ଅଜଣା ଗାଡି ଧକ୍କା ଦେଇଥିଲା । ଫଳରେ ବାଇକ ଚାଳକଙ୍କର ମୃତ୍ୟୁ ହୋଇଯାଇଥିଲା । ମୃତକ ଜଣକ ହେଲେ ବିଂଝାରପୁର ମାଂସଡା ଅଂଚଳର ଭାସ୍କର ଦାସଙ୍କ ପୁଅ ପ୍ରତାପ ବୋଲି ଜଣାପଡିଛି । ସେ ବାଦାମବାଡିରେ ଗୃହରକ୍ଷୀ ଥିବା ଜଣାପଡିଛି । ସୂଚନା ଥାଉକି ରବିବାର ବିଳମ୍ବିତ ରାତିରେ ନିଜ ବାଇକ (ଓଆର ୨୧ ବି ୫୫୬୪ )ରେ ରାସ୍ତାରେ ଯାଉଥିବା ବେଳେ ତାଙ୍କ ପଛପଟୁ ଏକ ଅଜଣା ଗାଡି ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଖବର ପାଇ ଧର୍ମଶାଳା ପୋଲିସ ଘଟଣାସ୍ଥଳରେ ପଂହଚି ଏକ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇବା ସହ ଘଟଣାର ତଦନ୍ତ କରୁଛି ।

# ମହିଳା ଚାଷୀଙ୍କୁ କୃଷି ଉପକରଣ ବଂଟନ

କଣାସ,୯।୩ (ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକ ଅର୍ନ୍ତଗତ ଗଡସାନପୁଟ ଗ୍ରାମପଚାଂୟତର ଲୋକପାଳ ଗ୍ରାମସ୍ଥ ପର୍ଶ୍ଚିମାମୁଖୀ ଠାକୁରାଣୀଙ୍କ ପ୍ରାଙ୍ଗଣରେ ଆଜି ଆର୍ନ୍ତଜାତିକ ମହିଳା ଦିବସ ପାଳିତ ହେବା ସଙ୍ଗେ ସଙ୍ଗେ ମହିଳା ଚାଷୀମାନଙ୍କୁ କୃଷି ଉପକରଣ ବିତରଣ କରାଯାଇଥିବା ଜଣାପଡିଛି । ଏହି ସଭାରେ ଅଧକ୍ଷତା କରିଥିଲେ କୃପାସିନ୍ଧୁ ବିଶ୍ୱାଳ ଓ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ବିଶ୍ୱଜୀବନ ସେବା ସଂସ୍ଥାର ସାଧାରଣ ସମ୍ପାଦକ ବୈଦ୍ୟନାଥ ବରାଳ, ସେଂଟ୍ରାଲ ଇନଷ୍ଟିଚ୍ୟୁଟ୍ ଫର ୱିମେନ୍ ଏଗ୍ରିକଲଚର ଓ ବିଶ୍ୱଜୀବନ ସେବା ସଂଘର ସହଯୋଗରେ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ସଭା ପରିଚାଳନା କରିଥିଲେ ରାଧାଶ୍ୟାମ ବିଶ୍ୱାଳ । ଏହି ଅବସରରେ ବାଡିବଗିଚାରେ ପନିପରିବା ଚାଷକରି ସଫଳ ହୋଇଥିବା ମହିଳା ଚାଷୀ ସୁଲୋଚନା ମଲ୍ଲିକ ଏବଂ ଜମିବାଡିରେ କାମକରି ଦକ୍ଷତା ଅର୍ଜନ କରିଥିବା ମହିଳା ଶ୍ରମିକ କାବେରୀ ଭୋଇ ଓ କୁମା ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମାବେଶରେ ଯୋଗଦେଇଥିବା ସମସ୍ତ ମହିଳା ଚାଷୀଙ୍କୁ ଫାଉଡା, କଟୁରୀ, ଦାଆ ପ୍ରଭୃତି କୃଷି ଉପକରଣ ବଂଟନ କରାଯାଇଥିଲା ।

# ନବଙ୍କ ଖାସ ଅନୁଗତ ସରକାରୀ କର୍ମଚାରୀଙ୍କୁ ଫୋନରେ ଧମକ ପରେ ବି କାର୍ଯ୍ୟାନୁଷ୍ଠାନ ଶୁନ

ଝାରସୁଗୁଡା,୯।୩ (ନି.ପ୍ର): ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀରେ ଦଳୀୟ କର୍ମୀଙ୍କ ଗୁଣ୍ଡାଗିରି ବିରୋଧରେ ଆରମ୍ଭ ହେଲାଣି ବିରୋଧ ।ଜନ ଅସନ୍ତୋଷ ତୀବ୍ର ହେବାରେ ଲାଗିଥିବା ବେଳେ ୪ଦିନ ପରେ ବି ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିବାରୁ ବିଜେପି ଓ କଂଗ୍ରେସ ପକ୍ଷରୁ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଉପରେ ଗର୍ଜିଛନ୍ତି । କୁଶପୁଳିକା ଦାହ କରାଯାଇଛି। ଆଜି ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ସରକାରୀ କର୍ମଚାରୀଙ୍କୁ ବିଜେଡି କର୍ମୀଙ୍କ ଧମକ ଚମକ ଗାଳି ଗୁଲଜ ଘଟଣାରେ କାର୍ଯ୍ୟାନୁଷ୍ଠାନ ସୁପାରିଶ କରିବାକୁ ଦାବୀ କରାଯାଇ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଅନ୍ୟପଟେ କଂଗ୍ରେସ ପକ୍ଷରୁ ସ୍ୱାସ୍ଥ୍ୟମନ୍ତ୍ରୀ ଙ୍କ କୁଶପୁଳିକା ଦାହ କରାଯାଇଛି ଓ ଝାରସୁଗୁଡା ଏସପିଙ୍କୁ ଏକ ଦାବିପତ୍ର ଦେଇ ତୁରନ୍ତ ବିଶ୍ୱନାଥ ତ୍ରିପାଠୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରାଯାଇଛି ।ମାର୍ଚ୍ଚ ୩ ତାରିଖ ଝାରସୁଗୁଡା ବ୍ଲକ ଅନ୍ତର୍ଗତ ହିର୍ମା ଗ୍ରାମ ପଂଚାୟତ ର ଗ୍ରାମ ରୋଜଗାର ସେବକ ରାଧେଶ୍ୟାମ ସାହୁ ଙ୍କୁ ଧମକ ଦେଇଥିବା ନେଇ ଅଭିଯୋଗ । ବିଶ୍ୱନାଥ ତ୍ରିପାଠୀ ସମ୍ପୃକ୍ତ ଗ୍ରାମ ରୋଜଗାର ସେବକଙ୍କୁ ମୋବାଇଲରେ ଫୋନ କରି ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ । ଦଳୀୟ କାର୍ଯ୍ୟରେ ବାଧା ଦେଉ ଥିବାରୁ ଦୁଇ ଦିନରେ ଜିଲ୍ଲାପାଳଙ୍କ ପାଖରେ ବସି ସସପେଂଟ କରିବା ସହ ଦରକାର ପଡ଼ିଲେ ତତେ ମୁଁ ଟ୍ରାନ୍ସଫର କରି ଶ୍ରୀପୁରା ପଂଚାୟତ କୁ ନେବି, କାହାର କେତେ ଦମ ଅଛି ଏବଂ ଟ୍ରାନ୍ସଫର କୁ ରୋକି ପାରିବ ଦେଖିବି ବୋଲି ରାଧେଶ୍ୟାମ ସାହୁଙ୍କୁ ଧମକ ଦେଇଥିବା ଅଡିଓ ସାମାଜିକ ଗଣମାଧମ ରେ ଭାଇରାଲ ହେଉଛି। ଏ ନେଇ କି ଜିଲ୍ଲା ଗ୍ରାମ ରୋଜଗାର ସେବକ ସଂଘ ଗତ ଶୁକ୍ରବାର ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ସମେତ ଝାରସୁଗୁଡା ଜିଲ୍ଲାପାଳ ଓ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲା । ଏହି ଅଡିଓ ଭାଇରାଲ ହେବାର ୪ଦିନ ବିତିଯାଇ ଥିବା ଏବଂ ଏ ସମ୍ପର୍କରେ ଜିଆରଏସ ସଂଘ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ ଜିଲ୍ଲାପାଳ ସମ୍ପୃକ୍ତ ବିଜେଡି କର୍ମୀଙ୍କ ବିରୋଧରେ ଏତଲା ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଜିଲ୍ଲାପାଳଙ୍କ ନେତୃତ୍ୱରେ କାମ କରିବାକୁ ଅନ୍ୟ ସରକାରୀ କର୍ମଚାରୀ ମାନେ ନିଜକୁ ସୁରକ୍ଷିତ ମଣୁ ନ ଥିବା ବିରୋଧୀ ବିଜେପି ଓ କଂଗ୍ରେସ ଅଭିଯୋଗ କରିଛି ।ରାଜ୍ୟ ରେ ନବୀନ ସରକାର ଥିବାବେଳେ ସମାନ୍ତର ଭାବେ ଝାରସୁଗୁଡ଼ାରେ ନବ ସରକାର ଚାଲିଛି ଏବଂ ସମ୍ପୂର୍ଣ୍ଣ ଜିଲ୍ଲା ଜିଲ୍ଲା ପ୍ରଶାସନ ଚାପରେ ଥିବା ଭଳି ଜଣା ପଡୁଛି ଜିଲା ପ୍ରଶାସନଙ୍କୁ ଅଭିଯୋଗ ପରେ ବି ମନ୍ତ୍ରୀଙ୍କ ଚାପରେ ଝାରସୁଗୁଡା ଜିଲ୍ଲା ପ୍ରଶାସନ ଚୁପ ରହୁଥିବାରୁ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି ବରିଷ୍ଠ କଂଗ୍ରେସ ନେତା ପ୍ରଦୀପ ଦେବତା । ତେବେ ଘଟଣାକୁ ନେଇ ଝାରସୁଗୁଡା ଜିଲାପ୍ରଶାସନ କଣ ପଦକ୍ଷେପ ନେଉଛନ୍ତି ? କେବେ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଖାସ ଅନୁଗତ ବିଶ୍ୱନାଥ ତ୍ରିପାଠୀ ବିରୋଧ ରେ ରଓଜ ରୁଜୁ କରୁଛନ୍ତି ଓ ସରକାରୀ ବାବୁଙ୍କୁ କେବେ ନ୍ୟାୟ ପ୍ରଦାନ କରୁଛନ୍ତି ତା ଉପରେ ନଜର ।

# ପେନକୋଡ଼ ପକ୍ଷରୁ ବିଶ୍ୱ ମହିଳା ଦିବସ ପାଳନ

ପୁରୀ,୯।୩ (ନି.ପ୍ର): ସ୍ଥାନୀୟ ସୁବୁଦ୍ଧି ଇନ ହଲରେ ପେନକୋଡ଼ ପକ୍ଷରୁ ପାଳନ ହୋଇଯାଇଛି। ଅନୁଷ୍ଠାନର ପ୍ରୋଗ୍ରାମ ଡାଇରେକ୍ଟର ବାବୁଲା ପ୍ରସାଦ ମଂଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ନଗରପାଳ ଶାନ୍ତିଲତା ପ୍ରଧାନ ଯୋଗଦେଇ ମହିଳାମାନେ ଆତ୍ମନିର୍ଭରଶୀଳ ଓ ଦକ୍ଷ ହୁଅନ୍ତୁ ବୋଲି କହିଥିଲେ କ୍ଷ କେ.ଟି.ମେରୀ ସମସ୍ତ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ କ୍ଷ ସନମାନନୀୟ ଅତିଥି ଭାବେ କୁନ୍ତଳା ଦାସ. ସିଂଗଧାରାଣୀ. ଦେବକୀ କିନ୍ନର, ଦିବ୍ୟା କିନ୍ନର. ସୁସ୍ମିତା ଦାଶ ପ୍ରମୁଖ ଯୋଗଦେଇ ନାରୀ ମାନଙ୍କର ଅଗ୍ରଗତି. ସୁବିଧା. ଓ ସଶକ୍ତିକରଣ ଉପରେ ପ୍ରସ୍ତାବ ରଖିଥିଲେ କ୍ଷ ଶେଷରେ ପେନକୋଡ଼ ର ପ୍ରୋଗ୍ରାମ ମ୍ୟାନେଜର କେ. ଲକ୍ଷ୍ମୀ.ସକୀଲା ସମସ୍ତ କର୍ମଚାରୀ ଓ ଉପସ୍ଥିତ ସମସ୍ତ ନାରୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରଥିଲେ।

# ସମ୍ବଲପୁର ରେଳ ମଣ୍ଡଳରେ ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ସେମିନାର ଆୟୋଜନ

ସମ୍ବଲପୁର,୯।୩ (ନି.ପ୍ର): ପୂର୍ବତଟ ରେଳବାଇ, ସମ୍ବଲପୁର ମଣ୍ଡଳରେ ଆନ୍ତର୍ଜାତିକ ମହିଳା ଦିବସ ପାଳନ କରାଯାଇଅଛି । ମହିଳା କର୍ମଚାରୀମାନଙ୍କୁ ସଚେତନତା ଓ ପ୍ରେରଣାଦାୟୀ କରିବା ଉଦ୍ଦେଶ୍ୟରେ ଏବଂ ମହିଳା ରେଳ କର୍ମଚାରୀମାନେ କାର୍ଯ୍ୟସ୍ଥଳ ସହିତ ସମାଜରେ ମହିଳାମାନଙ୍କର ବିଭିନ୍ନ ଅଧିକାରକୁ ପ୍ରୋତ୍ସାହନ ଦେବା ପାଇଁ ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟରେ ଏକ ସେମିନାର ଆୟୋଜନ ହୋଇଥିଲା। ଏହି ଅବସରରେ ମଣ୍ଡଳ ରେଳ ପ୍ରବନ୍ଧକ, ଶ୍ରୀ ପ୍ରଦୀପ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କହିଲେ ମହିଳାମାନେ ହେଉଛନ୍ତି ସମାଜର ଏକ ଅଂଶବିଶେଷ, ମହିଳାମାନଙ୍କ ବିନା ପୁରୁଷମାନଙ୍କର ଉନ୍ନତି ଅସମ୍ଭବ। ମହିଳାମାନେ ଏହି ବିଶ୍ୱର ସମସ୍ତ ଜିନିଷର ସ୍ରଷ୍ଟା। ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଶ୍ରୀ ଏଲ୍.ଭି.ଏସ୍.ଏସ୍. ପାତ୍ରନୁ ଯୋଗଦାନ କରି ସମ୍ବଲପୁର ମଣ୍ଡଳରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ମହିଳା କର୍ମଚାରୀମାନଙ୍କର ସଫଳତା ଓ କାର୍ଯ୍ୟ ପ୍ରତି ନିଷ୍ଠା ଓ ସମର୍ପଣ ଉପରେ ଆଲୋକପାତ କରିଥିଲେ। ସମ୍ବଲପୁର ମଣ୍ଡଳର ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକ୍ଷକ, ଡକ୍ଟର ସବିତା ଶତପଥି ଓ ଡକ୍ଟର ପି. ରାଜକୁମାରୀ ସୁସ୍ଥ ମହିଳା ସମୃଦ୍ଧ ଭାରତ ଉପରେ ପାୱାର ପଏଂଟ ମାଧ୍ୟମରେ ମହିଳା ସଶକ୍ତିକରଣର ମହତ୍ୱ ବୁଝାଇଥିଲେ। ଏହି ଅବସରରେ ମହିଳା କଲ୍ୟାଣ ସଂଗଠନ, ସମ୍ବଲପୁରର ଅଧକ୍ଷା, ଶ୍ରୀମତୀ ଇଷା ମଲିକ, ଉପାଧକ୍ଷ ଶ୍ରୀମତୀ ସ୍ୱର୍ଣ୍ଣଲତା ପାତ୍ରଡୁ, ଇକ୍ରୋର ଅନ୍ୟାନ୍ୟ ସଦସ୍ୟା, ରେଳ ଅଧିକାରୀ, ବହୁସଂଖ୍ୟାରେ ମହିଳା କର୍ମଚାରୀ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ ଶ୍ରୀ ଜୁସଫ କବିର ଅନସାରୀ, ପରିଚାଳନା କରିଥିବା ସ୍ଥଳେ ସହାୟକ କାର୍ମିକ ଅଧିକାରୀ ଶ୍ରୀ ଦିଗମ୍ବର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ପ୍ରଦୀପ କୁମାର ୨୧ଜଣ ରେଳ ମହିଳା କର୍ମଚାରୀଙ୍କୁ ସେମାନଙ୍କର କାର୍ଯ୍ୟକ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ପୁରସ୍କୃତ କରିଥିଲେ।

# ଗଣଦୁଷ୍କର୍ମ ପୀଡିତାକୁ ନ୍ୟାୟ ପ୍ରଦାନ ଦାବିରେ ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ଘେରାଓ

ସମ୍ବଲପୁର,୯।୩ (ନି.ପ୍ର): ସମ୍ବଲପୁର ଜିଲ୍ଲା ଧମା ଥାନା ଅନ୍ତର୍ଗତ ସାହାସପୁର ଅଂଚଳର ଗରିବ ନିରୀହ ଆଦିବାସୀ ନାବାଳିକା ଝିଅ ପ୍ରତି ହୋଇଥିବା ଗଣଦୁଷ୍କର୍ମ ଓ ପରେ ହତ୍ୟା ଉଦ୍ୟମରେ ଜଡିତ ଅପରାଧୀଙ୍କୁ ଶୀଘ୍ର ଗିରଫ କରିବା ଓ ପିଡିତାକୁ ନ୍ୟାୟ ପ୍ରଦାନ ଦାବିରେ ଆଜି ସମ୍ବଲପୁର ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ସମ୍ବଲପୁର ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ଘେରାଓ କରାଯାଇଛି। ପୂର୍ବତନ ଜିଲ୍ଲା ସଭାନେତ୍ରୀ ଶ୍ରୀମତୀ ଅନ୍ନପୂର୍ଣ୍ଣା ବାରିକଙ୍କ ନେୟତ୍ୱରେ ଶତାଧିକ ମହିଳା ମୋର୍ଚ୍ଚା କର୍ମୀ ଓ ପଦାଧିକାରୀ କଚେରୀ ରୋଡ଼ ସ୍ଥିତ ଦଳୀୟ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରାରେ ବାହାରି ଆରକ୍ଷୀ ଅଧିକ୍ଷକ ଙ୍କ କାର୍ଯ୍ୟାଳୟକୁ ପହଂଚି ଥିଲେ। କାର୍ଯ୍ୟାଳୟକୁ ପ୍ରବେଶ କରିବା ସମୟରେ ଉପସ୍ଥିତ ପୋଲିସ କର୍ମଚାରୀ ମାନେ ଆନ୍ଦୋଳନକାରୀଙ୍କୁ ଅଟକାଇଥିଲେ। ପରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡାଆସି ଆନ୍ଦୋଳନକାରୀ ଙ୍କ ସହ ଆଲୋଚନା କରି ୫ଦଫା ସମ୍ବିଳିତ ଦାବିପତ୍ର ଗ୍ରହଣ କରିଥିଲେ। ତଦନ୍ତ ରେ କୋଣସି ପ୍ରକାର ପକ୍ଷପାତିତା କରା ଯିବ ନାହିଁ ଓ ପିଡିତା ଙ୍କୁ ନ୍ୟାୟ ଦେବାରେ ସମ୍ବଲପୁର ପୋଲିସ ପ୍ରଶାସନ କୌଣସି ଚାପରେ ଆସିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଆଜିର ଆନ୍ଦୋଳନ ରେ ଉତ୍ପଳା ଧାରୁଆ, ସୁଷମା ସାହୁ, ରୁନୁ ପ୍ରଧାନ, ପ୍ରଭାସିନୀ ଦାଶ, ସରୋଜିନୀ ବନଛୋର, ଅରୁନ୍ଧତୀ ପାତ୍ର, ମେଜ ସାହୁ, ସୁବର୍ଣ୍ଣ କୁଅଁର, ସୁଜାତା ଗୁରୁ, ଖୃଦ୍ଧି ରାଣା, ପୁଷ୍ପାଞ୍ଜଳି ଜେନା, ଅର୍ଚ୍ଚନା ସାହାଣୀ, ଭବାନୀ ଦୁଷର, ଶଲୀନା ପଣ୍ଡା, ବିଦ୍ୟୁତପ୍ରଭା ଯୋଶୀ, ଜେମାଦେଇ ପଟେଲ, ରିଙ୍କି ସାହୁ, ସଞ୍ଜୁ ସାହୁ, ଅନୁଶୟା ସାମଲ, ସେବତୀ ପଟ୍ଟନାୟକ, ମୋମିନା ଜିଲ୍ଲା ସଭାପତି ଗିରିଶ ପଟେଲ ସାଧାରଣ ସମ୍ପାଦକ ଅନିଲ ବେହେରା ଗଣମାଧମ ସଂଯୋଜକ ମାନସ ରଞ୍ଜନ ବକ୍ସି ଯୁବ ମୋର୍ଚ୍ଚା ର ଅଶ୍ୱିନୀ ମଝି, ସୌମିତ୍ର ଜତି ପ୍ରମୁଖ ସାମିଲ ଥିଲେ।

# ଭାରତୀୟ ମାନକ ବ୍ୟୁରୋର ଦଶମ ରାଜ୍ୟସ୍ତରୀୟ କମିଟି ବୈଠକ

## ଉତ୍ପାଦିତ ଦ୍ରବ୍ୟର ମାନକକୁ କଡ଼ାକଡ଼ି ଅନୁପାଳନ କରିବାର ଆବଶ୍ୟକତା ରହିଛି: ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ

ଭୁବନେଶ୍ୱର,୯।୩ (ନି.ପ୍ର): ଉପଭୋକ୍ତାମାନେ ଯେପରି ଉନ୍ନତ ମାନର ଦ୍ରବ୍ୟ ଓ ସେବା ପାଇବେ ସେଥି ନିମନ୍ତେ ଉତ୍ପାଦିତ ଦ୍ରବ୍ୟ ଓ ସେବା ଯୋଗାଣର ମାନରେ ଉନ୍ନତି ଆଣିବାକୁ ପଡ଼ିବ । ଭାରତୀୟ ମାନକ ବ୍ୟୁରୋ ଦ୍ୱାରା ଧାର୍ଯ୍ୟ ମାନ ଅନୁଯାୟୀ ଉନ୍ନତ ମାନର ଦ୍ରବ୍ୟ ନିର୍ମାତାମାନେ ଉତ୍ପାଦନ କରିବା ଓ ଗ୍ରାହକମାନେ ବ୍ୟବହାର କରିବା ଦିଗରେ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି । ସଂପ୍ରତି ଓଡ଼ିଶାରେ ଦ୍ରୁତ ଶିଳ୍ପାୟନ ହେଉଥିବା ପରିପ୍ରେକ୍ଷୀରେ ଉତ୍ପାଦିତ ଦ୍ରବ୍ୟର ଦେଶ ଓ ବିଦେଶରେ ଚାହିଦା ବୃଦ୍ଧି ନିମନ୍ତେ ନିର୍ଦ୍ଧାରିତ ମାନକକୁ କଡ଼ାକଡ଼ି ଭାବରେ ଅନୁପାଳନ କରିବାକୁ ପଡ଼ିବ ବୋଲି ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ।

ଆଜି ଭାରତୀୟ ମାନକ ବ୍ୟୁରୋ (ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡ), ଭୁବନେଶ୍ୱର ଆନୁକୂଲ୍ୟରେ ମାନକୀକରଣ ଏବଂ ଗୁଣବତା ପ୍ରଣାଳୀ ସମ୍ବନ୍ଧୀୟ ଦଶମ ରାଜ୍ୟସ୍ତରୀୟ କମିଟି ବୈଠକରେ ଅଧକ୍ଷତା କରି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଲେ ଯେ ବ୍ୟୁରୋର କାର୍ଯ୍ୟକୁ ରାଜ୍ୟର ଉପଭୋକ୍ତାମାନଙ୍କ ସ୍ୱାର୍ଥର ସୁରକ୍ଷା ଦୃଷ୍ଟିରୁ କିପରି ଅଧିକ କ୍ରିୟାଶୀଳ କରାଯାଇପାରିବ ସେଥି ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି । ଭାରତୀୟ ମାନକ ବ୍ୟୁରୋ ଦ୍ୱାରା ୨୦ ହଜାରରୁ ଅଧିକ ଦ୍ରବ୍ୟ ନିମନ୍ତେ ମାନକ ପ୍ରସ୍ତୁତ କରାଯାଇଥିବାବେଳେ ବିଦେଶରୁ ଆମଦାନୀ କରାଯାଉଥିବା ଦ୍ରବ୍ୟଗୁଡ଼ିକ ଯେପରି ଭାରତୀୟ ମାନକ ବ୍ୟୁରୋ ଦ୍ୱାରା ଧାର୍ଯ୍ୟ ମାନକ ଅନୁଯାୟୀ ହୋଇଥିବ ସେଥି ନିମନ୍ତେ ପଦକ୍ଷେପ ନେବାର ଆବଶ୍ୟକତା ରହିଛି । ୨୦୨୧ ଜୁନ ପହିଲାରୁ ହଲ୍‌ମାର୍କ ସୁନାଗହଣା ବିକ୍ରିକୁ ବାଧ୍ୟତାମୂଳକ କରାଯାଇଥିବାବେଳେ ବିକ୍ରି ହେଉଥିବା ପିଇବା ପାଣିର ମାନ ନିର୍ଦ୍ଧାରଣ କରିବା ଜରୁରୀ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ଏଥି ସହିତ ବିଦେଶକୁ ରପ୍ତାନୀ ହେଉଥିବା, ସରକାରଙ୍କୁ ଯୋଗାଣ ହେଉଥିବା ଦ୍ରବ୍ୟ ଏବଂ ସାଧାରଣ ଖାଉଟି ବ୍ୟବହାର କରୁଥିବା ଦ୍ରବ୍ୟ ଗୋଟିଏ ମାନର ହେବା ଆବଶ୍ୟକ ବୋଲି ମନ୍ତ୍ରୀ କହିଥିଲେ । ସଂପ୍ରତି ଉତ୍ପାଦିତ ଦ୍ରବ୍ୟର ମାନ ନିର୍ଦ୍ଧାରଣ ନିମନ୍ତେ ରାଜ୍ୟରେ ଅଧିକ ସଂଖ୍ୟକ ଅତ୍ୟାଧୁନିକ ପରୀକ୍ଷାଗାର ପ୍ରତିଷ୍ଠା କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଭାରତୀୟ ମାନକ ବ୍ୟୁରୋର ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଦେଶରେ ସଂପ୍ରତି ଖାଉଟି ସୁରକ୍ଷା ଆଇନ ୨୦୧୯ ପ୍ରଣୟନ କରାଯାଇଥିବା ପରିପ୍ରେକ୍ଷୀରେ ନୂତନ ଆଇନକୁ ଦୃଷ୍ଟିରେ ରଖି ଭାରତୀୟ ମାନକ ବ୍ୟୁରୋ ତା'ର କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା ପାଇଁ ମନ୍ତ୍ରୀ କହିଥିଲେ । ଦ୍ରବ୍ୟର ଗୁଣବତା ବଜାୟ ରଖିବା ନିମନ୍ତେ ମାନକ ପରୀକ୍ଷଣ ବାଧ୍ୟତାମୂଳକ କରାଯିବା ସହିତ ଅସାଧୁ ବ୍ୟବସାୟୀଙ୍କ ଦ୍ୱାରା ନକଲି ଦ୍ରବ୍ୟ ବିକ୍ରି ବିରୋଧରେ ଯାଂଚ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ।

ଭାରତୀୟ ମାନକ ବ୍ୟୁରୋ, ଭୁବନେଶ୍ୱରର କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ ଓ ଫଳପ୍ରଦ କରିବା ନିମନ୍ତେ ବାର୍ଷିକ ବୈଠକ ପରିବର୍ତେ ତ୍ରୈମାସିକ ବୈଠକ ଆୟୋଜନ କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଥିବାବେଳେ ଯେଉଁ ସଭ୍ୟମାନେ କ୍ରମାଗତ ଦୁଇଟି ବୈଠକରେ ଯୋଗଦେବେ ନାହିଁ, ସେମାନଙ୍କୁ ପରିବର୍ତନ କରାଯାଇ ନୂତନ ସଭ୍ୟଙ୍କୁ ସାମିଲ କରିବା ପାଇଁ କହିଥିଲେ ।

## କନ୍ୟା ଝରାଏ....

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ସେହି ସୁବିଧା ହାସଲ ପାଇଁ ଭାରତର ସେନା ଉପମୁଖ୍ୟ ଚଣ୍ଡୀ ପ୍ରସାଦ ମହାନ୍ତି କହିଥିଲେ । ତେବେ ଅଭିଭାବକ ମାନେ ସେପରି ସୁବିଧା ସୁଯୋଗକୁ ହାତ ଛଡ଼ା ନ କରିବା ପାଇଁ ଚେଷ୍ଟା କରିବା ଉଚିତ୍ । ଆଉ ବାଳିକା ମାନଙ୍କ ଖେଳ କସରତ ପ୍ରତି ଧ୍ୟାନ ଦେବା ଦରକାର । ସରକାର ମଧ୍ୟ ବାଳିକା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ପ୍ରଦାନ କଲେ ନିଶ୍ଚିତ ରୂପେ ସେମାନେ ସଫଳ ହୁଅନ୍ତେ । ରାଷ୍ଟ୍ରିୟ ବାଳିକା ଦିବସ ପାଳନ କଲା ବେଳେ ଆମ୍ଭେ ମାନେ ଅବହେଳିତ ବାଳିକା ପ୍ରତି ଧ୍ୟାନ ଦେବା ଉଚିତ୍ । କେତେକ ଅସହାୟ ନିଃସହାୟ ବାଳିକାମାନେ ଧନ ଅଭାବରୁ ପାଠ ପଢାରୁ ବଞ୍ଚିତ ହେଉଛନ୍ତି । ଆଉ କେତେକ ଦରିଦ୍ର୍ୟର କଷାଘାତରେ ଦୂର ମୂଳକରେ ବେଠିବେଗାରୀ ଖଟୁଛନ୍ତି । ନିଜର କନ୍ୟା ସନ୍ତାନ ପରି ଦୁଖିନୀ ଅଚିହ୍ନା ମା'ର ଭିଜିଲା ଆଖିରୁ ଲୁହ ପୋଛି ଦେଲେ ବହୁତ ପୁନ୍ୟ ମିଳନ୍ତା । ତା ଛଡ଼ା ଅଲୋଡ଼ା ଅଖୋଜା କନ୍ୟା ରତ୍ନକୁ ଜ୍ଞାନର ଧନରେ ଧନୀ କରିଦେଲେ । ଦେଶର ପ୍ରକୃତ ବିକାଶ ହେବ । ଅଚ୍ୟୁତ ସାମନ୍ତଙ୍କ କଳିଙ୍ଗ ଇନଷ୍ଟ୍ୟୁଟ ଅଫ ସୋସିଆଲ ସାଇନ ପରି ଶିକ୍ଷାନୁଷ୍ଠାନ ଏପରି ସାମାଧାନର ବାଟ ଖୋଲି ପାରେ । ଆମେ ସେପରି ନ କରି ପାରିଲେ ବି ବାଳିକାମାନଙ୍କ ପାଇଁ ସୁରକ୍ଷାର ବଳୟ ପ୍ରଦାନ କରିପାରିବା । ତା ଛଡ଼ା ଆମର ସକ୍ଷମ ନେଇ ସାହାଯ୍ୟ ସହଯୋଗ କରି ପାରିବା । ତେବେ ରାଷ୍ଟ୍ରୀୟ ବାଳିକା ଶିଶୁ ଦିବସ ପାଳନ କରିବାର ସଫଳତାର ମିଳିଯିବ । ଦେଶ ଜାତି ଓ ସମାଜର ଅଶେଷ ଉନ୍ନତି ହେବ ।

## ମୁକୁଳିସଠାରେ ଆନ୍ତଜାତୀୟ ମହିଳା ଦିବସ ପାଳିତ

ବସ୍ତା୯ ।୩ (ନିପ୍ର): କେବେ ସେ ଭଗିନୀ କେବେ ପୁଣିପତ୍ନୀ, କେତେବେଳେ ସଂହାରିଣୀ, ନିମଗ୍ନା ପବିତ୍ରା ଜନନୀ ଦୁହିତା ସୃଷ୍ଟିସ୍ରଷ୍ଟା ନାରାୟଣୀ, ଉପମା ଉର୍ଦ୍ଧରେ ସର୍ବଂସହା ନାରୀ ଜଗତ ମଙ୍ଗଳ ମୟୀ, ନିମଗ୍ନପଥରେ ବିଶ୍ୱ ବିଜୟୀସେ କରୁଣାର୍ଦ୍ରସ୍ନେହ ମୟୀ । ଆଜି ବିଶ୍ୱ ମହିଳା ଦିବସ, ଦିବସରେ ବସ୍ତା ବ୍ଲକ ର ବିଭିନ୍ନ ସ୍ୱେଚ୍ଛା ସେବୀ ସଂଗଠନ ପଞ୍ଚିୟତ ର ମହିଳାମାନେ ଆନ୍ତର୍ଜାତିୟ ମହିଳାଦିବସ ପାଳନକରି ବାର ଦେଖିବାକୁ ମିଳିଛି । ବିଶେଷକରି ବସ୍ତା ବ୍ଲକ ମୁକୁଳିସଠାରେ ବସ୍ତା ବ୍ଲକ ବିଜେଡି ମହିଳା ସଭାପତି ଲିପିକାରାଉଳଙ୍କ ଅଧ୍ୟକ୍ଷତାରେ ମହିଳାଦିବସ ପାଳିତ ହୋଇଯାଇଅଛି । ମୁଖ୍ୟଅତିଥିଭାବେ ବିଧାୟକ ନିତ୍ୟାନନ୍ଦ ସାହୁ, ମୁଖ୍ୟବକ୍ତା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଶ୍ୟାମାପ୍ରସାଦ ବେହେରା, ସମ୍ମାନୀତ ଅତିଥିବସ୍ତା ବ୍ଲକ ଚେୟାରମେନ ଲକ୍ଷ୍ମୀଧର ଦାସ, ଉପାଧକ୍ଷ ମମତା ଦାସ, ମିଡିଆସେଲ ସଂଯୋଜକ ବିରାଜ ସିଂଦେଓ, ବାଲିଆପାଳ ବ୍ଲକ ସଭାପତି ଗୋବିନ୍ଦଦାସ, ଜିଲ୍ଲାପରିଷଦ ରବିନ୍ଦ୍ର ଅଣ୍ଡିଆ, ଯୋଗ ଦେଇ ମହିଳା ଦିବସର ସାରତତ୍ୱ ବିଷୟରେ ବର୍ଣ୍ଣନା କରିଥିଲେ । ମଞ୍ଚତଳେ ଶତାଧିକ ମହିଳା ଉପସ୍ଥିତଥିଲେ ।

## ଜିଲ୍ଲା ମହିଳାମୋର୍ଚ୍ଚା ପକ୍ଷରୁ କୋଭିଡ଼ ଯୋଦ୍ଧା ସମ୍ବର୍ଦ୍ଧନା



ଭଦ୍ରକ,୦୯/୦୩ (ନି.ପ୍ର): ବିଜେପି ଜିଲ୍ଲା ମହିଳାମୋର୍ଚ୍ଚା ପକ୍ଷରୁ ଗତକାଲି ଆନ୍ତର୍ଜାତିକ ମହିଳା ଦିବସ ପାଳନ କରାଯାଇଛି । ଭଦ୍ରକ ବ୍ଲକ ଅର୍ଣ୍ଣପାଳ ଦୁର୍ଗାମଣ୍ଡପଠାରେ ମହିଳାମୋର୍ଚ୍ଚା ଜିଲ୍ଲା ସଭାନେତ୍ରୀ ହରପ୍ରିୟା ସାହୁଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଧାମନଗର ବିଧାୟକ ତଥା ବିରୋଧୀ ଦଳର ଉପନେତା ବିଷ୍ଣୁ ସେଠୀ ଯୋଗ ଦେଇଥିବା ବେଳେ ଅନ୍ୟତମ ବରେଣ୍ୟ ଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ହେମନ୍ତ ପାଢୀ, ଭଦ୍ରକ ବିଧାନସଭା ନେତା ଡାକ୍ତର ପ୍ରଦିପ ନାୟକ, ସାତଭଉଣୀ ମଣ୍ଡଳ ସଭାପତି ଆଦିକନ୍ଦ ନାୟକ, ସାତଭଉଣୀ ମଣ୍ଡଳ ସଭାନେତ୍ରୀ ସୁକାନ୍ତି ମିଶ୍ର, ପୂର୍ବତନ ବ୍ଲକ ଅଧକ୍ଷ ଭାସ୍କର ଚନ୍ଦ୍ର ସାହୁ, ଜିଲ୍ଲା ଉପସଭାପତି ଶ୍ରୀହର୍ଷ ସ୍ୱାଇଁ, ଅଶୋକ ପରିଜା, ଜିଲ୍ଲା ସାଧାରଣ ସମ୍ପାଦକ ଦୁର୍ଗା ପ୍ରସନ୍ନ ଦାସ, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ବିକାଶ ଶ୍ରେଷ୍ଠା, ଜିଲ୍ଲାପରିଷଦ ସଭ୍ୟା ରଂଜିତା ସ୍ୱାଇଁ, ଉମାମଣି ସାହୁ, ନାରୀନେତ୍ରୀ ମନିଷା ବେହେରା ଯୋଗ ଦେଇ ରାଜ୍ୟର ମହିଳାମାନେ ଅସୁରକ୍ଷିତ । ରାଜ୍ୟ ସରକାର ମହିଳା ସଶକ୍ତିକରଣ ନାମରେ ମିଛ ବାଜା ବଜାଉଛନ୍ତି । କେନ୍ଦ୍ରର ବିଭିନ୍ନ ଯୋଜନାକୁ ନିଜନାମରେ କରି ବାହାବା ନେଉଛନ୍ତି । ଏ ସବୁକୁ ମହିଳାମାନେ ବିରୋଧ କରି ନ୍ୟାର୍ଯ୍ୟ ଦାବି ହାସଲ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଆଦର୍ଶ ସିଲେଇ ଶିକ୍ଷୟତ୍ରୀ ସଂଗୀତା ମହାରଣା, ଗ୍ରୀନକାର୍ଡ ଅର୍ଗାନାଇଜର ସସ୍ମିତା ଲେଙ୍କା, ବାବା ମଣି ଏସ୍‌ଏସ୍‌ଜି ସଭାନେତ୍ରୀ ନିରୁପମା ରାଉତ, ବୀଣାପାଣି ଆଞ୍ଚଳିକ ମଞ୍ଚ ସଭାନେତ୍ରୀ ଭାରତୀ ନାୟକ, ଓମ୍‌ସାଇ ଏସ୍‌ଏସ୍‌ଜି ସଭାନେତ୍ରୀ ସ୍ନେହଲତା ଜେନା, ସମ୍ପାଦିକା ମଞ୍ଜୁଲତା ଭଞ୍ଜ, ଖଣ୍ଡତଡ଼ା ପଞ୍ଚାୟତର ନାଏବ ସରପଞ୍ଚ ସତ୍ୟଭାମା ଜେନା, ସ୍ନେହଲତା ପୃଷ୍ଟି, ଅନ୍ନପୂର୍ଣ୍ଣା ମହାରଣା, ମାୟାରାଣି ହୁଇଙ୍କୁ କୋବିଡ଼ ଯୋଦ୍ଧା ସମ୍ମାନରେ ସମ୍ମାନିତ କରାଯାଇଥିଲା ।

## ଅଙ୍କିତ ପଲି କ୍ଲିନିକରେ ନିଃଶୁଳ୍କ ଚକ୍ଷୁ ପରୀକ୍ଷା



ବାଲେଶ୍ୱର,୦୯/୦୩ (ନି.ପ୍ର): ଅଙ୍କିତ ପଲି କ୍ଲିନିକ ପକ୍ଷରୁ ଏକ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଏଡିଏମ ଛକ କ୍ଲିନିକ ପରିସରରେ ଆୟୋଜିତ ଶିବିରରେ ବିଶିଷ୍ଟ ଚକ୍ଷୁ ବିଶେଷଜ୍ଞ ଡାକ୍ତର ଦେବଦତ୍ତ ନାୟକ ଲୋକଙ୍କ ଚକ୍ଷୁ ପରୀକ୍ଷା ସହ ଉଚିତ ପରାମର୍ଶ ଓ ଔଷଧ ପ୍ରଦାନ କରିଥିଲେ । କମ୍ପାଉଣ୍ଡର ତନୟ ଭୌମିକ ରୋଗୀ ପରୀକ୍ଷାରେ ସହଯୋଗୀ ଭାବେ ଦାୟିତ୍ୱ ତୁଲାଇଥିଲେ । ପଲି କ୍ଲିନିକର ସତ୍ତ୍ୱାଧିକାରୀ ଆଶିଷ ଷଡ଼ଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଶତାଧିକ ବ୍ୟକ୍ତି ନିଜର ଆଖି ପରୀକ୍ଷା କରିଥିବା ଦେଖିବାକୁ ମିଳିଥିଲା । ଅଙ୍କତ ପଲି କ୍ଲିନିକର ଏତାଦୃଶ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଗୋଟିଏ ଦିନରେ ୫୭....

ଆଜି ଚିହ୍ନଟ ହୋଇଥିବା ୫୭ ଜଣଙ୍କ ମଧ୍ୟରୁ ୩୪ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୪ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୧୨ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରେ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବାଲେଶ୍ୱର ଜିଲ୍ଲାରେ ଜଣେ ହେଲେ କରୋନା ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବରଗଡ଼ରୁ ୦୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଭଦ୍ରକ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବଲାଙ୍ଗୀର ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବୌଦ୍ଧ ଜିଲ୍ଲାରେ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକ ଜିଲ୍ଲାରୁ ୮ ଓ ଦେବଗଡ ଜିଲ୍ଲାର ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଢେଙ୍କାନାଳ, ଗଜପତି ଗଂଜାମ, ଜଗତସିଂହପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଯାଜପୁରରୁ ୩ ଜଣ, ଝାରସୁଗୁଡ଼ାରୁ ୩ ଜଣ ଚିହ୍ନଟ ହୋଇଥିବା ବେଳେ କଳାହାଣ୍ଡି ଜିଲ୍ଲାରୁ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କନ୍ଧମାଳ, କେନ୍ଦ୍ରାପଡା ଓ କେନ୍ଦୁଝର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଖୋର୍ଦ୍ଧାରୁ ୧୨ ଜଣ ଚିହ୍ନଟ ହୋଇଥିବା ବେଳେ କୋରାପୁଟ ଓ ମାଲକାନଗିରି ରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ମୟୁରଭଂଜ ଜିଲ୍ଲାରୁ ୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁର, ନୟାଗଡ, ନୂଆପଡା ଜିଲ୍ଲାରୁ ଜଣ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ପୁରୀ ଜିଲ୍ଲାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡା ଜିଲ୍ଲାରେ ୧ ସଂକ୍ରମିତ ଚିହ୍ନଟ ହୋଇ ଛନ୍ତି । ସମ୍ବଲପୁରରୁ ୩ ଜଣ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରେ ଜଣେ ହେଲେ ଚିହ୍ନଟ ହୋଇ ନାହାନ୍ତି । ସୁନ୍ଦରଗଡ଼ରୁ ୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଷ୍ଟେଟ୍‌ପୁଲ୍‌ରୁ ୨ ସଂକ୍ରମିତ ଚିହ୍ନଟ ହୋଇ ଛନ୍ତି ।

### ଯାଜପୁର କଲରଙ୍ଗୀ ଖଣି ....

କଲରଙ୍ଗି ଢାବା ଛକ ପୂର୍ବରୁ ବନ୍ଦ ପଡ଼ିଥିବା ଓଏମ୍‌ସି କଲରଙ୍ଗି କ୍ରୋମାଇଟ୍ ଖଣି ମଧ୍ୟସ୍ଥ ପାଦଚଲା ରାସ୍ତାରେ ଅଭିଯୁକ୍ତମାନେ ସେମାନଙ୍କ ବାଟ ଓଗାଳିଥିଲେ । ସନ୍ତୋଷ ପ୍ରଥମେ ପୀଡ଼ିତାଙ୍କୁ ଦୁର୍ବ୍ୟବହାର କରିଥିଲା । ଏହି ସମୟରେ ସହପାଠୀ ଜଣକ ସନ୍ତୋଷକୁ ଠେଲି ଦେଇଥିଲେ । ଏହାପରେ ଅଭିଯୁକ୍ତ ରବି ଓ ସିଲୁ ସହପାଠୀଙ୍କ ମୋବାଇଲ୍ ଛଡ଼ାଇ ନେଇ ତାଙ୍କୁ କାବୁ କରିଥିଲେ । ଅନ୍ୟ ୨ ଜଣ ପୀଡ଼ିତାଙ୍କୁ ଜଙ୍ଗଲ ଆଡ଼କୁ ଟେକି ନେଇଥିଲେ । ସନ୍ତୋଷ ପ୍ରଥମେ ଦୁଷ୍କର୍ମ କରିଥିଲା । ପରେ ସମସ୍ତ କାମାନ୍ଧ ପାଳିକରି ଏଥିରେ ସାମିଲ ହୋଇଥିଲେ । ଏହା ପରେ ୪ ଜଣଯାକ ଏକ ସାଇକଲ୍ ମଗାଇ ପୀଡ଼ିତାଙ୍କୁ ମହ୍ଲାରସାହିସ୍ଥିତ ଏକ ଘରକୁ ନେବାକୁ ଯୋଜନା କରିଥିଲେ । ପ୍ରଥମେ ଇଜ୍ଜତ ଓ ପରେ ନିଜ ଜୀବନ ରକ୍ଷା ପାଇଁ ସେ କାକୁତି ମିନତି ହୋଇଥିଲେ । ମାତ୍ର, କାକୁତିମିନତି ହୋଇଥିଲେ ମଧ ଅପରାଧୀଙ୍କ ଉପରେ ଏହାର ସାମାନ୍ୟତମ ପ୍ରଭାବ ପଡ଼ିନଥିଲା । ପୁରୁଷ ସହପାଠୀ ଜଣକ ପାଖରେ କର୍ତ୍ତବ୍ୟରତ ନିଜ ଗାଁର ଜଣେ ନିରାପତ୍ତାରକ୍ଷୀଙ୍କୁ ସହାୟତା ମାଗିଥିଲେ ମଧ କୌଣସି ଲାଭ ହୋଇନଥିଲା । ଏହି ସମୟରେ ପୀଡ଼ିତାଙ୍କ ଫୋନକୁ ଏକ କଲ୍ ଆସିଥିଲା । ପୀଡ଼ିତା ଫୋନ୍ ରିସିଭ୍ କରିବା ନାଁରେ ଭ୍ୟାନିଟି ବ୍ୟାଗ୍ ଓ ଫୋନ୍ ଛାଡ଼ି ଘଟଣାସ୍ଥଳରୁ ଉଠି ଦୌଡ଼ିଥିଲେ । ପୀଡ଼ିତା ଛାତ୍ରୀ କୌଣସି ପ୍ରକାରେ ଅଭିଯୁକ୍ତକୁ ଠେଲି ଦୌଡ଼ି ଜଣେ ମହିଳା ଗୃହରକ୍ଷୀଙ୍କ ଘରେ ପଶି ଯାଇଥିଲେ । ପୀଡ଼ିତାଙ୍କ ଅବସ୍ଥା ଦେଖି ଗୃହରକ୍ଷୀ ଜଣକ ପ୍ରଥମେ ହଡ଼ବଡ଼େଇ ଯାଇଥିଲେ । ଥାନାକୁ ଖବର କରିଥିଲେ । ଥାନା ଅଧିକାରୀ ରମାକାନ୍ତ ମୁଦୁଲି, ଏସ୍‌ଆଇ ବିଭୂତି ଭୂଷଣ ମହାପାତ୍ର ଓ ମନୋରଞ୍ଜନ ସେଠୀ ସଦଳବଳ ତୁରନ୍ତ ପହଞ୍ଚି ପୀଡ଼ିତାଙ୍କୁ ଉଦ୍ଧାର କରିଥିଲେ ।

### ପାରାଦୀପ ପ୍ଲାଷ୍ଟିକ ପାର୍କ ....

ବୃଦ୍ଧି କରିବା ତଥା ପାରାଦୀପରେ ବିଶୋଧନାଗାରର ସମ୍ପ୍ରସାରଣ ଏବଂ ନାପଟା କ୍ରାକର ପ୍ରକଳ୍ପ ପାଇଁ ଜାଗା ଯୋଗାଇ ଦେବା, ବୟନ ଶିଳ୍ପର ପ୍ରତିଷ୍ଠା, ପେଟ୍ରୋକେମିକାଲ ଶିଳ୍ପର ଅଭିବୃଦ୍ଧି ଏବଂ ଷ୍ଟ୍ରାଟେଜିକ ପେଟ୍ରୋଲିୟମ ରିଜର୍ଭ ସ୍ଥାପନା ପାଇଁ ରାଜ୍ୟ ସରକାର ସହଯୋଗୀ ହେବାକୁ ଧର୍ମେନ୍ଦ୍ର ପ୍ରଧାନ ମତବ୍ୟକ୍ତ କରିଛନ୍ତି । ପାରାଦୀପ ପ୍ଲାଷ୍ଟିକ୍ ପାର୍କ ନେଇ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ ପାରାଦୀପ ଠାରେ ୧୦୬.୭୮ କୋଟି ଟଙ୍କା ବ୍ୟୟରେ ୧୨୦ ଏକର ଜମିରେ ୮୦ଟି ଶିଳ୍ପଭିତିକ ୟୁନିଟ୍ ତଥା ଇଣ୍ଡିଆନ ଅଏଲ ଏବଂ ଇଡକୋର ମିଳିତ ଉଦ୍ୟୋଗରେ ପ୍ଲାଷ୍ଟିକ୍ ପାର୍କ ନିର୍ମାଣ ହେବ । ଏହା ଡାଉନଷ୍ଟ୍ରିମ୍ ପ୍ଲାଷ୍ଟିକ୍ ଶିଳ୍ପ ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଭାରତରେ ପ୍ରଥମ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ପାରାଦୀପ ପ୍ଲାଷ୍ଟିକ ପାର୍କ । ଏହା ପ୍ଲାଷ୍ଟିକର ଆମଦାନୀକୁ ହ୍ରାସ କରିବାରେ ସାହାଯ୍ୟ କରିବ ଏବଂ ମେକ୍ ଇନ୍ ଇଣ୍ଡିଆକୁ ପ୍ରୋତ୍ସାହନ ଦେବ । ଓଡ଼ିଶାର ସାମାଜିକ-ଅର୍ଥନୈତିକ ବିକାଶ ସହ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

## ଆନ୍ତର୍ଯ୍ୟାତୀୟ ମହିଳା ଦିବସ ଉପଲକ୍ଷେ ପାରାଦ୍ୱୀପ ମହାବିଦ୍ୟାଳୟ ଏନ୍‌ସିସି କ୍ୟାଡେଟଙ୍କ ସଚେତନତା ରାଲି

ପାରାଦ୍ୱୀପ,୦୯/୦୩ (ନି.ପ୍ର): ଆନ୍ତର୍ଯ୍ୟାତୀୟ ମହିଳା ଦିବସ ଉପଲକ୍ଷେ ପାରାଦ୍ୱୀପ ମହାବିଦ୍ୟାଳୟ ର ମହିଳା କର୍ମଚାରୀ ଓ ଛାତ୍ରି ମାନଙ୍କର ଏକ ସମ୍ମିଳନୀ ସୋମବାର ଦିନ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ନାରୀମାନେ ସମସ୍ତ ସମସ୍ୟାର କିପରି ସମ୍ମୁଖୀନ କରିବେ, ସେ ସକ୍ରାନ୍ତିୟ ଏକ ସଚେତନତା ରାଲି ଲେଫ୍ଟନାଣ୍ଟ କମ୍ୟାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ରଙ୍କ ତତ୍ତ୍ୱାବଧାନରେ ଏନ୍‌ସିସି କ୍ୟାଡେଟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଏକ ରାଲିର ଆୟୋଜନ କରାଯାଇଥିଲା । ଏହି ରାଲି ସହରର ବିଭିନ୍ନ ସ୍ଥାନ ପରିକ୍ରମା କରି ଶେଷରେ ମହାବିଦ୍ୟାଳୟରେ ପହଞ୍ଚିଥିଲା ।

## ବଳଦଟଣା ଉନ୍ନତ କୃଷି ଯନ୍ତ୍ରପାତି ସମ୍ବନ୍ଧୀୟ କୃଷକମେଳା



ବାଲିଆପାଳ,୦୯/୦୩ (ନି.ପ୍ର): ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ପଶୁ ଶକ୍ତିର ସଦୁପଯୋଗ ସମ୍ବନ୍ଧୀୟ ସର୍ବ ଭାରତୀୟ ସଂଯୋଜିତ ଗବେଷଣା ପ୍ରକଳ୍ପ ତରଫରୁ ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଅନ୍ତର୍ଗତ ମସଡ଼ା ଗ୍ରାମଠାରେ ବଳଦଟଣା ଉନ୍ନତ କୃଷି ଯନ୍ତ୍ରପାତି ସମ୍ବନ୍ଧୀୟ କୃଷକ ମେଳା ବସ୍ତାବ୍ଲକ ସହକାରୀ କୃଷି ଯନ୍ତ୍ରୀ ଇଂ ତନ୍ମୟୀକା ଦାଶଙ୍କ ପ୍ରତେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଯାଇଛି ଓ ଏହି କାର୍ଯ୍ୟକ୍ରମରେ ଆଖପାଖ ଅଂଚଳରୁ ଶତାଧିକ ଅଗ୍ରଣୀ ଚାଷୀ ଯୋଗଦେଇଥିଲେ ଓ ପ୍ରକଳ୍ପର ଗବେଷଣା ଯନ୍ତ୍ରୀ ପ୍ରଫେସର ସଂଗ୍ରାମ କେଶରୀ ସ୍ୱାଇଁ ଉପସ୍ଥିତ ଚାଷୀମାନଙ୍କୁ ପ୍ରକଳ୍ପ ତରଫରୁ ବିକଶିତ ଉନ୍ନତକୃଷି ଯନ୍ତ୍ରପାତି ଯଥା ଓୟୁଏଟି ମୋଡ ପତ୍ର ଲଙ୍ଗଳ, ଉନ୍ନତ ଜୁଆଳି, ମଂଜିବୁଣା ଯନ୍ତ୍ର, କାଦୁଅ କରିବା ଯନ୍ତ୍ର ଇତ୍ୟାଦି ବିଷୟରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ ଓ ରାଜ୍ୟର ବିଭିନ୍ନ ଅଂଚଳରେ ପ୍ରକଳ୍ପ ତରଫରୁ ଅନେକ ତାଲିମ ଶିବିର, କ୍ଷେତ୍ର ପ୍ରଦର୍ଶନୀ, କୃଶକ ମେଳା ଇତ୍ୟାଦିର ଆୟୋଜନ କରାଯାଇ କ୍ଷୁଦ୍ର ଓ ନାମ ମାତ୍ର ଚାଷୀ ମାନଙ୍କୁ ଏହିସବୁ ଉନ୍ନତ ଯନ୍ତ୍ରପାତିର ବ୍ୟବହାରିକ ଜ୍ଞାନ କୌଶଳ ସମ୍ବନ୍ଧରେ ଜ୍ଞାନପ୍ରଦାନ କରାଯାଉଛି ବୋଲି ପ୍ରଫେସର ସ୍ୱାଇଁ ସୂଚନା ଦେଇଥିଲେ ଓ ସହକାରୀ କୃଷି ଅଧିକାରୀ, ଶ୍ରୀଯୁକ୍ତ ଜାଙ୍କ ଦତ୍ତ, ବୃନ୍ଦାବନ ଜୀଉ ସଂସ୍ଥାର ଶ୍ରୀ ରମନୋରଞ୍ଜନ ଅଧିକାରୀ, ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡକ୍ଟର ସୁନୀଲ କୁମାର ମହାପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଉନ୍ନତ କୃଷି ଯନ୍ତ୍ରପାତି ବ୍ୟବହାର କରିବାଦ୍ୱାରା କମ ସମୟରେ, ସୁବିଧାରେ,କମ ଖର୍ଚ୍ଚରେ, କାମ ପରିଶ୍ରମରେ ବିଭିନ୍ନ ଚାଷକାମ କରାଯାଇପାରିବ ବୋଲି ମତ ପ୍ରକାଶ କରିଥିଲେ ଓ ପ୍ରକଳ୍ପ ତରଫରୁ ଅନେକ ଗୁଡିଏ ଉନ୍ନତ କୃଷି ଯନ୍ତ୍ରପାତି, ପଟଚିତ୍ର ଆଦି ମଧ ପ୍ରଦର୍ଶିତ ହୋଇଥିଲା ଓ ଆଜିକାଲି ଚାଷ ପାଇଁ ଲୋକବଳର ଅଭାବ ଓ ବର୍ଦ୍ଧିତ ମଜୁରିଦରକୁ ନଜର ରଖି ଆଧୁନିକ କୃଷି ଯନ୍ତ୍ରପାତିକୁ ସଠିକ ଭାବରେ ବ୍ୟବହାର କରିବା ଏକାନ୍ତ ଆବଶ୍ୟକ ବୋଲି ସମସ୍ତ ଚାଷୀଭାଇମାନେ ଏକମତ ହୋଇଥିଲେ ଓ କୃଷି ଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟର ଚତୁର୍ଥ ବାର୍ଷିକ ଛାତ୍ର ସର୍ଫରଜ ମହମ୍ମଦ, ସୋର ବ୍ଲକର ସହକାରୀ କୃଷି ଯନ୍ତ୍ରୀ ଇଂ ସଞ୍ଜୟ କୁମାର ଶିଅଳ କରୋନା ମହାମାରୀ ସମୟରେ ସାମାଜିକ ଦୂରତ୍ୱ ରକ୍ଷାକରି ଆୟୋଜିତ ହୋଇଥିବା ଏହି କୃଷି ମେଳାକୁ ସମସ୍ତ ଚାଷୀଭାଇମାନେ ବେଶ ପ୍ରଶଂସା କରିଥିଲେ ।

## ମୟୂରୀ ରୟାଲ୍ସ ପ୍ରିମିୟର ଲିଗ୍ ଉଦଯାପିତ

ବାରିପଦା,୦୯/୦୩ (ନି.ପ୍ର): ବାରିପଦା ଷ୍ଟେସନ ଖେଳ ପଡିଆ ଠାରେ ଚାଲିଥିବା ମୟୂରୀ ରୟାଲ୍ସ ପ୍ରିମିୟର ଲିଗର ୬ଷ୍ଠ ସଂସ୍କରଣ ଉଦଯାପିତ ହୋଇଯାଇଛି । ଏଥିରେ ୬ଟି ଟିମ ଅଂଶଗ୍ରହଣ କରିଥିବା ବେଳେ, ୭ତାରିଖ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ମାଆ ଅମ୍ବିକା ୱାରିୟର୍ସ ଏମକେସିସି ଟିମକୁ ପରାସ୍ତ କରି ଚମ୍ପିୟନ ହୋଇଥିଲେ । ଏହି ଲିଗରେ ମେନ ଅଫଦି ଲିଗ ଅମୀତ ମହାନ୍ତି ହୋଇଥିବା ବେଳେ, ମେନ ଅଫଦି ଫାଇନାଲ ଲୋକନାଥ ହୋଇଥିଲେ । ଦଶଦିନ ଧରି ଚାଲିଥିବା ଲିଗର ଉଦଯାପନୀ ଉତ୍ସବରେ ଅତିଥି ଭାବରେ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଲିଗର ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ଦାସ, ସଭାପତି ସଂଜୀବ ଦିୱେଦୀ, ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ସାମ୍ବାଦିକ ସୌମ୍ୟରଞ୍ଜନ ପଟ୍ଟନାୟକ, ଲିଗର ସମ୍ପାଦକ ପ୍ରେମପ୍ରଶନ୍ନ ମିଶ୍ର, ପୂର୍ବତନ କାଉଁନସିଲର ଦେବାସିଷ ପାତ୍ର ଓ ଦେବାଶିଷ ଦାସ ପ୍ରମୁଖ ଉପସ୍ଥିତ ରହି ବିଜେତା ଦଳ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଆମ୍ପାୟାର ଭାବେ ଦେବାଶିଷ ଗୁପ୍ତା ଓ ଲକ୍ଷ୍ମୀଧର ନାଏକ ଖେଳ ପରିଚାଳନା କରିଥିଲେ ।

## ପାରମ୍ପରିକ କୁଟୀରଶିଳ୍ପ ଓ ହସ୍ତଶିଳ୍ପଗୁଡ଼ିକ ଉପଯୁକ୍ତ ଭାବେ ଉପସ୍ଥାପିତ ହୋଇପାରିଲେ ବିଶ୍ୱବଜାରରେ ଚହଳ ସୃଷ୍ଟି କରିପାରିବ : ରାଜ୍ୟପାଳ

ଭୁବନେଶ୍ୱର,୦୯/୦୩ (ନି.ପ୍ର): ଓଡ଼ିଶାର ପାରମ୍ପରିକ କୁଟୀରଶିଳ୍ପ ଓ ହସ୍ତଶିଳ୍ପର ଐତିହ୍ୟ ରହିଛି । ଏହାକୁ ଉପଯୁକ୍ତ ଭାବେ ଉପସ୍ଥାପିତ କରାଯାଇପାରିଲେ ତାହା ବିଶ୍ୱବଜାରରେ ଚହଳ ସୃଷ୍ଟି କରିପାରିବ ବୋଲି ନବମ ଏମ୍‌ଏସ୍‌ଏମଇ ବାଣିଜ୍ୟ ମେଳାର ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି । ଗାନ୍ଧୀଜୀଙ୍କର 'ଗ୍ରାମ ସ୍ୱରାଜ'ର ସ୍ୱପ୍ନକୁ ଏମ୍‌ଏସ୍‌ଏମ୍‌ଇ ବାସ୍ତବ ରୂପ ଦେଇପାରିବ ବୋଲି ସେ ସମବେତ ଉଦ୍ୟୋଗୀମାନଙ୍କୁ ସମ୍ବୋଧିତ କରିଥିଲେ । ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଭାରତୀୟ ଅର୍ଥନୀତି ଓ ସଂସ୍କୃତିର ମୂଳ ଆଧାର । ଏଥିରେ ପାରମ୍ପାରିକ ଜ୍ଞାନର ସଂରକ୍ଷଣ ଓ ଆଧୁନିକୀକରଣ, ବଜାର ସଂଯୋଗ, ଆର୍ଥିକ ଓ ବୈଷୟିକ ପ୍ରୋତ୍ସାହନ ଓ ସର୍ବୋପରି ବ୍ରାଣ୍ଡିଂର ଆବଶ୍ୟକତା ରହିଛି । ଏହି କ୍ଷେତ୍ରରେ ବ୍ୟାପକ କର୍ମସଂସ୍ଥାନ ଓ ନିଯୁକ୍ତି ସୁବିଧା ରହିଛି ଯାହାର ସଠିକ୍ ଉପଯୋଗ ଭାରତୀୟ ଅର୍ଥନୀତିକୁ ନୂଆ ଦିଶା ଦେଇପାରିବ ଏବଂ ୫ ଟ୍ରିଲିୟନ୍ ଅର୍ଥନୀତିର ଲକ୍ଷ୍ୟ ହାସଲ ଦିଗରେ ବିଶେଷ ସହାୟକ ହୋଇପାରିବ ବୋଲି ସେ କହିଥିଲେ । ବିଧାନସଭା ବାଚସ୍ପତି ଶ୍ରୀ ସୂର୍ଯ୍ୟନାରାୟଣ ପାତ୍ର ଯୋଗଦେଇ କହିଲେ ଯେ ଆମେ ଆଜି ବିଦ୍ୟୁତ ଉତ୍ପାଦନ କ୍ଷେତ୍ରରେ ବଳକା ରାଜ୍ୟ, ଜିଡିପି ଅଭିବୃଦ୍ଧିରେ ଦେଶରେ ତୃତୀୟ ସ୍ଥାନ ହାସଲ କରିଛୁ । ସେ ଦୃଷ୍ଟିରୁ ଏମ୍‌ଏସ୍‌ଏମ୍‌ଇ ରାଜ୍ୟର ଅର୍ଥନୀତିର ଦୃଶ୍ୟପଟକୁ ବଦଳାଇ ଦେଇ ପାରିବ ବୋଲି ସେ ଆଶା ପ୍ରକାଶ କରିଥିଲେ । ଏହି ଅବସରରେ ରାଜ୍ୟପାଳ କେତେକ ସଫଳ ଉଦ୍ୟୋଗୀଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ, ସ୍ମୃତିଫଳକ ଓ ପ୍ରମାଣପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଆଜିର ଏହି ଉଦ୍‌ଯାପନୀ ଉତ୍ସବ ରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଅସିତ ତ୍ରିପାଠୀ, ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ । ବିଭାଗୀୟ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରି ବାଣିଜ୍ୟ ମେଳାର ଆଭିମୁଖ୍ୟ, ସଫଳତା ଏବଂ କାର୍ଯ୍ୟକ୍ରମ ସଂପର୍କରେ ବିବରଣୀ ଉପସ୍ଥାପନ କରିଥିଲେ ।

## ବ୍ରହ୍ମପୁରରେ ଷ୍ଟାଡିୟମ୍ ନିର୍ମାଣ କାର୍ଯ୍ୟ ନେଇ ସମୀକ୍ଷା କଲେ କ୍ରୀଡ଼ା ମନ୍ତ୍ରୀ

ଭୁବନେଶ୍ୱର,୦୯/୦୩ (ନି.ପ୍ର): ଇଲେକ୍‌ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ମଙ୍ଗଳବାର ଦିନିକିଆ ବ୍ରହ୍ମପୁର ଗସ୍ତ କରିବା ସହ ଜିଲ୍ଲାର କ୍ରୀଡ଼ା ଭିତିଭୂମି, ଷ୍ଟାଡିୟମ୍ ନିର୍ମାଣ ଏବଂ ଅନ୍ୟାନ୍ୟ ପ୍ରକଳ୍ପର ସମୀକ୍ଷା କରିଛନ୍ତି । ଶ୍ରୀ ବେହେରା ବ୍ରହ୍ମପୁର ଗସ୍ତରେ ଯାଇ ପ୍ରଥମେ ଟାମ୍ପରା ହ୍ରଦ ଏବଂ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ମିତ ପର୍ଯ୍ୟଟନ କେନ୍ଦ୍ର ବୁଲି ଦେଖିଥିଲେ । ଏଥିରେ ଜଳକ୍ରୀଡ଼ାର ସମ୍ଭାବନା ନେଇ ମନ୍ତ୍ରୀ ଶ୍ରୀ ବେହେରା ସ୍ଥାନୀୟ ବ୍ରହ୍ମପୁର ବିଧାୟକ ସୁବାଶ ଚନ୍ଦ୍ର ବେହେରା ଏବଂ ଜିଲ୍ଲାପାଳ ବିଜୟ ଅମୃତ କୁଲାଙ୍ଗେଙ୍କ ସହ ଆଲୋଚନା କରିଥିଲେ । ପରେ ବ୍ରହ୍ମପୁରଠାରେ ନିର୍ମିତ ଇଂଟିଗ୍ରେଟେଡ୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ ।

## ଉଦଳାରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ



ଉଦଳା, ୦୯/୦୩(ନି.ପ୍ର)- ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟ ତରଫରୁ ଆନ୍ତର୍ଜାତିକ ମହିଳା ଦିବସ ଉଦଳାସ୍ଥିତ କପ୍ତିପଦା ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ମହାସମାରୋହରେ ପାଳିତ ହୋଇ ଯାଇଛି । ଟ୍ରଷ୍ଟର ସଭାପତି ପ୍ରମିଳା ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ବିଧାୟକ ଭାସ୍କରଚନ୍ଦ୍ର ମଡ଼େଇ ଯୋଗ ଦେଇ ଆଜି ନାରୀ ପ୍ରଗତି ପଥର ଯାତ୍ରୀ ହେଲେଣି, ତାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବିଭିନ୍ନ ସରକାରୀ ଯୋଜନା ହେଉଥିଲେ ମଧ ଉପଯୁକ୍ତ ପ୍ରଶିକ୍ଷଣ ଅଭାବ କାରଣରୁ ତାହା ଦିଶାହରା ହୋଇ ଯାଉଛି । ଗ୍ରାମାଞ୍ଚଳର ମହିଳା ମାନଙ୍କୁ ବିଭିନ୍ନ ପ୍ରକାର ପ୍ରଶିକ୍ଷଣ ପ୍ରଦାନ କଲେ ସେମାନେ ଅଧିକରୁ ଅଧିକ ଶଶକ୍ତ ହୋଇ ପାରିବେ ବୋଲି ପ୍ରକାଶ କରିଥିଲେ । ବିଶିଷ୍ଟ ଅତିଥି ଭାବରେ ବାଲେଶ୍ୱର ଜିଲ୍ଲାର ଫକିର ମୋହନ ସାହିତ୍ୟ ପରିଷଦର ସମ୍ପାଦକ ଡ଼. କୁମାର ଗୋପାଲ ଯୋଗଦାନ କରି ନାରୀ - ଜାୟା, ଜନନୀ, ଭଗିନୀ ରୂପରେ ପୁରୁଷଙ୍କୁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରିଥାଏ । ଏ ସୃଷ୍ଟିକୁ ସୁନ୍ଦର କରି ଗଢ଼ି ତୋଳିବାର ନାରୀର ଅବଦାନ ଅତୁଳନୀୟ, ତେଣୁ ସେ ଚିରବନ୍ଦନୀୟା ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ମୋବାଇଲରେ ଆସୁଥିବା ଅଶ୍ଳୀଳ ଚିତ୍ର ଏବଂ ଅତି ସହଜରେ ଉପଲବ୍ଧ ହେଉଥିବା ମାଦକ ଦ୍ରବ୍ୟ ହିଁ ନାରୀ ନିର୍ଯ୍ୟାତନାର ମୂଳ କାରଣ ବୋଲି ସମ୍ମାନନୀୟ ଅତିଥି ଶୋଭାରାଣୀ ଦାଶ କହିଥିବା ବେଳେ ସଭାପତି ପ୍ରମିଳା ପଣ୍ଡା ଦୈନନ୍ଦିନ ଘଟୁଥିବା ନାରୀ ନିର୍ଯ୍ୟାତନାକୁ ରୋକିବାକୁ ହେଲେ ଉଭୟ ପୁରୁଷ, ମହିଳା ଏବଂ ସରକାର ମିଳିତ ଭାବେ ଉଦ୍ୟମ କରିବା ଉଚିତ ବୋଲି ନିଜ ବକ୍ତବ୍ୟରେ କହିଥିଲେ । ସମ୍ମାନନୀୟ ଅତିଥି ଭାବେ ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା ଏବଂ ପୂର୍ବତନ କାଉନସିଲର ମମତା ସାହୁ - ମା ମାନେ ତାଙ୍କର ସନ୍ତାନ ମାନଙ୍କୁ ଉପଯୁକ୍ତ ସଂସ୍କାର ଦେଇ ଗଢ଼ି ତୋଳିଲେ ନାରୀ ନିର୍ଯ୍ୟାତନାର ସମସ୍ୟା ଅନେକ ମାତ୍ରାରେ ସମାଧାନ ହୋଇ ପାରନ୍ତା ବୋଲି କହିଥିଲେ ।

## ଡ. ବିଜୟ କୁମାର ଅଗରୱାଲା ଟାସ୍କ ଫୋର୍ସରେ ସଭ୍ୟଭାବେ ମନୋନୀତ



ବାରିପଦା,୦୯/୦୩ (ନି.ପ୍ର): ରାଜ୍ୟର ବିଭିନ୍ନ ଜଂଗଲରେ ନିଆଁ ଲାଗିଛି । ଏହାଫଳରେ ରାଜ୍ୟର ପ୍ରାୟ ୬୦ ଭାଗ ଜଂଗଲ ପୋଡିଛି ବୋଲି ଜଣାପଡିବା ପରେ ଆଜି ରାଜ୍ୟ ସରକାର ଏକ ଉଚ୍ଚକ୍ଷମତା ସଂପନ୍ନ ଟାସ୍କ ଫୋର୍ସ କମିଟି ଗଠନ କରିଛନ୍ତି । ଏହି ନଅ ଜଣିଆ କମିଟି ପୂର୍ବତନ ପିସିସିଏଫ ଡ. ସନ୍ଦୀପ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ଗଠନ କରାଯାଇଛି । ଏଥିରେ ପିସିସିଏଫ ଜିତେନ୍ଦ୍ର କୁମାର ଆବାହକ ସଭ୍ୟ ଥିବା ବେଳେ ବନ୍ୟପ୍ରାଣୀ ପିସିସିଏଫ ଶଶି ପଲ, ଡେରାଡୁନସ୍ଥ ଫରେଷ୍ଟ ସର୍ଭେ ଅଫ ଇଣ୍ଡିଆର ଡାଇରେକ୍ଟର ଜେନେରାଲ ପଙ୍କଜ ଅଗ୍ରୱାଲା, ଡେରାଡୁନସ୍ଥ ଆଇସିଏଫଆରଇର ଡାଇରେକ୍ଟର ଜେନେରାଲଙ୍କ ପ୍ରତିନିଧି, ହାଇଦ୍ରାବାଦସ୍ଥ ଏନଆରଏସିର ଫରେଷ୍ଟ ଏଣ୍ଡ ଇକୋଲୋଜି ବିଭାଗର ମୁଖ୍ୟ, ପିସିସିଏଫ ପିକେ ମଲ୍ଲିକ, ଓଡିଶା ପରିବେଶ ସମିତିର ସେକ୍ରେଟାରୀ ଜୟକୃଷ୍ଣ ପାଣିଗ୍ରାହୀ ଏବଂ ମୟୂରଭଞ୍ଜର ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ତଥା ବରିଷ୍ଠ ସାମ୍ବାଦିକ ଡ. ବିଜୟ କୁମାର ଅଗରୱାଲାଙ୍କୁ ସଭ୍ୟଭାବେ ମନୋନୀତ କରାଯାଇଛି । ଏହି କମିଟି ରାଜ୍ୟର ଜଂଗଲ ଅଂଚଳରେ ଲାଗିଥିବା ନିଆଁର କାରଣ ଓ ପ୍ରତିକାର ନିମନ୍ତେ ତତକ୍ଷଣାତ ପଦକ୍ଷେପ ଓ ବର୍ତ୍ତମାନ ଜଂଗଲ ନିଆଁକୁ ଆୟତ୍ତ କରିବା ପାଇଁ କାର୍ଯ୍ୟକାରୀ ହେଉଥିବା ବ୍ୟବସ୍ଥା ସଂପର୍କରେ ଅନୁଧ୍ୟାନ ସହିତ ନିଆଁ ଲିଭାଇବା ପାଇଁ ଗୋଷ୍ଠୀ ସହଭାଗିତା ସଂପର୍କରେ ଗ୍ରହଣ କରିବାକୁ ଥିବା ବ୍ୟବସ୍ଥା ସଂପର୍କରେ ପ୍ରସ୍ତାବ, ନିଆଁ ଲାଗିବା ପରେ ଜଂଗଲ ନିଆଁରେ ପୋଡିଯାଉଥିବା ବନ୍ୟଜନ୍ତୁ ଓ ବନ୍ୟ ସମ୍ପଦ କ୍ଷତିର ଆକଳନ ଓ ଜଂଗଲ ନିଆଁକୁ ପ୍ରତିରୋଧ ଓ ପରିଚାଳନା ପାଇଁ ଉନ୍ନତ ଯୋଜନା ବାବଦରେ ପ୍ରସ୍ତାବ ଦେବାକୁ ଏହି କମିଟି କାର୍ଯ୍ୟ କରିବ । ଏହି କମିଟିରେ ମୟୂରଭଞ୍ଜ ଜିଲାର ବରିଷ୍ଠ ସାମ୍ବାଦିକ ଓ ଜିଲା ପରିବେଶ ସମିତିର ଅନ୍ୟତମ ଉପାଧକ୍ଷ ଡ. ବିଜୟ କୁମାର ଅଗରୱାଲାଙ୍କୁ ରାଜ୍ୟ ସରକାର ସଭ୍ୟଭାବେ ମନୋନୀତ କରିଥିବାରୁ ଜିଲାର ପରିବେଶବିତ ରାଇରଙ୍ଗପୁର ଆଡଭୋକେଟ ଲଳିତ ମହାନ୍ତ, ବେତନଟୀର ଏପେକ୍ସ ଜଂଗଲ କମିଟିର ଆବାହକ ଡ. ରମାକାନ୍ତ ମହାନ୍ତ, ଯଶିପୁରର ପୂର୍ବତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଓମକାର ରାମ ଏବଂ କରଂଜିଆର ବରିଷ୍ଠ ସାମ୍ବାଦିକ ତଥା ସାମାଜିକ କର୍ମୀ ମଧୁସୂଦନ ନନ୍ଦ ପ୍ରମୁଖ ରାଜ୍ୟ ସରକାରଙ୍କ ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି ।

ବାଲେଶ୍ୱର, ବୁଧବାର, ୧୦ ମାର୍ଚ୍ଚ ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ୫୦ ପ୍ରତିଶତରୁ ଅଧିକ ସଂରକ୍ଷଣ ସପକ୍ଷରେ ଓଡ଼ିଶା ସରକାର ସୁପ୍ରିମକୋର୍ଟଙ୍କୁ ମତାମତ ଦେବାକୁ ସମାଜବାଦୀ ପାର୍ଟିର ଦାବି

ଭୁବନେଶ୍ୱର,୦୯/୦୩ (ନି.ପ୍ର): ମରାଠା ସଂରକ୍ଷଣ ପିଟିସନ ଉପରେ ବିଚାର କରି ସୁପ୍ରିମକୋର୍ଟର ଏକ ୫ ଜଣିଆ ଖଣ୍ଡପୀଠ ସମସ୍ତ ରାଜ୍ୟ ସରକାରମାନେ ଓ କେନ୍ଦ୍ର ସରକାର ଆସନ୍ତା ୧୫ ତାରିଖ ସୁଦ୍ଧା ୧୯୯୨ ମସିହାର 'ଇନ୍ଦିରା ସୁହାନୀ ମୋକଦ୍ଦମା' ଓରଫ୍ ମଣ୍ଡଳ କମିଶନ ରିପୋର୍ଟର କାର୍ଯ୍ୟକାରିତା ନେଇ ନିଜର ମତାମତ ଦେବାପାଇଁ ସବୁ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ଏକ ମତାମତ ମାଗିଛନ୍ତି । ଏଠାରେ ଉଲ୍ଲେଖଥାଉକି, ମଣ୍ଡଳ କମିଶନ ୧୯୯୦ ମସିହାରେ କାର୍ଯ୍ୟକାରୀ ହେଲାପରେ ୧୯୯୨ ମସିହାରେ ଇନ୍ଦିରା ସୋହାନୀ ମୋକଦ୍ଦମାକୁ ବିଚାରକୁ ନେଇ ସୁପ୍ରିମକୋର୍ଟର ଏକ ୯ ଜଣିଆ ଖଣ୍ଡପୀଠ ଏହାକୁ ସାମ୍ବିଧାନିକ ଭାବରେ ସଠିକ୍ କହିବା ସହିତ ବିଶେଷ ପରିସ୍ଥିତିରେ ସରକାର ୫୦ ପ୍ରତିଶତରୁ ଅଧିକ ସଂରକ୍ଷଣ କରିପାରିବେ ବୋଲି ମତାମତ ଦେଇଥିଲେ। ଏହାକୁ ଆଧାର କରି ଦେଶର ୭ଟି ରାଜ୍ୟରେ ଯଥା- ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ମହାରାଷ୍ଟ୍ର, ରାଜସ୍ଥାନ, ଛତିଶଗଡ଼ ଓ ହରିୟାଣା ପ୍ରଭୃତି ରାଜ୍ୟରେ ୫୦ ପ୍ରତିଶତରୁ ଅଧିକ ସଂରକ୍ଷଣ ସରକାରମାନେ ଦେଇଆସୁଛନ୍ତି। ଦଳିତ, ଆଦିବାସୀ ଓ ପଛୁଆବର୍ଗ ଜନସଂଖ୍ୟାକୁ ବିଚାରକୁ ନେଲେ ଏହି ଜନସଂଖ୍ୟା ପାଖାପାଖି ୯୦ ଭାଗରୁ ଅଧିକ ହେବ। ଓଡ଼ିଶା ଏକ ଦରିଦ୍ର ରାଜ୍ୟ ଏବଂ ବଣପାହାଡ଼ ଘେରା ଭୌଗଳିକ ପରିସ୍ଥିତି ଓ ଗମନାଗମନ ଦୃଷ୍ଟିରୁ ମଧ ଏହାର ଅଧିକାଂଶ ଲୋକ ଆଜି ମଧ ବିକାଶଠାରୁ ଦୂରରେ। ରାଜ୍ୟ ସରକାର ୨୦୨୧ ଜନଗଣନାରେ ପଛୁଆବର୍ଗ ଜନସଂଖ୍ୟାକୁ ଗଣନାକୁ ନେବାପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିଥିଲେ। କିନ୍ତୁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କ ମତାମତକୁ ଗ୍ରହଣ ନ କରିବା ଯୋଗୁଁ ଓଡ଼ିଶା ସରକାର ତାଙ୍କ ତରଫରୁ ଆଗାମୀ ମାସରେ ପଛୁଆବର୍ଗ ଜନଗଣନା କରିବା ପାଇଁ ରାଜ୍ୟ ପଛୁଆବର୍ଗ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ରାଜ୍ୟର ସଂଖ୍ୟାଧିକ ଜନସାଧାରଣଙ୍କର ସ୍ୱାର୍ଥକୁ ଆଖି ଆଗରେ ରଖି ସୁପ୍ରିମକୋର୍ଟ ମାଗିଥିବା ମତାମତ ଉପରେ ରାଜ୍ୟ ସରକାର ୧୫ ତାରିଖ ସୁଦ୍ଧା ସଂରକ୍ଷଣ ୫୦ ପ୍ରତିଶତରୁ ଅଧିକ ହେବା ସପକ୍ଷରେ ମତାମତ ଦେବାକୁ ସମାଜବାଦୀ ପାର୍ଟି ରାଜ୍ୟ କମିଟି ଦାବି କରିଛି।

## ଶିମିଳିପାଳ ନିଆଁଲିଭା କାର୍ଯ୍ୟରେ ମୟୂରଭଞ୍ଜ ରାଜପରିବାର

ବାରିପଦା,୦୯/୦୩ (ନି.ପ୍ର): ଶିମିଳିପାଳ ଅଭୟାରଣ୍ୟରେ ଭୟାବହ ଅଗ୍ନିକାଣ୍ଡ ଘଟିଚାଲିଥିବା ବେଳେ ଏହାର ସୁରକ୍ଷା ପାଇଁ ବାହାରିଛନ୍ତି ଅନେକ ସ୍ୱେଚ୍ଛାସେବୀ ସଂଗଠନ ଓ ଯୁବକ ଛାତ୍ର ଏବଂ ମୟୂରଭଞ୍ଜ ପ୍ରେମୀ। ମୟୂରଭଞ୍ଜର ରାଜ ପରିବାର ମଧ୍ୟ ଏଦିଗରେ ପଛରେ ନାହିଁ। ସର୍ବ ପ୍ରଥମେ ମୟୂରଭଞ୍ଜର ରାଜଜେମା ଅକ୍ଷିତା ମଞ୍ଜରୀ ଭଞ୍ଜଦେଓ ନିଜର ଟୁଇଟ ମାଧ୍ୟ ମରେ ଏହି ଘଟଣାକୁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ପହଂଚାଇଥିବା ବେଳେ, ଗତକାଲିଠାରୁ ମୟୂରଭଞ୍ଜ ରାଜପରିବାର ସଦସ୍ୟ ମାନେ ବାଙ୍ଗିରିପୋଷି ବ୍ଲକ ବ୍ରାହ୍ମଣଗାଁ ପଂଚାୟତର ବାସ୍କିତଳା, ଭାଗିରଥିପୁର, ପାହାଡ଼ତଳସାହି



ଗ୍ରାମରେ ମହାରାଣୀ ରଶ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ଓ ରାଜଜେମା ଅକ୍ଷିତା ମଞ୍ଜରୀ ଭଞ୍ଜଦେଓ ପହଂଚି ଥିବା ବେଳେ ପାରମ୍ପରିକ ବାଦ୍ୟନୃତ୍ୟରେ ଗ୍ରାମବାସୀ ସେମାନଙ୍କୁ ସ୍ୱାଗତ କରିଥିଲେ। ଗ୍ରାମବାସୀଙ୍କ ସହ ଆଲୋଚନା କରି ରାଜଜେମା ଲୋକଙ୍କ ସମସ୍ୟା, ଜୀବନ ଜୀବିକା ସମ୍ପର୍କରେ ପଚାରି ବୁଝିବା ସହିତ ବର୍ତ୍ତମାନ ପରିସ୍ଥିତିରେ ଶିମିଳିପାଳକୁ ସୁରକ୍ଷା ଦେବା ପାଇଁ ସମସ୍ତେ ଏକାଠି ହେବା ପାଇଁ ଲୋକଙ୍କୁ ଅନୁରୋଧ କରିଥିଲେ। ସେ ପ୍ରକୃତ ଘଟଣା ସମ୍ପର୍କରେ ଜାଣିବା ପାଇଁ ଆଜି ପରିବେଶବିତ୍ ସୁଶ୍ରୀ ସଂଯୁକ୍ତା ବସାଙ୍କ ସହ ମିଳିତ ଭାବରେ ବିଭିନ୍ନ ଗ୍ରାମକୁ ଯାଇ ଲୋକଙ୍କ ସହ ବସି ଶିମିଳିପାଳର ସୁରକ୍ଷା ସମ୍ପର୍କରେ ଆଲୋଚନା କରିବା ସହିତ ବିଭିନ୍ନ ସ୍ଥାନରେ ଲୋକଙ୍କ ସହ ମିଶି ମହାରାଣୀ ଓ ରାଜଜେମା ନିଆଁ ମଧ୍ୟ ଲିଭାଉଥିବାର ଦେଖିବାକୁ ମିଳିଥିଲା ।

## କରୋନାରେ ଦେଶରେ ଗତ ୨୪ ଘଂଟାରେ ୧୫,୩୮୮ ନୂଆ ମାମଲା

ନୂଆଦିଲ୍ଲୀ,୦୯/୦୩ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୧୫,୩୮୮ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ମୋଟ ୭୭ ଜଣ କରୋନା ରୋଗୀ ପ୍ରାଣ ହରାଇଛନ୍ତି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧,୧୨,୪୪,୭୮୬ ପହଂଚିଛି। ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୧,୮୭,୪୬୨ ଥିବା ବେଳେ ବର୍ତମାନ ସୁଦ୍ଧା ୧,୫୭,୯୩୦ ଜଣ ମୃତ୍ୟୁ ବରଣ କରିଛନ୍ତି ।

## କମେଡି, ନାଟକ ଓ ଗୋଟିପୁଅ ନୃତ୍ୟର ମଜା ନେଲେ ଦର୍ଶକ

ଖଇରା,୦୯/୦୩ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଅର୍ଜୁନପୁର ମଧୁବନ ପଡିଆରେ ଚାଲିଥିବା ୨ଦିନିଆ ରାଜ୍ୟସ୍ତରୀୟ ଶିତ ଉତ୍ସବ ସୋମବାର ସନ୍ଧ୍ୟାରେ କମେଡି,ନାଟକ ଓ ଗୋଟିପୁଅ ନୃତ୍ୟର ତାଳେ ତାଳେ ଉଦ୍‌ଯାପିତ ହୋଇ ଯାଇଛି । ଓଡିଶା ସଙ୍ଗୀତ ନାଟକ ଏକାଡେମୀ,ଜିଲା ସଂସ୍କୃତି ପରିଷଦ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆୟୋଜନ ଏହି କାର୍ଯ୍ୟକ୍ରମର ପ୍ରତ୍ୟେକଟି ପରିବେଷଣ ଅତ୍ୟନ୍ତ ହୃଦୟସ୍ପର୍ଶୀ ଓ ପ୍ରତ୍ୟେକଟି ଅଭିନୟ ଅତ୍ୟନ୍ତ ମନଛୁଆଁ ଥିଲା । କାର୍ଯ୍ୟକ୍ରମ ଆରମ୍ଭରେ ଗୁରୁ ଶାସ୍ୱତ ଯୋଶୀ ଓ ସାଥୀ ମାନଙ୍କର ରଙ୍ଗବତୀ ଗୀତ ସାଙ୍ଗକୁ



ସମ୍ବଲପୁରୀ ନୃତ୍ୟ ଉପସ୍ଥିତ ଦର୍ଶକଙ୍କ ମନମୋହିଥିଲା । ସେହିଭଳି ଚିତ୍ରସେନ ସ୍ୱାଇଁ ଓ ସାଥୀଙ୍କ ଗୋଟିପୁଅର ନୃତ୍ୟର ଝଙ୍କାରରେ ଦର୍ଶକ ମତୁଆଲା ହୋଇ ପଡିଥିଲେ । ମଧ୍ୟାନ୍ତର ବିରତିରେ ସଙ୍ଗୀତ ନାଟକ ଏକାଡେମୀର ସଚୀବ ପ୍ରବୋଧ ରଥଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ,ବାଲେଶ୍ୱର ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ,ପ୍ରକଳ୍ପ ନିର୍ଦ୍ଦେଶକ ରବିନ୍ଦ୍ର କୁମାର ସାହୁ ଅତିଥି ଭାବେ ଯୋଗ ଦେଇ କଳା ଓସଂସ୍କୃତିର ମାଟି ବାଲେଶ୍ୱରରେ ଏହିଭଳି କାର୍ଯ୍ୟକ୍ରମ ସଂସ୍କୃତିକୁ ଉଦ୍‌ଜିବିତ କରିପାରିବ ବୋଲି କହିଥିଲେ। ପରେ ଓଲିଉଡର ପ୍ରଖ୍ୟାତ ହାସ୍ୟଅଭିନେତା ପ୍ରଜ୍ଞା ଓ ଶଙ୍କରଙ୍କ ସଂଳାପରେ ଦର୍ଶକ ହସିହସି ବେଦମ ହୋଇଥିଲେ। ସେହିଭଳି ବ୍ୟାସକବି ଫକୀରମୋହନଙ୍କ କାଳଜୟୀ ପୁସ୍ତକ ପେଣ୍ଟେଣ୍ଟ ମେଡିସିନକୁ ଆରାଧନା ଡ୍ୟାନ୍ସଗ୍ରୁପର କଳାକାର ମାନେ ନାଟକରୂପ ଦେଇଥିଲେ। ପ୍ରତ୍ୟେକଟି ଚରିତ୍ରର ନିଖୁଣ ଅଭିନୟ ଅତ୍ୟନ୍ତ ମନଲୋଭା ଥିଲା। ସମସ୍ତ କଳକାର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରିଚାଳନା କମିଟିର ସମସ୍ତ ସଦସ୍ୟ ଉତ୍ସବ ଆୟୋଜନରେ ସହଯୋଗ କରିଥିଲେ ।

## ପୁଣି ଘାରିଲାଣି ବାଘଭୟ

ଖଇରା,୦୯/୦୩ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ମାଖନପୁର ପଞ୍ଚାୟତ ବାସୀଙ୍କୁ ପୁଣି ଥରେ ବାଘଭୟ ଘାରିଛି । ଏବେ କିଛି ଦିନ ତଳେ ଗ୍ରାମବାସୀ ବାଘରଡି ଶୁଣିବା ପରେ ଘର ଛାତ ଉପରେ ରାତି ଅନିଦ୍ରା ହୋଇ ଜଗୁଛନ୍ତି । ଆନୁମାନିକ ୨ମାସ ତଳେ ଗ୍ରାମ ସଂଲଗ୍ନ ଦୁଲାରପୁର ଜଙ୍ଗଲରେ ଏକ କଲରାପତରିଆ ବାଘ ବୁଲୁଥିବା ଭିଡିଓ ଭାଇରାଲ ହେବା ପରେ ବନ ବିଭାଗ ତରଫରୁ ବାଘ ସନ୍ଧାନ କରାଯାଇଥିଲେ ହେଁ କିଛି ସୁରାକ ମିଳିନଥିଲା । ଏବେ ପୁଣି ଥରେ ବାଘରଡି ଶୁଣୁଥିବା ନେଇ ତରାଙ୍ଗ ଗ୍ରାମର ସନ୍ଧ୍ୟାରାଣୀ ନାୟକ, ଭାମାମଣି ବେହେରା, ରତ୍ନାକର ମାଝୀ ସୂଚନା ଦେଇଛନ୍ତି । ଏହାକୁ ନେଇ ଗ୍ରାମରେ ଭୟର ବାତାବରଣ ସୃଷ୍ଟି ହୋଇଛି । ବନ ବୀଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ମାନେ ଦାବୀ କରିଛନ୍ତି । ଏ ସମ୍ପର୍କରେ ରେଞ୍ଜର ବବିତା ସୋରେନ ଙ୍କୁ ପଚାରିବାରେ କୁଲଡିଆ ନିଆଁ ଲିଭାଇବା କାର୍ଯ୍ୟରେ କର୍ମଚାରୀ ମାନେ ବ୍ୟସ୍ତ ଥିବାରୁ ଏହା ସରିବା ପରେ ଗ୍ରାମବାସୀଙ୍କ ଦାବୀ ସମ୍ପର୍କରେ ଧ୍ୟାନ ଦିଆଯିବ ବୋଲି କହିଛନ୍ତି ।

## ଜାତୀୟ ନାଟକ ମହୋତ୍ସବ କ୍ୟାନ୍‌ଫେଷ୍ଟ-୨୦୨୧



ପାରାଦ୍ୱୀପ,୦୯/୦୩ (ନି.ପ୍ର): ପାରାଦ୍ୱୀପ ଜୟଦେବ ସଦନ ପ୍ରାଙ୍ଗଣରେ ୬ଦିନ ବ୍ୟାପି ହେଉଥିବା ଜାତୀୟ ନାଟକ ମହୋତ୍ସବ କ୍ୟାନ୍‌ଫେଷ୍ଟ-୨୦୨୧ ଭରପୁର ଦର୍ଶକରେ ସଫଳତାର ସହ ଆଗେଇ ଚାଲିଛି। ଏହି ମହୋତ୍ସବର ଚତୁର୍ଥ ସଂନ୍ଧ୍ୟାରେ ପାରାଦ୍ୱୀପ ର ଶ୍ରୀ ଶ୍ରୀ ଜଗନ୍ନାଥ ଲଳିତ କଳା ମଣ୍ଡପ ନାଟକ ଅନୁଷ୍ଠାନ ଦ୍ୱାରା କ୍ୟାପ୍‌ଟେନ ଅତୁଲ୍ୟ ମହାପାତ୍ରଙ୍କ ଦ୍ୱାରା ନିର୍ଦ୍ଦେଶିତ ଓଡିଆ ନାଟକ 'ସ୍ୱୟମ୍ବର' ମଞ୍ଚସ୍ଥ ହୋଇଥିବା ବେଳେ, ପଞ୍ଚମ ସଂନ୍ଧ୍ୟାର ଭୋପାଳର ସ୍ୟାଡୋ ଥିଏଟର ଦ୍ୱାରା ମନୋଜ ନାଏର ନିର୍ଦ୍ଦେଶିତ ହିନ୍ଦି ଭାଷୀ ନାଟକ 'ନେପଥ୍ୟ ମେ ସକୁନ୍ତଳା' ପ୍ରଦର୍ଶିତ ହୋଇଥିଲା । ଏହି ନାଟକକୁ ଦର୍ଶକମାନେ ଭରପୁର ଉପଭୋଗ କରିଥିଲେ। ତେବେ ବୁଧବାର ଶେଷ ଷଷ୍ଠ ସଂନ୍ଧ୍ୟାରେ କଲିକତାର ସୁଦ୍ରକ ନାଟ୍ୟ ସଂସ୍ଥାଦ୍ୱାରା ଦେବାଶିଷ ମଜୁମଦାରଙ୍କ ନିର୍ଦ୍ଦେଶିତ ବଙ୍ଗଳା ନାଟକ 'ତିଥିମିର' ପ୍ରଦର୍ଶିତ ହେବ ।

## ପାରାଦ୍ୱୀପ ଇଫ୍‌କୋରେ ରସାୟନିକ ଦୁର୍ଘଟଣା ଜରୁରୀକାଳୀନ ପ୍ରସ୍ତୁତି ଅଭ୍ୟାସ କୌଶଳ

ପାରାଦ୍ୱୀପ,୦୯/୦୩ (ନି.ପ୍ର): ରସାୟନିକ ଦୁର୍ଘଟଣାରେ ଜରୁରୀକାଳୀନ ଯୋଜନା, ପ୍ରସ୍ତୁତି ଓ ଦାୟିତ୍ୱ ନିମିତ୍ତ ଏକ ଅଭ୍ୟାସ କୌଶଳ ବା ମକ୍‌ଡ୍ରିଲ ପାରାଦ୍ୱୀପ ଇଫ୍‌କୋ ପରିସରରେ ସୋମବାର ଦିନ ଆୟୋଜିତ ହୋଇଯାଇଛି । ସଂପ୍ରତି କୋଭିଡ୍-୧୯ ନିୟମାବଳୀ ଅନୁଯାୟୀ ଏହି ମକ୍‌ଡ୍ରିଲ୍‌ରେ ସାମାଜିକ ଦ୍ୱରତ୍ୱ, ମାସ୍କ ପରିଧାନ, ସଠିକ ସାନିଟାଇଜେସନ, ବିନା ଜନସମାଗମ ଇତ୍ୟାଦି ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି ଅବସରରେ ଇଫ୍‌କୋ ବୈଶୟିକ ନିର୍ଦ୍ଦେକ ଜି.କେ.ଗୌତମ ଏବଂ ଫ୍ୟାକ୍ଟ୍ରି ଆଣ୍ଡ ବଏଲର ପାରାଦ୍ୱୀପ ଶାଖା ସହ ନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ଦଳାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଅଭ୍ୟାସ



କୌଶଳକୁ ଦେଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଇଫ୍‌କୋ ପାରାଦ୍ୱୀପ ୟୁନିଟ୍ ମୁଖ୍ୟ କେ.ଜେ.ପଟେଲ, ଜେ.ଜି.ଏମ୍ ଆର୍.କେ.ପାଣ୍ଡେ, ଫାୟାର ସେଫ୍ଟି ସିନିୟର ମ୍ୟାନେଜର ଏସ୍.କେ.କାମ୍ବଲେ, ଡକ୍ ସେଫ୍ଟି ଅତିରିକ୍ତ ସହ ନିର୍ଦ୍ଦେଶକ ପି.ଗୋପିନାଥ, ପାରାଦ୍ୱୀପ ଆଦର୍ଶ ଥାନା ଅଧିକାରୀ ରଜନୀ କାନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ । ଏହି ମକ୍‌ଡ୍ରିଲ୍‌ରେ ଏନ୍‌ଡିଆର୍‌ଏଫ୍, ଆଇଓସିଏଲ ପାରାଦ୍ୱୀପ ରିଫାଇନେରୀ, ପିପିଏଲ୍, ପାରାଦ୍ୱୀପ ବନ୍ଦର, ବିପିସିଏଲ, ଏଚ୍‌ପିସିଏଲ୍ ଇତ୍ୟାଦି ବହୁ ଶିଳ୍ପାନୁଷ୍ଠାନ ର ଅଧିକାରୀ ଓ ସୁରକ୍ଷା କର୍ମୀ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

## ଏଲଆଇସି ଏଜେଣ୍ଟ ପ୍ରଶିକ୍ଷଣ ଶିବିର

ବାଲେଶ୍ୱର,୦୯/୦୩ (ନି.ପ୍ର): ଜୀବନ ବୀମା ନିଗମ ବାଲେଶ୍ୱର ଶାଖା ପକ୍ଷରୁ ୟୁନିଟସ୍ତରୀୟ ଅଭିକର୍ତ୍ତା ପ୍ରଶିକ୍ଷଣ ଶିବିର ସ୍ଥାନୀୟ କଳିଙ୍ଗ ହୋଟେଲ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଉନ୍ନୟନ ଅଧିକାରୀ ରାଜକୃଷ୍ଣ ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରକୁ ବାଲେଶ୍ୱର ଶାଖା ମୁଖ୍ୟ ପ୍ରବନ୍ଧକ ମୃଣ୍ମୟ କୁମାର ଚକ୍ରବର୍ତ୍ତୀ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। କର୍ତ୍ତବ୍ୟନିଷ୍ଠ ଭାବେ କାର୍ଯ୍ୟ କରିବା ସହ ଜନସାଧାରଣଙ୍କ ବିଶ୍ୱାସଭାଜନ ହେବାକୁ ସେ ଉପସ୍ଥିତ ଏଜେଣ୍ଟମାନଙ୍କୁ ପରାମର୍ଶ ଦେଇଥିଲେ। ଶାଖା ପରିଚାଳକ ପ୍ରଶାନ୍ତ କୁମାର ଦଳେଇ, ସହକାରୀ ଶାଖା ପରିଚାଳକ ରଶ୍ମିକାନ୍ତ ମହାନ୍ତି ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏଲଆଇସିର ବିଭିନ୍ନ ଜନହୀତକର ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଉଲେଖନୀୟ କାର୍ଯ୍ୟଧାରା ଓ ସଫଳତା ପାଇଁ ଏହି ଶିବିରରେ ୧୦ଜଣ ଶ୍ରେଷ୍ଠ ଅଭିକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଦାନନ୍ଦ ପାଣିଗ୍ରାହୀ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଘେରାଇ ଉତ୍ସବ ପାଇଁ ୧୧ଦିନ ଧରି ଅଙ୍ଗନବାଡି କେନ୍ଦ୍ର ଖୋଲୁନାହାନ୍ତି ଦିଦି
### ସିଡିପିଓଙ୍କ ନିକଟରେ ଅଭିଯୋଗ କଲେ ଗ୍ରାମବାସୀ

ବାଲିଆପାଳ,୦୯/୦୩ (ନି.ପ୍ର): କେରାନା କଟକଣା କୋହଳ ହେବାପେର ଗତ ଫେବୃୟାରୀ ୧ ତାରିଖପାଖରୁ ବର୍ଷେଧରି ବନ୍ଦଥିବା ରାଜ୍ୟର ସବୁ ଅଙ୍ଗନବାଡିକେନ୍ଦ୍ର ଖୋଲିଛି । ଗ୍ରାମର ଛୋଟ ଛୋଟ ପିଲାମାନେ ସକାଳ ୯ଟାରୁ ୧୧ଟା ପର୍ଯ୍ୟନ୍ତ କେନ୍ଦ୍ରକୁ ଯାଇ ପାଠ ପଢିବା ସହିତ ଟିଫିନ ଏବଂ ରନ୍ଧାଖାଦ୍ୟ ଖାଇ ଘରକୁ ଫେରୁଛନ୍ତି । କିନ୍ତୁ ବାଲିଆପାଳ ବ୍ଲକ ଅସ୍ତି ପଞ୍ଚାୟତ୬ ନମ୍ବର ଓାର୍ଡରେ ଥିବା ଏକ ମିନି ଅଙ୍ଗନବାଡିକେନ୍ଦ୍ରଟି କର୍ମିଙ୍କ ଘେର ଥିବା ଉତ୍ସବ ପାଇଁ ଆଜକୁ ୧୧ଦିନ ଧରି ବନ୍ଦ ରହିଥିବା ଗ୍ରାମବାସୀ



ସିଡିପିଓଙ୍କ ନିକଟେର ଅଭିଯୋଗ କରିଛନ୍ତି । କେନ୍ଦ୍ରର ସହାୟିକା ଶ୍ରୀମତୀ କାଞ୍ଚନବାଳା ଜେନା ନିଜ ଦିଅର ବାହାଘର ସହିତ ଘରର କାଳୀପୂଜା, ମନସା ପୂଜା ଆଦିରେ ବ୍ୟସ୍ତ ଥାଇ କେନ୍ଦ୍ରକୁ ବନ୍ଦ କରିଛନ୍ତି । ତାଙ୍କୁ ଏବିଷୟରେ ପଚାରିବାରୁ ସେ ଅଫିସରୁ ଛୁଟିନେଇଥିବା କହୁଛନ୍ତି । ଅଙ୍ଗନବାଡିକେନ୍ଦ୍ର ବନ୍ଦ ରହିବା ଯୋଗୁଁ ଏହିସବୁ ଗରିବ ପରିବାରର ଛୋଟ ଛୋଟ ପିଲାମାନେ ପାଠ ପଢିବାରୁ ବଂଚିତ ହେବା ସହିତ ସେମାନଙ୍କୁ ମଧ ଶୁଖିଲା କିମ୍ବା ରନ୍ଧାଖାଦ୍ୟ ମିଳିପାରୁନାହିଁ । ଏଥିସହିତ ଏହି କେନ୍ଦ୍ରରେ କେତେ ପିଲା ପାଠ ପଢନ୍ତି, କେତେଜଣ ପିଲାଙ୍କ ପାଇଁ ଖାଦ୍ୟ ଏବଂ ଅନ୍ୟାନ୍ୟ ସାମଗ୍ରୀ ଆସୁଛି ସେ ବିଷୟରେ ସହାୟିକା କାହାକୁ ଜଣାଉନଥିବା ପ୍ରଭୃତି ଅଭିଯୋଗ ନେଇ ଆଜି ଗ୍ରାମର ଗୌରମଣି ପାତ୍ର, ସଞ୍ଜୁବାଳା ପାତ୍ର, ମମତା ପାତ୍ର, ଝିଲିରାଣୀ ପାତ୍ର, ରଶ୍ମିତା ପାତ୍ର, ନକୁଳ ପାତ୍ରଙ୍କ ସେମେତ ବହୁ ଗ୍ରାମବାସୀ ସିଡିପିଓଙ୍କ ନିକଟେର ଅଭିଯୋଗ କରିଛନ୍ତି । ବାଲିଆପାଳ ସସିଡିପିଓ ତନୁଶ୍ରୀ ମିଶ୍ରଙ୍କୁ ପଚାରିବାରୁ ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୮ ଗିରଫ, ୮୦୦ ବାହନ ଜବତ

ଭୁବନେଶ୍ୱର,୦୯/୦୩ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୮ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୮୦୦ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୧,୭୪,୮୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ବିଏସଏନଏଲ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

ଭୁବନେଶ୍ୱର,୦୯/୦୩ (ନି.ପ୍ର): ବିଏସଏନଏଲ ଓଡ଼ିଶା ସର୍କଲ ମୁଖ୍ୟ ପ୍ରବନ୍ଧକ ଡ. ଉଦୟ ଶଙ୍କର ପଣ୍ଡାଙ୍କ ପୌରୋହିତ୍ୟରେ ବିଏସଏନଏଲ ଭବନର ସମ୍ମିଳନୀ କକ୍ଷରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଦ୍ୱୈତ ନଗରୀ ପୋଲିସ କମିଶନର ଡ. ସୁଧାଂଶୁ ଷଡ଼ଙ୍ଗୀ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଏସଏନଏଲ ଟେଲିକମ ମହିଳା କଲ୍ୟାଣ ସଂଗଠନର ସମସ୍ତ ସଦସ୍ୟଙ୍କ ସମେତ କାର୍ଯ୍ୟାଳୟର କର୍ମଚାରୀମାନଙ୍କ ଉପସ୍ଥିତିରେ ଏହି ସମାରୋହ ପାଳିତ ହୋଇଥିଲା। କାର୍ଯ୍ୟକ୍ରମର ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଟିଡବ୍ଲୁଡବ୍ଲୁଓ ସଭାପତି ଡ.



ମନସ୍ୱିନୀ ପଣ୍ଡା, ଭୁବନେଶ୍ୱର ପ୍ରମୁଖ ସାଧାରଣ ପରିଚାଳକ ଏଚ.ସି ମହାନ୍ତି, ସାଧାରଣ ପରିଚାଳକ (ମାନବ ସମ୍ବଳ/ପ୍ରଶାସନ) ପି.କେ ମହାପାତ୍ର, ସାଧାରଣ ପରିଚାଳକ (ସିଏଫଏ) ଜି.ସି ବିଡ୍ଡିକା, ସାଧାରଣ ପରିଚାଳକ (ଟ୍ରାନ୍ସ) ଏମ.କେ ପଟେଲ, ସାଧାରଣ ପରିଚାଳକ (ସିଏମ) ଡି.କେ ବେହେରା, ସର୍କଲ ଆଇଏଫଏ ହମ୍ମୟ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲା ସ୍ତରୀୟ ଯୋଗାସନ ପ୍ରତିଯୋଗିତା ଅନୁଷ୍ଠିତ



ଉଦଳା ୦୯/୦୩(ନି.ପ୍ର)- ଓଡ଼ିଶା ଯୋଗ ସୋସାଇଟିର ନେତୃତ୍ୱରେ ମୟୂରଭଞ୍ଜ ଜିଲ୍ଲା ଯୁବା ଭାରତ ସମିତି, ପତଞ୍ଜଳି ଯୋଗ ସମିତି, ମହିଳା ପତଞ୍ଜଳି ଯୋଗ ସମିତି ଏବଂ ଭାରତ ସ୍ୱାଭିମାନ ଟ୍ରଷ୍ଟର ମିଳିତ ଉଦ୍ୟମରେ ଚଳିତ ମାର୍ଚ୍ଚ ୭ତାରିଖ ରବିବାର ଦିନ ଜିଲ୍ଲା ସ୍ତରୀୟ ଯୋଗାସନ ପ୍ରତିଯୋଗିତା ଜଗନ୍ନାଥି ସ୍ଥିତ ସ୍ୱରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାର ବିଭିନ୍ନ ସ୍ଥାନରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଏଥିରେ ଅଂଶ ଗ୍ରହଣ କରିଥିଲେ। ନିର୍ଣ୍ଣାୟକ ଭାବେ ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱ ବିଦ୍ୟାଳୟର ଯୋଗ ଏବଂ ନ୍ୟାଚର ପ୍ୟାଥି ବିଭାଗର ପ୍ରଫେସର ସନ୍ତୋଷ କୁମାର ସାହୁ, ଯୋଗ ଶିକ୍ଷକ ଜ୍ୟୋତି ରଂଜନ ଦାସ ଓ ଅଭିଶେକ ପଣ୍ଡା, ପତଞ୍ଜଳି ଯୋଗ ସମିତିର ଜୟଗୋପାଳ ରାୟ, ମହିଳା ପତଞ୍ଜଳି ଯୋଗ ସମିତିର ଅନୀତା ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ନିଜ ନିଜର ଦାୟିତ୍ୱ ତୁଲାଇଥିଲେ। କୃତି ପ୍ରତିଯୋଗୀ ମାନେ ଆଗାମୀ ଦିନରେ ରାଜ୍ୟ ସ୍ତରରେ ଏବଂ ଜାତୀୟ ସ୍ତରରେ ଅଂଶ ଗ୍ରହଣ କରିବାର ସୁଯୋଗ ପାଇବେ ବୋଲି ଜଣା ଯାଇଛି ।

## ପ୍ରତ୍ୟୁଷ ପଣ୍ଡାଙ୍କ 'ଏକାଏକା ଜହ୍ନ' ଗଳ୍ପ ପୁସ୍ତକ ଲୋକାର୍ପିତ

କଟକ/ବାଲେଶ୍ୱର, ୯/୩(ନି.ପ୍ର): ବିଶିଷ୍ଟ ଗାଳ୍ପିକ ପ୍ରତ୍ୟୁଷ ପଣ୍ଡାଙ୍କର କ୍ଷୁଦ୍ରଗଳ୍ପ ସଂକଳନ 'ଏକାଏକା ଜହ୍ନ' ଲୋକାର୍ପିତ ହୋଇଯାଇଛି । କଟକ ଲିଙ୍କରୋଡସ୍ଥିତ ହୋଟେଲ ଶୀତଲର ସମ୍ମିଳନୀ କକ୍ଷରେ ଏହାକୁ ଉନ୍ମୋଚନ କରିଥିଲେ ପ୍ରଖ୍ୟାତ ସାହିତ୍ୟିକ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଭାପତି ଡକ୍ଟର ହୁସେନ ରବି ଗାନ୍ଧୀ । 'ବହିଘର' ପ୍ରକାଶନି ସଂସ୍ଥାର ମୁଖ୍ୟ କବି ଅଭୟ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକାର୍ପଣ ଉତ୍ସବରେ ବିଶିଷ୍ଟ କଥାକାର ସଦାନନ୍ଦ ତ୍ରିପାଠୀ ଏବଂ ଇଂ ବିଷ୍ଣୁ ସାହୁ ଅତିଥି ଆଲୋଚକ ଭାବରେ ଯୋଗ ଦେଇଥିଲେ । ବାଲେଶ୍ୱରର ଅଗ୍ରଣୀ ପ୍ରତ୍ୟୁଷ ପଣ୍ଡା ତାଙ୍କ ଲେଖନୀୟ ସ୍ୱୀକାରୋକ୍ତିରେ ତାଙ୍କର ଜନ୍ମସ୍ଥାନ




ବାଲେଶ୍ୱର ସହରରୁ ହିଁ ତାଙ୍କର କଥାଯାତ୍ରା ଆରମ୍ଭ ହୋଇଥିବା ବେଳେ ତାଙ୍କର ବର୍ତ୍ତମାନର ବୃତ୍ତିଗତ ଜୀବନ ବିତୁଥିବା କଟକ ସହରକୁ ତାଙ୍କ ଲେଖନୀୟ ଜୀବନକୁ ଅଧିକ ପୁଷ୍କଳ କରିଥିବା କଥା କହିଥିଲେ । ପୁସ୍ତକର ମୁଖବନ୍ଧ ଲେଖିଥିବା ଡକ୍ଟର ଗାନ୍ଧୀ ତାଙ୍କର ଅଭିଭାଷଣରେ ଏଥିରେ ସ୍ଥାନିତ ଅନେକ ଗୁଡ଼ିଏ ସଫଳ ମନସ୍ତାତ୍ତ୍ୱିକ ଗଳ୍ପ ସଂପର୍କରେ ଆଲୋଚନା କରିଥିଲେ । ଗାଳ୍ପିକ ସଦାନନ୍ଦ ଦୀର୍ଘକାଳର ନିରବତା ପରେ ଏମିତି ଏକ ସମୃଦ୍ଧ ସଂକଳନକୁ ଜନ୍ମ ଦେଇଥିବାରୁ ପ୍ରତ୍ୟୁଷଙ୍କୁ ବଧେଇ ଜଣାଇଥିଲେ । ଅନ୍ୟତମ ଆଲୋଚକ ବିଷ୍ଣୁ ସାହୁ ଗାଳ୍ପିକଙ୍କର ଲେଖନୀର ଭୂୟସୀ ପ୍ରଶଂସା କରିବା ସହିତ ଆଗାମୀ ଦିନରେ ଆହୁରି ଅନେକ ସଫଳ ଗଳ୍ପ ପାଠକଙ୍କୁ ଭେଟି ଦେବେ ବୋଲି ଆଶା ପ୍ରକାଶ କରିଥିଲେ । ଉତ୍ସବର ଆରମ୍ଭରେ ପ୍ରାଥମିକ ସୂଚନା ପ୍ରଦାନ କରିଥିଲେ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । 'ସ୍ୱାବଲମ୍ବନ'ର ସଂଚାଳକ ତରୁଣ ସାହିତ୍ୟିକ ସନ୍ତୋଷ ବାରିକ । ଏହି କାର୍ଯ୍ୟକ୍ରମରେ ମନୋଜ ପଟ୍ଟନାୟକ, ମୋହିତ ଚକ୍ରବର୍ତ୍ତୀ, ପ୍ରମୋଦ ପ୍ରଧାନ, ଅମିୟ ରଂଜନ ମହାପାତ୍ର, ଅନିତା ମହାନ୍ତି, ଦେବାଶିଷ ସାମନ୍ତରାୟ, ସୁଚେତା ନନ୍ଦ, ସୌମ୍ୟା ଶୁଭଦର୍ଶିନୀ, ସର୍ମିଷ୍ଠା ମହାପାତ୍ର, ଶିବସୁନ୍ଦର, ରାଧାଶ୍ୟାମ ରାଉଳ, ରୀନାକ୍ଷୀ ପଣ୍ଡା, ପ୍ରଭା ମିଶ୍ର, ସୁଧାଂଶୁ ଜେନା, ଆଶିଷ ମହାପାତ୍ର, ସୁବାସ ଚନ୍ଦ୍ର ଜେନା, ଆଲୋକେଶ୍ ମହାପାତ୍ର, ଚିରସ୍ରୋତା, କଳ୍ପତରୁ ରାଉତ, ଅନୁପ ରାୟ, ରୀତା ରାଣୀ ଜେନା, ବିଥିତା ରାୟ, ଅଲେଖ ଚନ୍ଦ୍ର ପ୍ରତିହାରୀ, ମନୋରଂଜନ ବିଷୋୟୀ, ମାନଗୋବିନ୍ଦ ଜେନା, ଅଭିଷେକ ପାଳ, ଯଶପ୍ରଭା ମହାପାତ୍ର, ପବିତ୍ର ବିଶ୍ୱାଳ, ସଂଜୟ କୁମାର ଦାସ, ବାବୁଲି ମହାରଣା ଓ ବିଶ୍ୱନାଥ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo